ଧରିତ୍ରୀ 51 Years
# ଧରିତ୍ରୀ DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, October 15/2025 Page 20 ₹ 7.00
୫୧ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 319 ମୂଲ୍ୟ ₹୭/-

# ୫୧୦୦ ବୋତଲ କଫ୍ ସିରପ୍ ଜବତ, ୨୦ ଗିରଫ

ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଷାକ୍ତ କଫ୍ ସିରପ୍ ଖାଇ ଗତ କିଛିଦିନ ମଧ୍ୟରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ୨୫ରୁ ଊର୍ଦ୍ଧ୍ୱ ପିଲାଙ୍କ ଜୀବନ ଯାଇଛି। କଫ୍ ସିରପର ମାନକୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି। ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଭାରତରେ ପ୍ରସ୍ତୁତ କଫ୍‌ସିରପ୍‌ର ମାନକୁ ନେଇ ସତର୍କ କରାଇଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାରେ ଚୋରା କଫ୍‌ସିରପ୍ କାରବାର ଥମିବାର ନାଁ ନେଉନାହିଁ। କଟକରୁ ସମ୍ବଲପୁରକୁ ଚୋରାଚାଲାଣ ହେଉଥିବା ୫୧୦୦ ବୋତଲ କଫ୍ ସିରପ୍ ପୋଲିସ ଜବତ କରିଛି। ଏହି କାରବାରରେ ଲିପ୍ତ ୨୦ଜଣଙ୍କୁ ଗିରଫ କରାଯାଇ ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଖୁବ୍‌ଶୀଘ୍ର ଏହି ଘଟଣାର ମୁଖ୍ୟଙ୍କୁ ଧରାଯିବ ବୋଲି ପୋଲିସ କହିଛି।


ପୋଲିସ ଦ୍ୱାରା ଜବତ ଜରିବ୍ୟାଗ୍‌ରେ ଥିବା କଫ୍ ସିରପ୍ ବୋତଲ ଓ ଗିରଫ ଅଭିଯୁକ୍ତ।

ସମ୍ବଲପୁର,୧୪।୧୦(ପ୍ରମୋଦ ବହିଦାର)

- କଟକରୁ ସମ୍ବଲପୁର ହେଉଥିଲା ଚୋରାଚାଲାଣ
- ଖୁବ୍‌ଶୀଘ୍ର କିଙ୍ଗ୍‌ପିନ୍‌ଙ୍କୁ ଧରାଯିବ: ଏସ୍‌ପି

ଏକ ପିକ୍‌ଅପ୍ ଭ୍ୟାନରେ ବିପୁଳ ପରିମାଣର ନିଷିଦ୍ଧ ନିଶା କଫ୍ ସିରପ ଚୋରା ଚାଲାଣ ହେଉଥିବା ନେଇ ସୋମବାର ସମ୍ବଲପୁର ଜିଲା ବରେଇପାଲି ଥାନା ଓଆଇସି ରାଧାକାନ୍ତ ବାରିକଙ୍କୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ମଶିନ୍‌କଁଟା ଛକ ନିକଟରେ ପହଞ୍ଚି ଉକ୍ତ ଭ୍ୟାନ ସହ ଏକ କାର ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ଭ୍ୟାନ୍‌ରେ ଥିବା ୫୧୦୦ କଫ୍ ସିରପ୍ ବୋତଲ ଜବତ କରିବା ସହିତ ଉଭୟ ଗାଡ଼ିରେ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ☞ପୃଷ୍ଠା–୪

## ଭାରତରେ କଫ୍ ସିରପ୍ ମାନକୁ ନେଇ ସତର୍କ କରାଇଲା ଡବ୍ଲ୍ୟୁଏଚ୍‌ଓ

ନୂଆଦିଲ୍ଲୀ,୧୪।୧୦

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କଫ୍‌ସିରପ୍ ଖାଇବା ଜନିତ ଶିଶୁ ମୃତ୍ୟୁ ଘଟଣା ପରେ ଭାରତରେ ଚିହ୍ନଟ ହୋଇଥିବା ୩ଟି ନିମ୍ନମାନର ଓରାଲ କଫ୍ ସିରପ୍ କୋଲ୍ଡ୍‌ରିଫ୍, ରେସ୍ପିଫ୍ରେସ୍ ଟିଆର୍ ଏବଂ ରିଲାଇଫ୍ ବିରୋଧରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସତର୍କ ସୂଚନା ଜାରି କରିଛି। ଅନ୍ୟ ଦେଶଗୁଡ଼ିକରେ ଏହି କଫ୍ ସିରପ୍ ଥିବା ଜଣାପଡ଼ିଲେ, ତୁରନ୍ତ ବିଜ୍ଞପିତ କରିବା ପାଇଁ ଡବ୍ଲ୍ୟୁଏଚ୍‌ଓ ବିଶ୍ୱବ୍ୟାପୀ ଜାତୀୟ ନିୟାମକ କର୍ତ୍ତୃପକ୍ଷମାନଙ୍କୁ ଆହ୍ୱାନ ଦେଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଦାନ୍ୟୀଙ୍କଠାରୁ ଆଦାନ୍ୟ

# ବସ୍‌ରେ ନିଆଁ, ୨୦ ଜୀବନ୍ତ ଦଗ୍ଧ

ଜୟପୁର,୧୪।୧୦

ରାଜସ୍ଥାନର ଜୈସଲମେରରୁ ଯୋଧପୁର ଯାଉଥିବା ଏକ ପ୍ରାଇଭେଟ ବସ୍‌ରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ୨୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୫୭ ଜଣ ଯାତ୍ରୀଙ୍କୁ ଧରି ଏହି ବସ୍ ଯାଉଥିବା ବେଳେ ଜୈସଲମେରଠାରୁ ୨୦ କି.ମି. ଦୂର ୱାର୍ ମ୍ୟୁଜିୟମ୍ ନିକଟରେ ସେଥିରେ ନିଆଁ ଲାଗିଯାଇଥିଲା। ପ୍ରଥମେ ବସ୍‌ର ପଛ ଭାଗରୁ ବଡ଼ ଜୋର୍‌ରେ ଧୂଆଁ ଉଠୁଥିବାର ଦେଖିବାକୁ ମିଳିଥିଲା। ଡ୍ରାଇଭର ରାସ୍ତା କଡ଼ରେ ବସ୍‌କୁ ଅଟକାଇଥିଲେ। ତେବେ କିଛି ସମୟ ମଧ୍ୟରେ ପୂରା ବସ୍‌ରେ ନିଆଁ ବ୍ୟାପିଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ସହ ଉଦ୍ଧାରକାର୍ଯ୍ୟ କରିଥିଲେ। ଉଦ୍ଧାରକାର୍ଯ୍ୟରେ ସେନା କର୍ମଚାରୀମାନେ ମଧ୍ୟ ସହାୟତା କରିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ☞ପୃଷ୍ଠା–୪







| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444• **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781• **Chandikhole** TARINI BAJAJ 9937310800, • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Markona** SURAJ BAJAJ **9124626001** • **Jaleswar** SURAJ BAJAJ **9124626016**, • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ତାଜ୍ ପ୍ୟାଲେସ୍ ହୋଟେଲଠାରେ ମଙ୍ଗଳବାର ଗୁଗଲ୍ ଦ୍ୱାରା ଆୟୋଜିତ ଭାରତ ଏଆଇ ଶକ୍ତି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ଆଇଟି ମନ୍ତ୍ରୀ ନାରା ଲୋକେଶ, ଗୁଗଲ କ୍ଲାଉଡ୍ ସିଇଓ ଥୋମାସ୍ କୁରିଆନ ପ୍ରମୁଖଙ୍କ ସହ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେଲ୍‌ଫି ନେଉଛନ୍ତି। (ଫଟୋ-ଚମନ ଗୌତମ)

# ଆନ୍ଧ୍ରରେ ହେବ ଏଆଇ ହବ୍

## ୧୫ ବିଲିୟନ ଡଲାର ନିବେଶ କରିବ ଗୁଗଲ୍

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ଆନ୍ଧ୍ରପ୍ରଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ହବ୍‌ନିର୍ମାଣ ହେବାକୁଥିବାବେଳେ ଗୁଗଲ୍ ଆଗାମୀ ୫ ବର୍ଷରେ ଏଥିରେ ୧୫ ବିଲିୟନ ଡଲାର ନିବେଶ କରିବ। ଆଦାନୀ ଗ୍ରୁପ୍ ସହ ସହଭାଗିତାରେ ନିର୍ମାଣ ହେବାକୁ ଥିବା ଏହି ହବ୍‌ରେ ଦେଶର ସର୍ବବୃହତ୍ ଡେଟା ସେଣ୍ଟର ରହିବ। ଉକ୍ତ ପ୍ରକଳ୍ପ ୫ରୁ ୬ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ମୋଟ ୨୦ରୁ ୩୦ ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଥିବା ଏକ ସରକାରୀ ବିବୃତିରେ କୁହାଯାଇଛି।

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ହେବାକୁ ଥିବା ଏହି ଏଆଇ ହବ୍ ଆମେରିକା ବାହାରେ ଗୁଗଲ୍‌ର ସର୍ବବୃହତ୍ ପ୍ରକଳ୍ପ ହେବ, ଯେଉଁଥିରେ ୧ ଗିଗାୱାଟ ଡେଟା ସେଣ୍ଟର କ୍ୟାମ୍ପସ ସହ ନୂତନ ବୃହତ୍ ଶକ୍ତି ଉତ୍ସ ଏବଂ ସମ୍ପ୍ରସାରିତ ଫାଇବର ଅପ୍ଟିକ୍ ନେଟ୍‌ୱର୍କ ରହିବ ବୋଲି ଗୁଗଲ୍ ପକ୍ଷରୁ କୁହାଯାଇଛି। ଆମେରିକା ବାହାରେ ବିଶ୍ୱରେ ଏହା ସର୍ବବୃହତ୍ ଏଆଇ ହବ୍ ଯେଉଁଠି ଆମେ ନିବେଶ କରିବାକୁ ଯାଉଛୁ ବୋଲି ଗୁଗଲ୍ କ୍ଲାଉଡ୍ ସିଓଓ ଥୋମାସ୍ କୁରିଆନ୍ ଆନୁଷ୍ଠାନିକ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି।

ଗୁଗଲ୍ ଦ୍ୱାରା ଆୟୋଜିତ ଭାରତ ଏଆଇ ଶକ୍ତି କାର୍ଯ୍ୟକ୍ରମରେ ଏହି ଘୋଷଣା କରାଯାଇଛି। ଆଗାମୀ ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ପାଇଁ ଏହି ପୂର୍ବବର୍ତ୍ତୀ କାର୍ଯ୍ୟକ୍ରମ ବୋଲି କୁହାଯାଉଛି। ଏଥିରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ଅନ୍ୟମାନେ ଯୋଗଦେଇଥିଲେ। ଗୁଗଲ୍ ସିଇଓ ସୁନ୍ଦର ପିଚାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉକ୍ତ ଯୋଜନା ସମ୍ପର୍କରେ କଥା ହୋଇଥିବା କହିଛନ୍ତି। ଭାରତରେ ଏହା ବର୍ତ୍ତମାନ ସୁଦ୍ଧା ସର୍ବବୃହତ୍ ପୁଞ୍ଜିନିବେଶ। ଆଦାନୀ ଗ୍ରୁପ୍ ସହ ଗୁଗଲ୍ ବିଶାଖାପାଟଣାରେ ବୃହତ୍ ଡେଟା ସେଣ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା ହବ୍ ନିର୍ମାଣ କରିବ ବୋଲି ପିଚାଇ କହିଛନ୍ତି। ଗୁଗଲ୍ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ପରେ ପିଚାଇ Xରେ ଏହା ପୋଷ୍ଟ କରିଛନ୍ତି। ଶିଳ୍ପପତି ଗୌତମ ଆଦାନୀଙ୍କ ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇସେସ୍ କହିଛି, ମିଳିତ ଉଦ୍ୟୋଗ କମ୍ପାନୀ ଆଦାନୀକନେକ୍ସ ଗୁଗଲ୍ ସହ ମିଶି ବିଶାଖାପାଟଣାରେ ଭାରତର ସର୍ବବୃହତ୍ ଏଆଇ ଡେଟା ସେଣ୍ଟର କ୍ୟାମ୍ପସ ଏବଂ ନୂଆ ଗ୍ରୀନ୍ ଏନର୍ଜି ଭିତ୍ତିଭୂମିର ବିକାଶ କରିବ।

## ପୋଷାକ କାରଖାନାରେ ଅଗ୍ନିକାଣ୍ଡ, ୧୬ ମୃତ

ଢାକା,୧୪।୧୦ (ପି.ଟି.)

ବାଂଲାଦେଶର ରାଜଧାନୀ ଢାକାସ୍ଥିତ ଏକ ପୋଷାକ କାରଖାନା ଏବଂ ରାସାୟନିକ ଗୋଦାମରେ ମଙ୍ଗଳବାର ନିଆଁ ଲାଗି ୧୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଢାକାର ମିରପୁରସ୍ଥିତ ଏକ ପୋଷାକ କାରଖାନା ଏବଂ ରାସାୟନିକ ଗୋଦାମର ପ୍ରଥମ ଏବଂ ଦ୍ୱିତୀୟ ମହଲାରେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁଲିଭା କାର୍ଯ୍ୟ ଆରମ୍ଭ କରିଥିଲା। ଅନେକ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳରୁ ରେସ୍କ୍ୟୁ ଟିମ୍ ୧୬ ମୃତଦେହକୁ ଜବତ କରିବା ସହ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛି।

## ଗୋଆ ଚାଲାଣ ବେଳେ ୧୨ ନାବାଳକ ଟ୍ରେନ୍‌ରୁ ଉଦ୍ଧାର

ରାଞ୍ଚି,୧୪।୧୦

ଝାଡ଼ଖଣ୍ଡର ଏକ ଟ୍ରେନ୍‌ରୁ ଗୋଆ ଚାଲାଣ ହେଉଥିବା ଜଣେ ନାବାଳିକା ଏବଂ ୧୨ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି।ସୋମବାର ସନ୍ଧ୍ୟାରେ ଭାସ୍କୋ ଡା ଗାମା (ଭିଏସ୍‌ଜି) ୱିକଲି ଏକ୍ସପ୍ରେସ୍ ଟ୍ରେନ୍ ମାଧ୍ୟମରେ କେତେଜଣ ନାବାଳକଙ୍କୁ ଚାଲାଣ କରାଯାଉଥିବା ନେଇ ରେଳ ସୁରକ୍ଷା ବାହିନୀ (ଆରପିଏଫ୍)କୁ ଗୋଇନ୍ଦା ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଆର୍‌ପିଏଫ୍ ଯବାନମାନେ ମୁରି ଷ୍ଟେଶନରେ ଟ୍ରେନ୍‌ରେ ଚଢ଼ି ଚାଲାଣ ହେଉଥିବା ନାବାଳିକା ଏବଂ ନାବାଳକଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କର ବୟସ ୧୨ରୁ ୧୭ ବର୍ଷ ମଧ୍ୟରେ ରହିଛି। କାମ ପାଇବା ପାଇଁ ଗୋଆ ଯିବାକୁ ସେମାନଙ୍କୁ କୁହାଯାଇଥିଲା ବୋଲି ଉଦ୍ଧାର ହୋଇଥିବା କେତେଜଣ ନାବାଳକ କହିଛନ୍ତି। ଘଟଣାକୁ ନେଇ ଜିଆର୍‌ପି ରାଞ୍ଚିରେ ଏକ ମାମଲା ରୁଜୁ କରାଯାଇଛି।

# ହରିୟାଣାରେ ଆଉ ଜଣେ ପୋଲିସ ଅଫିସରଙ୍କ ଆତ୍ମହତ୍ୟା

## ଭିଡିଓରେ ପୁରନ୍ କୁମାରଙ୍କ ନାଁରେ ଗମ୍ଭୀର ଦୁର୍ନୀତି ଅଭିଯୋଗ

ଚଣ୍ଡିଗଡ଼,୧୪।୧୦(ପି.ଟି.)



ୱାଇ. ପୁରନ୍ କୁମାର



ସନ୍ଦୀପ୍ କୁମାର

ହରିୟାଣା ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ସନ୍ଦୀପ୍ କୁମାର ମଙ୍ଗଳବାର ରୋହତକ୍ ଜିଲାରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ୬ ମିନିଟ୍‌ର ଏକ ଭିଡିଓ ଏବଂ ୩ ପୃଷ୍ଠାର ଏକ ନୋଟ୍ ଛାଡ଼ିଯାଇଛନ୍ତି, ଯେଉଁଥିରେ ପୂର୍ବରୁ ଆତ୍ମହତ୍ୟା କରିଥିବା ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। ତେବେ ଭିଡିଓ ଏବଂ ନୋଟ୍‌ର ସତ୍ୟତା ତୁରନ୍ତ ଯାଞ୍ଚ ହୋଇପାରି ନ ଥିବାରୁ ବର୍ତ୍ତମାନ ସ୍ଥିତିରେ କିଛି କହିବା କଷ୍ଟକର। ଫୋରେନ୍‌ସିକ୍ ଟିମ୍ ଏହାର ତଦନ୍ତ ଜାରି ରଖିଥିବା ରୋହତକ୍ ଏସ୍‌ପି ଏସ୍.ଏସ୍. ଭୋରିଆ କହିଛନ୍ତି।

ଗତ ସପ୍ତାହରେ ରୋହତକ୍ ଜିଲା ପୋଲିସ ଆଇଜି ପୁରନ୍‌ଙ୍କ ଆତ୍ମହତ୍ୟା ଘଟଣା ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା। ସେ ଚଣ୍ଡିଗଡ଼ସ୍ଥିତ ଘରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ରୋହତକ୍ ସାଇବର ସେଲ୍ ଏଏସ୍‌ଆଇ ସନ୍ଦୀପ୍‌ଙ୍କ ଆତ୍ମହତ୍ୟା ଘଟଣାକୁ ନୂଆ ମୋଡ଼ ଦେଇଛି। ସେ ପୁରନ୍‌ଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଦୁର୍ନୀତି ପଦାରେ ପଡ଼ିଯିବା ଭୟରେ ପୁରନ୍ ଆତ୍ମହତ୍ୟା କରିଥିବା ସନ୍ଦୀପ୍ ଭିଡିଓ ବାର୍ତ୍ତାରେ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ପୁରନ୍ ରୋହତକ୍ ରେଞ୍ଜରେ ପୋଷ୍ଟିଂ ହେବା ପରେ ସଚ୍ଚୋଟ ପୋଲିସ ଅଫିସରମାନଙ୍କୁ ବଦଳି କରି ସେମାନଙ୍କ ସ୍ଥାନରେ ଦୁର୍ନୀତିଗ୍ରସ୍ତମାନଙ୍କୁ ଅବସ୍ଥାପିତ କରାଇଥିଲେ। ଉକ୍ତ ଅଫିସରମାନେ ଫାଇଲ୍ ଚାପିରଖିବା ସହ ପିଟିଶନରମାନଙ୍କୁ ଡାକି ମାନସିକ ନିର୍ଯାତନା ଦେଇ ଟଙ୍କା ଦାବି କରୁଥିଲେ। ବଦଳି ଧମକ ଦିଆଯାଇ ମହିଳା ପୋଲିସଙ୍କୁ ଯୌନ ଶୋଷଣ କରାଯାଉଥିଲା। ସନ୍ଦୀପ୍ ପୂର୍ବତନ ରୋହତକ୍ ଏସ୍‌ପି ନରେନ୍ଦ୍ର ବିଜର୍ନିୟାଙ୍କୁ ସମର୍ଥନ ଜଣାଇଛନ୍ତି, ଯାହାଙ୍କ ନାଁ ପୁରନ୍ ମୃତ୍ୟୁ ଘଟଣା ସହ ସମ୍ପୃକ୍ତି ନେଇ ଏତଲାରେ ରହିଛି। ପୁରନ୍‌ଙ୍କ ଘନିଷ୍ଠ ଥିବା ହେଡ୍ କନ୍‌ଷ୍ଟେବଲ ସୁଶୀଲ କୁମାରଙ୍କୁ ଗିରଫ କରାଇବାରେ ସନ୍ଦୀପ୍‌ଙ୍କ ଭୂମିକା ଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ରୋହତକ୍‌ର ଲାଢୌତ-ଧାମର ରୋଡ୍ ବାସଭବନରୁ ଏଏସ୍‌ଆଇ ସନ୍ଦୀପ୍‌ଙ୍କ ମୃତଦେହ ସହ ଭିଡିଓ ଏବଂ ନୋଟ୍ ମିଳିଛି। ଉକ୍ତ ନୋଟ୍‌ରେ ୮ ଜଣ ଅଫିସରଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଡିଜିପି ଶତ୍ରୁଜିତ୍ କପୁର, ରୋହତକ୍ ଏସ୍‌ପି ନରେନ୍ଦ୍ର ବିଜର୍ନିୟାଙ୍କ ନାଁ ରହିବା ସହ ସାଂଘାତିକ ଜାତି ଆଧାରିତ ଭେଦଭାବ, ଟାର୍ଗେଟ କରି ମାନସିକ ନିର୍ଯାତନା ଦିଆଯିବା ସହ ସର୍ବସାଧାରଣରେ ଅପମାନ ଓ ଅତ୍ୟାଚାର କରାଯାଉଥିଲା ବୋଲି ନୋଟ୍‌ରେ ଉଲ୍ଲେଖ ରହିଛି। ହରିୟାଣା ସରକାର ଡିଜିପି କପୁରଙ୍କୁ ଛୁଟିରେ ପଠାଇଥିବାବେଳେ ବିଜର୍ନିୟାଙ୍କୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଚଣ୍ଡିଗଡ଼ ଯାଇ ମୃତ ଆଇପିଏସ୍ ଅଫିସର ପୁରନ କୁମାରଙ୍କ ପରିବାରକୁ ଭେଟିବା ସହ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନିଙ୍କୁ ନିବେଦନ କରିଛନ୍ତି। ଏହି ଘଟଣା ଦଳିତମାନଙ୍କୁ ଭୁଲ୍ ବାର୍ତ୍ତା ଦେଉଥିବା ରାହୁଲ କହିଛନ୍ତି।

## ମୋଦିଙ୍କ ସୋନିପତ୍ ରାଲି ବାତିଲ

ଚଣ୍ଡିଗଡ଼,୧୪।୧୦

ହରିୟାଣା କ୍ୟାଡର ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ଆତ୍ମହତ୍ୟା ଘଟଣାର ବ୍ୟବଚ୍ଛେଦକୁ ନେଇ ଅଚଳାବସ୍ଥା ଲାଗିରହିଥିବାବେଳେ ଡିଜିପି ଶତ୍ରୁଜିତ କପୁରଙ୍କୁ ହରିୟାଣା ସରକାର ଛୁଟିରେ ପଠାଇ ଦେଇଛନ୍ତି। ହରିୟାଣା ପୋଲିସ ହାଉସିଂ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଏବଂ ରାଜ୍ୟ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଡିଜି ଥିବା ଓମ୍ ପ୍ରକାଶ ସିଂଙ୍କୁ ହରିୟାଣା ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବିତ ସୋନିପତ୍ ଗସ୍ତକୁ ବାତିଲ କରିଦିଆଯାଇଛି। ନାଏବ ସିଂ ସାଇନିଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପ୍ରଥମ ବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀ ସୋନିପତ୍ ଗସ୍ତ କରି ସେଠାରେ ଏକ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ସେଠାରେ ସେ ଜନ ବିଶ୍ୱାସ-ଜନ ବିକାଶ କାର୍ଯ୍ୟକ୍ରମ ଉପରେ ଉଦ୍‌ବୋଧନ ଦେବା ସହ ଅନେକ ନୂଆ ପଦକ୍ଷେପର ଶୁଭାରମ୍ଭ କରିଥାନ୍ତେ। ସେହିପରି ମୁଖ୍ୟମନ୍ତ୍ରୀ ସାଇନି ମଙ୍ଗଳବାର ରାଜ୍ୟସ୍ତରୀୟ ମହର୍ଷି ବାଲ୍ମୀକି ଜୟନ୍ତୀ ଉତ୍ସବରେ ଯୋଗଦେବାକୁ ଥିବାବେଳେ ତାହାକୁ ମଧ୍ୟ ବାତିଲ କରାଯାଇଛି।

## ଆତ୍ମସମର୍ପଣ କଲେ ବରିଷ୍ଠ ମାଓବାଦୀ ନେତା ଭୂପତି

ଗଡ଼ଚିରୋଲି, ୧୪।୧୦



ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ମାଓବାଦୀ ବିରୋଧୀ ଅଭିଯାନକୁ ସଫଳତା ମିଳିଛି। ସୋମବାର ବିଳମ୍ବିତ ରାତିରେ ମାଓବାଦୀ ସଙ୍ଗଠନର ବରିଷ୍ଠ ଏବଂ ପ୍ରଭାବଶାଳୀ ନେତା ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ପଲିଟ୍‌ବ୍ୟୁରୋ ସଦସ୍ୟ ମଲ୍ଲୋଜୁଲା ବେଣୁଗୋପାଳ ରାଓ (୬୯) ୬୦ ଜଣ ସହଯୋଗୀଙ୍କ ସହ ଗଡ଼ଚିରୋଲି ଥାନାରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନରେ ସେ ଭୂପତି ଏବଂ ସୋନୁ ଦାଦା ନାମରେ ପରିଚିତ ଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା, ଓଡ଼ିଶା, ଆନ୍ଧ୍ରପ୍ରଦେଶରେ ବଡ଼ ମାଓବାଦୀ ଆକ୍ରମଣ ପଛରେ ଷଡ଼ଯନ୍ତ୍ର ରଚିଥିବା ନେଇ ଭୂପତିଙ୍କ ନାମରେ ଅଭିଯୋଗ ରହିଛି। ତାଙ୍କୁ ଧରାଇବା ପାଇଁ ପୋଲିସ ୬ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। ଗତ ୪୦ ବର୍ଷ ଧରି ସେ ବିଭିନ୍ନ ମାଓବାଦୀ ସଙ୍ଗଠନରେ ସକ୍ରିୟ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ୫୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

## ବୈଷୟିକ ତ୍ରୁଟି: ଅହମଦାବାଦରେ କାତାର ଏୟାରୱେଜ୍ ବିମାନର ଜରୁରୀ ଅବତରଣ

ଅହମଦାବାଦ, ୧୪।୧୦

କାତାରର ରାଜଧାନୀ ଦୋହାରୁ ହଂକଂ ଯାଉଥିବା କାତାର ଏୟାରୱେଜ୍‌ର ବିମାନ କ୍ୟୁଆର୍ ୮୧୬ ମଙ୍ଗଳବାର ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ବିମାନଟି ଉଡ଼ାଣ କରୁଥିବା ସମୟରେ ସେଥିରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ହଠାତ ବିମାନର କ୍ୟାବିନ ପ୍ରେସର ହ୍ରାସ ପାଇଥିବା ନେଇ ପାଇଲଟ ଅନୁଭବ କରିଥିଲେ ଏବଂ ଏମର୍ଜେନ୍ସି ଘୋଷଣା କରିଥିଲେ। ଏହାପରେ ବିମାନଟିକୁ ଡାଇଭର୍ଟ କରାଯାଇ ଅହମଦାବାଦରେ ଜରୁରୀ ଅବତରଣ କରାଯାଇଥିଲା। ଯାତ୍ରୀମାନେ ଓହ୍ଲାଇବା ପରେ ବିମାନର ବୈଷୟିକ ତ୍ରୁଟି ଯାଞ୍ଚ କରାଯାଉଛି।

# ୭୧ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଭାଜପା

## ୨ ଉପମୁଖ୍ୟମନ୍ତ୍ରୀଙ୍କୁ ଟିକେଟ୍, ବାଚସ୍ପତି ବାଦ୍

### ବିହାର ନିର୍ବାଚନ

ପାଟନା/ନୂଆଦିଲ୍ଲୀ,୧୪।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନ ଲାଗି ଶାସକ ଏନ୍‌ଡିଏରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇ ନ ଥିବାବେଳେ ଭାଜପା ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୭୧ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ୨ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନାଙ୍କୁ ଯଥାକ୍ରମେ ତାରାପୁର ଏବଂ ଲାଖିସରାଇ ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମକୃପାଲ ଯାଦବ ଦାନାପୁର ଆସନରୁ ଲଢ଼ିବେ। ତେବେ ବିଧାନସଭା ବାଚସ୍ପତି ନନ୍ଦକିଶୋର ଯାଦବଙ୍କୁ ଟିକେଟ ମିଳିନାହିଁ। ପାଟନା ସାହିବ ଆସନରୁ ଭାଜପା ରତ୍ନେଶ କୁଶ୍‌ୱାହାଙ୍କୁ ପ୍ରାର୍ଥୀ କରିଛି। ନନ୍ଦକିଶୋର ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନ ପରିଷଦ ସଦସ୍ୟ ତଥା ସ୍ୱାସ୍ଥ୍ୟ ଓ ଆଇନ ମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କୁ ସିୱାନ ଆସନରୁ ପ୍ରାର୍ଥୀ କରାଯାଇଛି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ତାରକିଶୋର ପ୍ରସାଦଙ୍କୁ କଟିହାରରୁ ଏବଂ ସଡ଼କ ନିର୍ମାଣ ମନ୍ତ୍ରୀ ନୀତିନ୍ ନବୀନଙ୍କୁ ବାଙ୍କିପୁରରୁ ପ୍ରାର୍ଥୀ କରାଯାଇଛି। କମନ୍‌ୱେଲ୍‌ଥ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଶ୍ରେୟାସି ସିଂଙ୍କୁ ଜାମୁଇ ଆସନରୁ ଭାଜପା ପ୍ରାର୍ଥୀ କରିଛି।

ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଆସନ୍ତା ୧୭ ଥିବାବେଳେ ୨ ମେଣ୍ଟର ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇପାରିନାହିଁ।ଏନ୍‌ଡିଏ ମେଣ୍ଟରେ ଆସନ ଭାଗବଣ୍ଟା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ ହୋଇଥିବା ଏହାର କେତେଜଣ ନେତା କହିଛନ୍ତି। ତେବେ କେଉଁ ଦଳ କେଉଁ ନିର୍ଦ୍ଦିଷ୍ଟ ଆସନରେ ଲଢ଼ିବ, ତାହା ଉପରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

## ଫୁର୍‌ସତ୍



ଶର୍‌ଭରୀ ୱାଘ

# ଖୁବ୍‌ଶୀଘ୍ର ଶର୍‌ଭରୀ-ଅହାନ ଅନ୍‌ସ୍କ୍ରିନ୍ ଲଭ୍ କେମେଷ୍ଟ୍ରି

ମୁମ୍ବାଇ

ଗତ ଜୁଲାଇ ୧୮ରେ ରିଲିଜ୍ ହୋଇଥିବା 'ସୈୟାରା' ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମ ସହ ଅଭିନେତା ଅହାନ ପାଣ୍ଡେ ବଲିଉଡ୍‌ରେ ଡେବ୍ୟୁ କରି ଲୋକପ୍ରିୟ ହୋଇଥିଲେ। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଯଶରାଜ୍ ଫିଲ୍ମସର ବ୍ୟାନରରେ ଏବଂ ନିର୍ଦ୍ଦେଶକ ଅଲି ଅବ୍ବାସ ଜଫରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଫିଲ୍ମରେ ଅହାନ ନଜରକୁ ଆସିବେ। ୨୦୨୬ ମାର୍ଚ୍ଚରେ ରିଲିଜ୍ ହେବାକୁ ଥିବା ଉକ୍ତ ଫିଲ୍ମରେ ଅହାନଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍‌ଭରୀ ୱାଘଙ୍କୁ ଦେଖିବାକୁ ମିଳିବ। ବ୍ରିଟେନ୍‌ରେ ଏହି ଫିଲ୍ମର ଅଧିକାଂଶ ଶୁଟିଂ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଫିଲ୍ମର ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଅହାନ ଏବଂ ଶରଭରୀ ବ୍ରିଟେନ୍‌ରେ ପହଞ୍ଚିବେ। ଫିଲ୍ମରେ ଆକ୍ସନ, ରୋମାନ୍ସ ଏବଂ ଇମୋଶନାଲ ଟଚ୍ ରହିବ। ଏହାସହ ବଡ଼ ପରଦାରେ ପ୍ରଥମ ଥର ପାଇଁ ଅହାନ ଏବଂ ଶର୍‌ଭରୀଙ୍କର ଲଭ କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ତେଣୁ ଏହି ଫିଲ୍ମକୁ ନେଇ ଉଭୟ ଅହାନ ଏବଂ ଶର୍‌ଭରୀଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଆସନ୍ତା ଡିସେମ୍ବର ୨୫ରେ ରିଲିଜ୍ ହେବାକୁ ଥିବା 'ଆଲ୍‌ଫା' ଫିଲ୍ମରେ ଶର୍‌ଭରୀ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସହ ନଜରକୁ ଆସିବେ।

# ୨,୩୪୬ ପାଉଣ୍ଡର କଖାରୁ ପ୍ରଦର୍ଶନ କଲେ କାଲିଫର୍ନିଆ ଇଞ୍ଜିନିୟର

## ୫୨ତମ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାର ଚାମ୍ପିୟନ ହେଲେ

ହାଫ୍ ମୁନ୍ ବେ, ୧୪।୧୦





ଉତ୍ତର କାଲିଫର୍ନିଆର ହାଫ୍ ମୁନ୍ ବେ ସହରରେ ୫୨ତମ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାର ବିଶ୍ୱ ଚାମ୍ପିୟନଶିପକୁ ଇଞ୍ଜିନିୟର ତଥା ଉଦ୍ୟାନପ୍ରେମୀ ବ୍ରେଣ୍ଡନ ଡସନ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ସେ ଏକ ବିଶାଳ ୨,୩୪୬ ପାଉଣ୍ଡ (୧୦୬୪ କେ.ଜି.) ଓଜନର କଖାରୁକୁ ପ୍ରଦର୍ଶନ କରିଥିଲେ। ବିଜୟୀ ଘୋଷିତ ହେବା ପରେ ବ୍ରେଣ୍ଡନ ଖୁସିରେ ଉଲ୍ଲସିତ ହେବା ସହ ନିଜ ୨ ବର୍ଷର ପୁଅ ଏବଂ ୪ ବର୍ଷୀୟା ଝିଅଙ୍କୁ ତାଙ୍କ ଦ୍ୱାରା ଫଳିଥିବା ବିଶାଳ କଖାରୁ ଉପରେ ବସାଇଥିଲେ, ଯାହାର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ବିଜୟୀ ହେବା ପରେ ଏକ ସାକ୍ଷାତ୍‌କାରରେ ବ୍ରେଣ୍ଡନ କହିଛନ୍ତି, ଗତବର୍ଷ ମଧ୍ୟ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାରେ ସେ ଜିତିବା ସ୍ଥିତିରେ ଥିଲେ। ତେବେ ସେ ଅଳ୍ପକେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲେ। ବୈଦ୍ୟୁତିକ ଯାନ ନିର୍ମାତା ରିଭିଆନ୍ ଅଟୋମେଟିଭ୍‌ର ମ୍ୟାନୁଫ୍ୟାକ୍ଚରିଂ ଇଞ୍ଜିନିୟର ଥିବା ବ୍ରେଣ୍ଡନ କହିଛନ୍ତି, ଏହି ବିଶାଳ କଖାରୁ ଫଳାଇବା ପାଇଁ ତାଙ୍କୁ ପ୍ରାୟ ୫ ବର୍ଷ ସମୟ ଲାଗିଥିଲା। ସବୁଠାରୁ ବଡ଼ କଖାରୁ ପ୍ରଦର୍ଶନ କରିଥିବାରୁ ବ୍ରେଣ୍ଡନଙ୍କୁ ଚାମ୍ପିୟନ ଆଖ୍ୟା ଦିଆଯାଇ ୨୦ ହଜାର ଡଲାର (ପ୍ରାୟ ୧୭ ଲକ୍ଷ ୭୫ ହଜାର ଟଙ୍କା)ର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗତବର୍ଷ ଏହି ପ୍ରତିଯୋଗିତାରେ ବ୍ରେଣ୍ଡନଙ୍କ କଖାରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆମେରିକାର ମିନେସୋଟାସ୍ଥିତ ଉଦ୍ୟାନ କୃଷି ଶିକ୍ଷକ ଟ୍ରାଭିସ୍ ଜିଞ୍ଜର ୨,୪୭୧ ପାଉଣ୍ଡ (୧,୧୨୧ କେ.ଜି)ର କଖାରୁ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ।



Hero
VIDA
ଏହି ପାର୍ବଣରେ
ଘରେ ଘରେ
EVOOTER
VIDA
EVOOTER
VX2
ବଦଳୁଥିବା ଭାରତର ସ୍କୁଟର୍
REMOVABLE BATTERIES
CONVENIENCE OF INDOOR CHARGING
VIDA | BaaS
BATTERY AS A SERVICE
5-YEAR COMPREHENSIVE WARRANTY**
500+ OUTLETS
FOR SALES AND SERVICE
STARTING @JUST
₹84 990*
(EXCLUDING STATE SUBSIDY)
WITH BaaS @JUST
₹44 990*
& PER km COST ₹1.24
Additional benefits available: extended battery warranty (up to 5 years/60k kms for VX2 Plus & 5 years/50k kms for VX2 Go); warranty on critical components up to 5 years/75k kms; access to the fast-charging network & MY VIDA App during the BaaS period; option to avail assured buyback of up to 67.5% of the effective showroom price of the VX2 series. *Limited-period offer. T&C apply. BaaS offer is subject to the terms & conditions of respective financiers. Visit us at: www.vidaworld.com
Hero MotoCorp Limited
(CIN: L35911DL1984PLC017354)
Visit us in BHUBANESWAR: Near Z1 Apartments, Patia - SANJIB AUTOBIKES, 7483326989 | Near Kolathia Chack, Khandagiri - JMG AUTOMOBILES VIDA HUB, 8093180040 | Lewis Road - ARUNDHATI MOTO BIKES, 7428412997 | Near Fire Station Road, Paika Nagar - ROHAN AUTORIDERS, 9348288766 | Plot No. 1, Laxmisagar, in front of Jatri Niwas - BHARAT MOTORS, 8144917904 | JATNI: Near Axis Bank, Main Road - VISHAL AUTOMOBILES, 7428420622 | PURI: S.C.S College Road - SANJIB AUTOBIKES, 7428480242 | CUTTACK: Sikharpur - ESSEN AUTOMOBILES, 7428418996 | Professor Pada Road, Cuttack - JMG AUTOMOBILES, 7428419930 | Kanika Chhak - SUNNY MOTORS, 7428416899 | PURI: S.C.S College Road - SANJIB AUTOBIKES, 7428480242 | JAGATSINGHPUR: Durga Bazar, near Indian Oil Petrol Pump - SUNNY AUTOBIKES, 9289233592 | JAJPUR: Dala Chhak, Jajpur Road – SOUMIK AUTOMOBILES, 8249691119 | CHANDIKHOLE: Plot No. 1925, Sunguda, Jajpur - SK Motors, 9348014043




MARUTI SUZUKI ARENA
FOR THE ONES WHO HAVE IT ALL
PRESENTING
VICTORIS
GOT IT ALL
VICTORIS
INTRODUCTORY PRICE
₹10 49 900*
LIMITED PERIOD ONLY
ALL-ROUND SAFETY
IMMERSIVE IN-CAR EXPERIENCE
EFFORTLESS TECHNOLOGY
CRAFTED INTERIORS
VERSATILE FUEL OPTIONS
Dolby ATMOS | Infinity by HARMAN
Level 2 ADAS with 10+ Features
+ 6 Airbags Standard
+ All Wheel Disc Brakes
Dolby Atmos Spatial Sound Experience
+ Smartplay Pro X 25.65 cm
+ Alexa Auto Voice AI & 35+ In-built Apps
Smart Powered Tailgate with Gesture Control
+ Ventilated Front Seats
+ 8-way Powered Driver Seat
64-Colour Ambient Lighting
+ Panoramic Sunroof
+ Plush Leatherette Seats
Underbody S-CNG
+ Strong Hybrid with EV Mode
+ All Grip Select (4X4)
SCAN AND CONNECT TO A SHOWROOM NEAR YOU
E-BOOK TODAY AT WWW.MARUTISUZUKI.COM
CONTACT US AT 1800-102-1800
Applicable T&C available at your nearest dealership. Creative visualization. Car colour may vary due to printing on paper. Images used are for illustration purposes only. ADAS features are for driver assistance only. Driver is responsible for safe and attentive driving. Features may vary by model/conditions. For details on functioning of safety features including airbags, kindly refer to the Owner's Manual. Trademarks/logos being displayed belong to the respective owners. Infinity is the trademark of HARMAN International Industries, Incorporated. Dolby, Dolby Audio, Dolby Atmos and the double-D symbol are registered trademarks of Dolby Laboratories Licensing Corporation. Amazon, Alexa, and all related marks are trademarks of Amazon.com, Inc. or its affiliates. *Price for ex-showroom Delhi for Lxi (Petrol variant) applicable from 22nd September 2025.
VICTORIS

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଧଳାବାଡ଼ି ସୁରକ୍ଷା ଦିବସ ପାଳନ,ସ୍ଥାନ:ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସ୍ପେଶିଆଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ,ଏସ୍‌ଆଇଆର୍‌ଡ଼ି କମ୍ପ୍ଲେକ୍ସ,ୟୁନିଟ୍‌–୮, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ଏକାଦଶ ଅବଦାନ ନାଟକ ସଳିତା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।
- ଅସୀମ ବାସୁ ଫାଉଣ୍ଡେଶନ୍ ପକ୍ଷରୁ ନାଟକ 'ନୋ ଏକ୍ସପାୟାରୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ସମାଜ ଖବରକାଗଜର ୧୦୬ତମ ସ୍ୱନକ୍ଷତ୍ର ପୂର୍ତ୍ତିପକ୍ଷ ପାଳନ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୫ଟା।

**ପୁରୀ**
- ଦୀପାବଳି ତିଥି ସମ୍ପର୍କରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ସକାଳ ୯ଟା।
- ରାଜ୍ୟ ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ ଯୋଜନାର କାର୍ଯ୍ୟାଦେଶ ବିତରଣ, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡିଶା ଗୋଷ୍ଠୀ ସହାୟିକା ସଂଘର ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳ କର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ବିଦ୍ୟୁତ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଟାଉନ୍ ହଲ୍ ଛକ ଠାରୁ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ସମାଚାର ପକ୍ଷରୁ ବିଶ୍ୱ ବିଦ୍ୟାର୍ଥି ଦିବସ ପାଳନ, ସ୍ଥାନ: ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ସମୟ: ଅପରାହ୍ନ ୩ଟା।
- ସଙ୍ଗଶ୍ରୀ ଫାଉଣ୍ଡେଶନ ପକ୍ଷରୁ ଦୀପଦାନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଜଗନ୍ନାଥବଲ୍ଲଭ ମଠ ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ରାମଚରିତ ମାନସ ପାରାୟଣ, ସ୍ଥାନ: ଶରଧାବାଲି ଅଭୟ ମହାବୀର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଅବଦୁଲ କଲାମଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ରୋମି, ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦିବ୍ୟାଙ୍ଗ ଖେଳାଳିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ବିରୋଧରେ ବୈଠକ, ସ୍ଥାନ: ବାଇଗଣବାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଜିଲା ପରିଷଦ ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ : ପୂର୍ବାହ୍ନ ୧୦ଟା।
- ତରାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ପୋଡ଼ାପାଟଣାସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମତୋ ଡିଗ୍ରୀ କଲେଜ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଜୟ ମିଶ୍ରଙ୍କ ସ୍ମୃତିସଭା, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ବିଶ୍ୱ ହାତଧୁଆ ଦିବସ ପାଳନ, ସ୍ଥାନ: ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ଜିଲା ପରିଷଦ ବୈଠକ,ସ୍ଥାନ:ଜିଲାପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା
- ୯ମ ଦିଶା ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା,ସମୟ: ଅପରାହ୍ନ ୩ଟା।
- ନାଟକ 'ଇତି ଯେବେ ହସେ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା ଅଭିଯାନ, ସ୍ଥାନ: ଆଇଟିଆଇ ଅଡିଟୋରିୟମ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଏପିଜେ ଅବଦୁଲ କାଲାମଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ସିଟି ହାଇସ୍କୁଲ ବ୍ରହ୍ମପୁର, ସମୟ ପୂର୍ବାହ୍ନ ୧୦ ଟା।

**କନ୍ଧମାଳ**
- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କନ୍ଧମାଳ ଷ୍ଟାଡିୟମ ଫୁଲବାଣୀ, ସମୟ: ସକାଳ ୮ ଟା।
- କନ୍ଧମାଳ ମିଳିତ ମଞ୍ଚର ପ୍ରତିବାଦ ଶୋଭାଯାତ୍ରା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ମିଳିତ ଭସାଣି ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ମୀନାବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ନୋବେଲ ବ୍ୟାଖ୍ୟାନମାଳା ଶୀର୍ଷକ ସେମିନାର, ସ୍ଥାନ: ନିଗମାନନ୍ଦ ହାଇସ୍କୁଲ, ମହୁଲପାଳ, କାମାକ୍ଷାନଗର, ସମୟ: ଅପରାହ୍ନ ୨ଟା।

**ଅନୁଗୋଳ**
- ମା' ଗଜଲକ୍ଷ୍ମୀଙ୍କ ମେଳଣ ଉତ୍ସବ, ଆତସବାଜି ପ୍ରଦର୍ଶନ ଓ ଆଙ୍କାଲଡୁ ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ଭାଗବତ ପରିବାର ପକ୍ଷରୁ ୭ଦିନିଆ ଜଗନ୍ନାଥ ପ୍ରବଚନ ଓ ଭାଗବତ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ: ଭାଗବତ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ: ଗୋଗୁଆ ଛକ, କେନ୍ଦ୍ରାପଡ଼ା, ମାର୍କେଟ ଛକ, ମାର୍ଶାଘାଇ, ସମୟ: ସକାଳ ୮ଟା।
- ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ଅପରାହ୍ନ ୩ଟା।

**ଯାଜପୁର**
- ଶହୀଦ ଭଗତସିଂ ଯୁବକ ସଂଘ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ପାଳନ, ସ୍ଥାନ : ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଅଣ୍ଡର ଟ୍ରାଏଲ ପ୍ରିଜନର୍ସ ରିଭ୍ୟୁ କମିଟି ମିଟିଂ, ସ୍ଥାନ : ଜିଲା ଜଜଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା।
- ଡାଇଲେସିସ୍ ସେଣ୍ଟର ସଂକ୍ରାନ୍ତରେ ପ୍ରେଜେଣ୍ଟେସନ ପ୍ରୋଗ୍ରାମ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା।

**ନୟାଗଡ଼**
- ସତ୍ୟସାଇ ବାବାଙ୍କ ଦବ୍ୟପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ରାମଚନ୍ଦ୍ରପୁର, ସରପଡା, ମର୍ଦ୍ଦରାଜପୁର, ବଡପଣ୍ଡୁସର, ସାନପଣ୍ଡୁସର, ନାରାୟଣୀପଡା ଓ ଚମ୍ପତିପୁର, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଓଡଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ନୟାଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ଅପରାହ୍ନ ୩ଟା ।
- ମାଗଣା କୃତ୍ରିମ ଅଙ୍ଗ ପ୍ରତିସ୍ଥାପନ ଶିବିର ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ କ୍ଲବ ନୟାଗଡ, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୬ଷ୍ଠ ଦିବସରେ ବାଲ୍ମୀକି ସମ୍ବାଦ, ଦଶରଥଙ୍କ ମହାପ୍ରୟାଣ, ଭରତଙ୍କ ଚିତ୍ରକୁଟ ଗମନ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୬ଷ୍ଠ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।

**ରାୟଗଡ଼ା**
- ପୋଷଣ ମାହ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ମିଶନ ଶକ୍ତି ଭବନ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ଉମରକୋଟ ବେହେଡ଼ାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମାଁ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ ରେଲି ସାହି, ସମୟ: ଅପରାହ୍ନ ୫ଟା।
- ପ୍ରବଚକ କେଶବ ଦାସ ଦ୍ୱୀତିକୃଷ୍ଣଙ୍କ ଶେଷଦିନ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ମୁଖ୍ୟ ଟ୍ରାଫିକ ଛକ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସ୍କୁଲ ଛକ ସ୍ଥିତ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି, ସମୟ: ସକାଳ ୯ଟା ।
- ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା ।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର କମଲି ବଜାର ସ୍ଥିତ ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା ।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନର ରାବଣ ବଧ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ।

**ବଲାଙ୍ଗୀର**
- ବଲାଙ୍ଗୀର ଜିଲା ସରପଞ୍ଚ ମହାସଂଘ ତୃତୀୟ ବାର୍ଷିକ ସମ୍ମିଳନୀ, ସ୍ଥାନ: ମୀନା ଟେଣ୍ଟହାଉସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

**ରାଉରକେଲା**
- ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର, ସ୍ଥାନ: ପଦ୍ମାବତୀ ମେମୋରିଆଲ ହଲ, ଜେଲ୍ ରୋଡ୍, ସମୟ: ଅପରାହ୍ନ ୫ଟା।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଇଂରାଜୀ ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ରାଉରକେଲା କ୍ଲବ, ସ୍ଥାନ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ଭାରତ ମୁକ୍ତିମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ହାତଧୁଆ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଟେରଚାପଲା, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ,ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନବୀନ ବରଣ ସମାରୋହ ୨୦୨୫, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ ଦେବଗଡ଼, ସମୟ:ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ:ଦେବଗଡ଼ ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି ଓ ଭସାଣି ଉତ୍ସବ, ସ୍ଥାନ: ବିନିକା କୁହ୍ମାପଡା, ସମୟ: ସକାଳ ୮ଟାରୁ।
- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**
- ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ।
- ୮ତମ ମା' ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ଭଷାଣି ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ କିରକିଟା ଗାଁ, ସମୟ: ସକାଳ ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ବନ୍ଧୁଙ୍କ ସହାୟତାରେ ଅର୍ଥ ସାଙ୍ଗକୁ ପାରିବାରିକ ସୁଖ ସମ୍ମାନ ମଧ୍ୟ ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ ବ୍ୟବସାୟ, ପରିବହନ, ନିର୍ମାଣ, ଜମିଜମା, ଯାତ୍ରା ପ୍ରଭୃତିରେ ସଫଳତା ହାସଲ କରିବେ। କୌଣସି ସ୍ୱର୍ଶକାତର କଥାରେ ହସ୍ତକ୍ଷେପ କଲେ ମନସ୍ତାପ କରିବେ।

**ବୃଷ**
କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇବେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ୱା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ସାହିତ୍ୟ କ୍ଷେତ୍ର ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟ, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ପରିବାରର ରଣଭାର କ୍ରମଶଃ ବୃଦ୍ଧି ପାଉଥିବାରୁ ଚିନ୍ତା କରିବେ।

**କର୍କଟ**
ଚେଷ୍ଟା କରୁଥିବା କାମ ହାସଲରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନର ଅଭାବ ରହିବ ନାହିଁ କିନ୍ତୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ନିଜ ତରଫରୁ କୌଣସି ଭୁଲ୍ ନ କଲେ ମଧ୍ୟ ମିଥ୍ୟାରୋପ ଲାଗିପାରେ। ପଡ଼ୋଶୀ କିମ୍ୱା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ୱରେ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା**
ସମସ୍ତ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ରଣ ସୂତ୍ରରେ ଅର୍ଥଲାଭ କରିବେ, ଅବଶ୍ୟ ବହୁତ ଫନ୍ଦିଫିକର କରିବା ପରେ ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ କିନ୍ତୁ ଆଶାନୁରୂପ ଫଳ ପାଇବେ ନାହିଁ। ଯାତ୍ରା ସମୟରେ ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। ଆଜି ଦିନଟିରେ ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା**
ପରିସ୍ଥିତି ଓ ପରିବେଶର ବିଷମତା ଫଳରେ କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବାକୁ ବାଧ୍ୟ ହେବେ। ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ପଛେଇ ଯାଇପାରନ୍ତି । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ଧନୁ**
କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ। କୌଣସି ଅସମର୍ଥିତ ସୂତ୍ରରୁ କୌଣସି ଖବର କିମ୍ବା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର**
କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଲେ ମଧ୍ୟ କାମ ହାସଲ କରିପାରିବେ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ। ଆର୍ଥିକ ଅନଟନ ଲାଗି ରହିବା ଦ୍ୱାରା କେତେକ କାମ ବାଧା ପ୍ରାପ୍ତ ହୋଇପାରେ। ପ୍ରଥମେ କାମଟି କରିସାରିବା ପରେ ଚିନ୍ତା କରି ମନସ୍ତାପ କରିବାକୁ ପଡ଼ିବ ।

**ମୀନ**
ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ସୁନାମ ମଧ୍ୟ ଅର୍ଜନ କରିବେ। କଳା, ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

ଆଜି ଅକ୍ଟୋବର ୧୫ ତାରିଖ, ବିଶ୍ୱ ଛାତ୍ର ଦିବସ, ବିଶ୍ୱ ହାତଧୁଆ ଦିବସ, ଏ.ପି.ଜେ, ଅବ୍‌ଦୁଲ୍ କଲାମଙ୍କ ଜୟନ୍ତୀ, ଶିରିଡି ସାଇବାବାଙ୍କ ମହାପ୍ରୟାଣ ଦିବସ। କାର୍ତ୍ତିକ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ରାଶିନକ୍ଷତ୍ର–ଦିବା ଘ.୧୨.୦୧ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ସକାଳ ଘ.୦୫.୪୪ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୯ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଦର ନ ଥାଇ ଯେଉଁ ଭୋଜନ**
**ନିଶ୍ଚିନ୍ତ ନ ହୋଇ ଯେଉଁ ଶୟନ**
**ଚିତ୍ତ ଥୟ ନାହିଁ ଯେଉଁ ଭଜନ**
**ବୋଲେ ଦନାଇ ଏ ଅତି ହୀନିମାନ ।**

ନିମନ୍ତ୍ରିତ ଭୋଜନରେ ଆଦର ଭାବ ନ ଥିଲେ ସେଭଳି ଭୋଜନରେ ତୃପ୍ତି ମିଳି ନ ଥାଏ। ଶୋଇଲା ବେଳେ ଚିନ୍ତା ଶୂନ୍ୟ ନ ହେଲେ ସୁନିଦ୍ରା ଆସି ନ ଥାଏ। ଠିକ ସେହିପରି ଈଶ୍ୱରଙ୍କୁ ଆରାଧନା ବା ଭଜନ କଲାବେଳେ ଚିତ୍ତ ସ୍ଥିର ନ ଥିଲେ ସେଥିରେ କୌଣସି ସୁଫଳ ବା ପ୍ରଭୁକୃପା ମିଳିପାରି ନ ଥାଏ। ତେଣୁ ଏଭଳି ଅବସ୍ଥାମାନଙ୍କରେ କେବେବି ପ୍ରସନ୍ନତା ଉତ୍ପନ୍ନ ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଦ୍ର ପାଦ ହୋଇ ଭୁଞ୍ଜଇ ଯେଉଁ ନର**
**ଶତେକ ବରଷ ଆୟୁ ବଢ଼ଇ ତାହାର ।**

ହାତ ଗୋଡ଼ ଧୋଇ କରି ଭୋଜନ କରିବା ଉଚିତ୍ ହୋଇଥାଏ। ଓଦା ପାଦରେ ଭୋଜନ କରୁଥିବା ବ୍ୟକ୍ତି ଶତାୟୁ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ୫୧୦୦ ବୋତଲ କଫ୍ ସିରପ୍...

ବରେଇପାଲି ଥାନା ଗୋପାଲପାଲିର ଲୋକେଶ ପ୍ରଧାନ ଓରଫ ଆକାଶ(୩୦), ମନୀସ ସିଂ(୨୭), ସଦର ଥାନା ଅନ୍ତର୍ଗତ ଡିଥେଇପାଲିର ପିକ୍‌ଅପ୍ ଚାଳକ ମହେନ୍ଦ୍ର କିଷାନ ଓରଫ ମର୍ଣ୍ଣୁ(୨୫), ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ପ୍ରଭାତ ଭୋଇ ଓରଫ ଟିଟୁ(୨୩) ଓ କାଇଁଶର ଗ୍ରାମର କାରଚାଳକ ଆମୋଦ କରାଲି(୩୨)। ଥାନାରେ ପଚରାଉଚରା ବେଳେ ସେମାନେ ଏହାକୁ କଟକରୁ ସମ୍ବଲପୁର ଚୋରା ଚାଲାଣ କରୁଥିବା କହିଥିଲେ। ସେମାନଙ୍କ ସୂଚନାନୁସାରେ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଚୋରା କଫ୍ ସିରପ ବ୍ୟବସାୟ କରୁଥିବା ୧୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ୧୫ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ ଲୋକେଶଙ୍କୁ ନିଶା କଫ୍ ସିରପ୍ ପାଇଁ ଅଗ୍ରିମ ଟଙ୍କା ଦେଇଥିଲେ। ଉକ୍ତ ଟଙ୍କାକୁ ଲୋକେଶ ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ଚନ୍ଦ୍ରଶେଖର ନାଏକ ନାମକ ଜଣେ ବ୍ୟକ୍ତିଙ୍କ ନିକଟରେ ଅନ୍‌ଲାଇନ୍‌ରେ ପେଠ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ମଙ୍ଗଳବାର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, କଫ୍ ସିରପ ସମ୍ବଲପୁର ଆସିଲା ପରେ ଏହାକୁ ଗିରଫ ୧୫ ଅଭିଯୁକ୍ତଙ୍କ ମଧ୍ୟରେ ଅଗ୍ରିମ ରାଶି ଅନୁସାରେ ବଣ୍ଟନ କରାଯିବାର ଥିଲା। ଏହି ରାକେଟ୍‌ରେ ଆହୁରି ଅନେକ ସାମିଲ ଥିବା ଅନୁମାନ କରାଯାଉଛି। ପଚରାଉଚରା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଅନୁସାରେ ସେମାନେ ଏଠାରୁ ଭଡ଼ାସୂତ୍ରରେ ଗାଡ଼ି ନେଇ କଟକ ଯାଇଥିଲେ। ସେଠାରେ ପହଞ୍ଚିଲା ପରେ ନିୟମିତ ପ୍ରକ୍ରିୟା ଅନୁସାରେ ଅନ୍ୟ ଏକ ଚାଳକ ଗାଡ଼ିକୁ ନେଇ ଅଜ୍ଞାତ ସ୍ଥାନରେ ଥିବା ଗୋଦାମରେ କଫ୍ ସିରପକୁ ବୋଝେଇ କରିଥିଲେ। ଏହାବାଦ ସେ କଫ୍ ସିରପ୍ ବୋଝେଇ ଗାଡ଼ିକୁ ଆଣି ପୂର୍ବ ଚାଳକଙ୍କୁ ହସ୍ତାନ୍ତର କରିଥିଲେ। ନିଶା କଫ୍ ସିରପ୍ ନେଇ ଅଭିଯୁକ୍ତମାନେ ସେଗୁଡ଼ିକୁ ଚୋରାରେ ସମ୍ବଲପୁର ଚାଲାଣ କରୁଥିଲେ। କୋଲକାତା ଓ ରାୟପୁରରୁ ନିଶା କଫ୍ ସିରପକୁ ଚୋରାରେ ଚାଲାଣ କରି ଏହି କାରବାରର କିଙ୍ଗପିନ୍ ଏହାକୁ ଅଜ୍ଞାତ ସ୍ଥାନରେ ଗଚ୍ଛିତ ରଖି ବେଆଇନ ଭାବେ ବିକ୍ରୟ କରନ୍ତି। ତେବେ କିଙ୍ଗପିନ୍‌ଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ଏସ୍‌ପି ଭାମୁ କହିଛନ୍ତି।

## ଭାରତରେ କଫ୍ ସିରପ୍...

ଏଭଳି ନିମ୍ନମାନର ଉତ୍ପାଦ ଚିହ୍ନଟ ହେବା ଏବଂ ଏହାର ପ୍ରତିକୂଳ ପ୍ରଭାବ ଜନିତ ଘଟଣା ସାମ୍ନାକୁ ଆସିଲେ କିମ୍ବା ଆଶାନୁରୂପ ପ୍ରଭାବ ମିଳୁ ନଥିଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ତୁରନ୍ତ ସେମାନଙ୍କ ଦେଶର ଜାତୀୟ ନିୟାମକ କର୍ତ୍ତୃପକ୍ଷ କିମ୍ବା ନ୍ୟାଶନାଲ ଫାର୍ମାକୋଭିଜିଲାନ୍ସ ସେଣ୍ଟରରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ନିମ୍ନମାନର କଫ୍ ସିରପ୍ ଦ୍ୱାରା ପ୍ରଭାବିତ ହୋଇଥିବା ଦେଶ ଓ ଅଞ୍ଚଳର ଯୋଗାଣ ଶୃଙ୍ଖଳ ମଧ୍ୟରେ ଅଧିକ ତଦାରଖ କରିବାକୁ ଡବ୍ଲ୍ୟୁଏଚ୍‌ଓ ପରାମର୍ଶ ଦେଇଛି।

## ବସ୍‌ରେ ନିଆଁ...

ପହଞ୍ଚିବା ବେଳକୁ ବସ୍‌ଟି ନିଆଁରେ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା ବୋଲି ଅଗ୍ନିଶମ ଅଧିକାରୀ କୃଷ୍ଣପାଲ ସିଂ ରାଠୋର କହିଛନ୍ତି। ଆହତମାନଙ୍କୁ ଜୈସଲମେରସ୍ଥିତ ଜୱାହର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ଥିବା ୧୬ ଜଣଙ୍କୁ ଯୋଧପୁରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ନେଇ ଜୈସଲମେର ଜିଲାପାଳ ପ୍ରତାପ ସିଂ କହିଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ତେବେ ବସ୍ ଭିତରେ ଶର୍ଟ୍‌ସର୍କିଟ ଘଟି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରଶାସନିକ ଅଧିକାରୀ ଏବଂ ବୈଷୟିକ ଦଳ ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ସହାୟତା ପାଇଁ ଯୋଧପୁରରୁ ଏକ ଫୋରେନସିକ୍ ଦଳକୁ ଡକାଯାଇଛି। ଘଟଣାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଶୋକ ପ୍ରକଟ କରିଛନ୍ତି। ଆହତମାନଙ୍କ ଉତ୍ତମ ଚିକିତ୍ସା ସହ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବାକୁ ସେ ସ୍ଥାନୀୟ ଏସ୍‌ପି ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ରବିବାର ରାତିରେ ଜୈସଲମେର ପହଞ୍ଚି ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବସ୍ ମଧ୍ୟରେ ୧୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଯୋଧପୁରକୁ ସ୍ଥାନାନ୍ତର ବେଳେ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ପୋଖରାନ୍‌ର ଭାଜପା ବିଧାୟକ ପ୍ରତାପ ପୁରୀ ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକ ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶିର ଘୋଷଣା କରିଛନ୍ତି। ସେହିପରି ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କାର କ୍ଷତିପୂରଣ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି।

# ଘାତକ କଫ୍ ସିରପ୍ ଲେଖିବା ପାଇଁ ଡାକ୍ତର ପାଉଥିଲେ ୧୦% କମିଶନ

**ଭୋପାଳ,୧୪।୧୦**

ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକୋଲ୍ସ କମ୍ପାନୀ ପ୍ରସ୍ତୁତ କୋଲ୍ଡରିଫ୍ କଫ୍ ସିରପ୍ ପିଇ କେବଳ ମଧ୍ୟପ୍ରଦେଶରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଏହି ଘଟଣାରେ ପୋଲିସ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପ୍ରବୀନ୍ ସୋନିଙ୍କୁ ଗିରଫ କରିଥିଲା। ପାରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହୋଇଥିବା ଡା. ସୋନି ଏହି ଘାତକ କଫ୍ ସିରପ୍ ଲେଖିବା ପାଇଁ କମ୍ପାନୀଠାରୁ ବୋତଲ ପିଛା ୨ ଟଙ୍କା ୫୪ ପଇସା ପାଉଥିଲେ। କୋଲ୍ଡରିଫ୍ ସିରପ୍ ୨୪ ଟଙ୍କା ୫୪ ପଇସାରେ ବିକ୍ରି ହେଉଥିବାବେଳେ ଡାକ୍ତରଙ୍କୁ ପ୍ରାୟ ୧୦ ପ୍ରତିଶତ କମିଶନ ମିଳୁଥିଲା ବୋଲି ସେ ଜେରା ବେଳେ ତଦନ୍ତକାରୀ ଅଫିସରଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଡାକ୍ତର କ୍ରମାଗତ ଭାବେ ଏହି ସିରପ୍ ଲେଖିଚାଲିଥିଲେ। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଫ୍ ସିରପ୍ ପିଇ ଶିଶୁମାନଙ୍କ ମୃତ୍ୟୁ ଘଟିବା ପରେ ଏହାର ବିକ୍ରିକୁ ବିଭିନ୍ନ ରାଜ୍ୟରେ ବ୍ୟାନ୍ କରାଯିବା ସହ କମ୍ପାନୀର ଲାଇସେନ୍ସ ରଦ୍ଦ କରାଯାଇଛି। କମିଶନ ଗ୍ରହଣ କରୁଥିବା ସମ୍ପର୍କରେ ପୋଲିସ ଅଦାଲତଙ୍କୁ ଜଣାଇବା ପରେ ମଧ୍ୟପ୍ରଦେଶର ଏକ ଜିଲା କୋର୍ଟ ଡା. ସୋନିଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମନଗଢ଼ା କାହାଣୀ ସୃଷ୍ଟି କରିଛି, ଯାହା ଆଇନ ଅନୁଯାୟୀ ମୂଲ୍ୟହୀନ। ଡା. ସୋନିଙ୍କ ବିରୋଧରେ ପ୍ରତ୍ୟକ୍ଷ ପ୍ରମାଣ ନ ଥିବା ତାଙ୍କ ଓକିଲ ପବନ ଶୁକ୍ଳା କୋର୍ଟଙ୍କୁ କହିଥିଲେ।

କୋଲ୍ଡରିଫ୍ କଫ୍ ସିରପ୍‌ରେ ବିଷାକ୍ତ ଡାଇଇଥାଇଲିନ୍ ଗ୍ଲିକୋଲ ନାମକ ରାସାୟନିକ ରହିଛି, ଯାହା ପିଲାଙ୍କ କିଡ୍‌ନୀକୁ ଅକାମୀ କରିଦେଉଥିଲା। ଏହି ବିପଦ ସମ୍ପର୍କରେ ଜାଣି ମଧ୍ୟ ଡା. ସୋନି ଉକ୍ତ ସିରପ୍ ଲେଖିଚାଲିଥିଲେ। ଡାକ୍ତର ସୋନିଙ୍କ ସମେତ ସ୍ରେସାନ ଫାର୍ମାସ୍ୟୁଟିକୋଲ୍ସ ମାଲିକ ରଙ୍ଗନାଥନ୍ ପୋଲିସ ହାଜତରେ ରହିଥିବାବେଳେ ଉକ୍ତ କମ୍ପାନୀକୁ ବନ୍ଦ କରିଦେବାକୁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀ ପରିସରରେ ଚଢ଼ାଉ କରିଛି।




# ଶ୍ରୀମନ୍ଦିରରେ ହେବ ୱାକିଟକି ବ୍ୟବସ୍ଥା

## ■ ମୋବାଇଲ ସମ୍ପୂର୍ଣ୍ଣ ବାରଣ ହେବ: ଗିରୀଶ ମୁର୍ମୁ

ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିରକୁ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ପୋଲିସ ଓ ସେବାୟତ କେହି ବି ମୋବାଇଲ୍ ନେଇପାରିବେନି। ଆଗକୁ ୱାକିଟକି ବ୍ୟବସ୍ଥା ହେବ ବୋଲି ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକରେ ସୁରକ୍ଷା ସବ୍‌କମିଟିର ଅଧ୍ୟକ୍ଷ ଗିରୀଶ୍ ଚନ୍ଦ୍ର ମୁର୍ମୁ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକ ମଙ୍ଗଳବାର ସ୍ଥାନୀୟ ନୀଳାଦ୍ରି ଭକ୍ତନିବାସ ପରିସରରେ ଅଧ୍ୟକ୍ଷ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କିଭଳି ଆହୁରି ଅଧିକ କଡ଼ାକଡ଼ି କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଛି।

ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀ, ସୁରକ୍ଷା ଅଧିକାରୀ, ଏସ୍‌ପି, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସବ୍‌କମିଟିର ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁ କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କିଭଳି ଆହୁରି ବୃଦ୍ଧି କରିହେବ ସେନେଇ ମଙ୍ଗଳବାର ବୈଠକରେ ଆଲୋଚନା ହେବା ସହ ବିଭିନ୍ନ ପ୍ରସଙ୍ଗରେ ମତ ନିଆଯାଇଛି। ଶ୍ରୀମନ୍ଦିରର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ କେତେ ଅର୍ଥ ଆବଶ୍ୟକ ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ ସେନେଇ ଆଲୋଚନା କରାଯାଇଛି। ଅପରପକ୍ଷେ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଥିବା ବେଳେ ଶ୍ରୀମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟକରି ଅକାମୀ କରିହେବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି ତାହାର ବ୍ୟବସ୍ଥା କରାଯିବ। ଏପରିକି କାର୍ଯ୍ୟରତ ପୋଲିସ ଓ ସେବାୟତମାନେ ଶ୍ରୀମନ୍ଦିରକୁ ମୋବାଇଲ୍ ନେଇପାରିବେନାହିଁ ବୋଲି ନିଷ୍ପତ୍ତି ହୋଇଛି। ସେଥିପାଇଁ ୱାକିଟକିର ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ ମୁର୍ମୁ କହିଛନ୍ତି।

ଏନେଇ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି ଯେ, ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଗୋଟିଏ ଟିମ୍ ତିରୁପତି ମନ୍ଦିର ସହ ଅନ୍ୟାନ୍ୟ ମନ୍ଦିର ଆଦି ଯାଇ ସୁରକ୍ଷା ବ୍ୟବସ୍ଥାକୁ ଦେଖି ଆସିବା ପରେ ଏଠାରେ ସେଭଳି ବ୍ୟବସ୍ଥା କରାଯିବ। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ପକ୍ଷରୁ କରାଯାଇଥିଲା। ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯିବା ସହ ସୁରକ୍ଷାକୁ ନେଇ ଲୋକଙ୍କୁ ସଚେତନ କରାଇବା ଦିଗରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କାମେରା ଲାଗିବା ଉଚିତ। ଡାଟା ସୁରକ୍ଷା ପାଇଁ ଯୋଜନା କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସୁରକ୍ଷା ସବ୍‌କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ୪ଟି ଭାଗରେ ସୁରକ୍ଷା ବ୍ୟବସ୍ଥାକୁ ବିଭକ୍ତ କରାଯାଇ ବିସ୍ତୃତ ଆଲୋଚନା ହୋଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯିବାକୁ କୁହାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା କରାଯାଇଛି। ବାହାରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଅଧିକ ବଡି କ୍ୟାମେରା ବ୍ୟବହାର ସହ ୱାକିଟକି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ଘରୋଇ ସୁରକ୍ଷାକର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କ୍ୱିକ୍ ରେସ୍‌ପନ୍ସ ଟିମ୍ ରହିବେ। ସୁରକ୍ଷା ଟେକ୍ନୋଲୋଜିକୁ ଯେପରି ଆହୁରି ଆଧୁନିକୀକରଣ କରାଯାଇପାରିବ, ସେନେଇ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ସିଂ କହିଛନ୍ତି। ବୈଠକ ପରେ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନେ ଶ୍ରୀମନ୍ଦିର ନିକଟକୁ ଯିବା ସହ ମନ୍ଦିର ନିକଟରେ ଥିବା କଣ୍ଟ୍ରୋଲ୍ ରୁମ୍‌କୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

# ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର,୧୪।୧୦
(ରବିନାରାୟଣ ଜେନା)

■ ୨ ଦିନରେ ୩୬୩ ଅଧିକାରୀଙ୍କ ବଦଳି
■ ନୂଆପଡ଼ାର ବିଭିନ୍ନ ବ୍ଲକ୍‌କୁ ଏକାଧିକ ଅଧିକାରୀଙ୍କ ବଦଳି

ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହାପୂର୍ବରୁ ଚଳିତ ମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁହୋଇଛି। ତେବେ ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରି ସେବା ବର୍ଗର ଅଧିକାରୀଙ୍କୁ ବଦଳି କରାଯାଇଛି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୧୩ ଏବଂ ୧୪ ଦୁଇଦିନରେ ୩୬୩ ଜଣ ଭେଟେରିନାରି ଓ ଫିଶେରି ଅଧିକାରୀଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବଦଳି କରାଯାଇ ଜଣଙ୍କୁ ପଦୋନ୍ନତି ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, କେବଳ ୧୪ ତାରିଖରେ ୨ଟି ପର୍ଯ୍ୟାୟରେ ୨୧୮ ଜଣ ଓଭିଏସ୍ ଅଧିକାରୀଙ୍କ ବଦଳି ହୋଇଛି। ୧୭୧ ଜଣିଆ ବିଜ୍ଞପ୍ତିରେ ୨ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତ କରାଯାଇଥିବାବେଳେ ଅନ୍ୟ ୨ ଅଧିକାରୀଙ୍କୁ ନୂଆପଡ଼ାରୁ ଅନ୍ୟତ୍ର ବଦଳି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡ. ଶିବାନୀ ସୋନିଙ୍କୁ କଟକ, ବକ୍ସିବଜାର ଭିଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏସ୍ ଡ. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏସ୍(ଏମ୍‌ଭିୟୁ), ପୁରୀ ଜିଲା ଗୋପର ଭିଏସ୍ ଡ. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡ. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏସ୍ ଭାବେ ବଦଳି କରାଯାଇଛି। ଏହାବାଦ୍ ଗତ ୧୩ ତାରିଖରେ ହୋଇଥିବା ଆସିଷ୍ଟାଣ୍ଟ ଫିଶେରି ଅଫିସରଙ୍କ ୯୮ ଜଣିଆ ବଦଳି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ବଦଳି କରାଯାଇଥିବାବେଳେ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ୧୩ରେ ବରିଷ୍ଠ ଓଭିଏସ୍ ଡ. ଶମ୍ଭୁ ପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡ. ଶୁଭେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଭାବେ ବଦଳି କରାଯାଇଛି।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ କେଉଁ ପରିପ୍ରେକ୍ଷୀରେ ଏତେସଂଖ୍ୟକ ମତ୍ସ୍ୟ ଓ ଭେଟେରିନାରି ଅଧିକାରୀଙ୍କୁ ବଦଳି କରାଯାଇଛି, ତାକୁ ନେଇ ନିଜସ୍ୱ ବିଭାଗର କେତେଜଣ ଅଧିକାରୀ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ପ୍ରମୁଖ ସଚିବ ସୁରେଶ ବଶିଷ୍ଠଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଏହା ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶର ଅବମାନନା କରୁଛି। କାର୍ଯ୍ୟାଳୟ ପକ୍ଷରୁ ଖୁବ୍‌ଶୀଘ୍ର ଏନେଇ ଅବଗତ କରାଯିବ।

## ୮୦୦ ବାଦୁଡ଼ି ପକ୍ଷୀ ମାରିବା ଘଟଣା: ୧୦ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୧୪।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କପୁରସିଂଠାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ କାରଖାନା ଭିତରେ ୮୦୦ ବାଦୁଡ଼ି ପକ୍ଷୀ ମାରିବା ଘଟଣାରେ ଅଟକ ୧୧ ଶିକାରୀଙ୍କ ମଧ୍ୟରୁ ମଙ୍ଗଳବାର ୧୦ଜଣଙ୍କୁ ବନ ବିଭାଗ କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଚୌଦ୍ୱାର ଜେଲକୁ ପଠାଯାଇଥିବା ବେଳେ ୧୬ବର୍ଷର ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇ ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ସୂଚନା ଦେଇଛନ୍ତି। ଚଢ଼ାଉବେଳେ ଗୌତମ ଶବର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ସାହୁ କହିଛନ୍ତି।







# ଫାବ୍ ଇଣ୍ଡିଆ ଷ୍ଟୋର ଉଦ୍‌ଘାଟନ କଲେ ସୋନୁ ସୁଦ୍

ଭୁବନେଶ୍ୱର,୧୪।୧୦




ବାଲେଶ୍ୱର ଆଇଟିଆଇ ଛକରେ ଫାବ୍ ଇଣ୍ଡିଆର ନୂଆ ଷ୍ଟୋରକୁ ବଲିଉଡ୍ ଅଭିନେତା ସୋନୁ ସୁଦ୍, ଖିମଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମଜୀ, ଷ୍ଟୋର ମାଲିକ ସଞ୍ଜୀବ ମହାନ୍ତି, ସଞ୍ଜୀବଙ୍କ ମା' ଉଦ୍‌ଘାଟନ କରୁଛନ୍ତି।

ଲାଇଫଷ୍ଟାଇଲ ବ୍ରାଣ୍ଡ ଫାବ୍ ଇଣ୍ଡିଆର ନୂଆ ଷ୍ଟୋର ବାଲେଶ୍ୱର ଆଇଟିଆଇ ଛକରେ ଖୋଲିଛି। ବଲିଉଡ୍ ଅଭିନେତା ସୋନୁ ସୁଦ୍, ଖିମଜୀ ଜୁଏଲର୍ସର ମାଲିକ ମିତେଶ ଖିମଜୀ, ଷ୍ଟୋର ମାଲିକ ସଞ୍ଜୀବ ମହାନ୍ତି, ତାଙ୍କ ମା' ଏବଂ ଦୁଇ ପାର୍ଟନର ମୋନାଶିଷ ଦାସ ଏବଂ ନିବେଦିତା ଦାସ ମଙ୍ଗଳବାର ଏହି ଷ୍ଟୋରର ଉଦ୍‌ଘାଟନ କରିଛନ୍ତି। ନୂଆ ଫାବ୍ ଇଣ୍ଡିଆ ଷ୍ଟୋରରେ ପୋଷାକ, ଘରକରଣା ଉପକରଣ, ଖାଦ୍ୟ ଓ ଆସେସୋରିଜ ଉପଲବ୍ଧ ହେଉଛି। ପୁରୁଷ, ନାରୀ ଓ ଶିଶୁଙ୍କ ପାଇଁ ପାରମ୍ପରିକ ଓ ଆଧୁନିକ ପୋଷାକ କୁର୍ତ୍ତା, ଶାଢ଼ି, ଟ୍ୟୁନିକ, ଶର୍ଟ ଆଦିର ସ୍ୱତନ୍ତ୍ର କଲେକ୍ସନ ରହିଛି। ଆସବାବପତ୍ର ବିଭାଗରେ ହସ୍ତଶିଳ୍ପ ଫର୍ନିଚର, ବେଡ୍‌ଲିନେନ, ପରଦା, ରଗ୍‌ସ ଓ ସାଜସଜ୍ଜା ସାମଗ୍ରୀ ରହିଛି। ୱେଲ୍‌ନେସ୍ ଓ ପର୍ସନାଲ କେୟାର ଶ୍ରେଣୀରେ ତ୍ୱଚା ଓ ଶରୀର ପାଇଁ ବିଭିନ୍ନ ସାମଗ୍ରୀ ମିଳୁଛି। ଜୈବିକ ଖାଦ୍ୟ ବିଭାଗରେ ଡାଲି, ମସଲା, ଚା, ତେଲ ଆଦି ଖାଦ୍ୟସାମଗ୍ରୀ ଉପଲବ୍ଧ। ସେହିପରି ଜୁଏଲେରି, ବ୍ୟାଗ୍ ଓ ଆସେସୋରିଜ ବିଭାଗରେ ଗ୍ରାହକଙ୍କ ମନ ଲାଖି ଉତ୍ପାଦ ରହିଛି। ଉଦ୍‌ଘାଟନୀ ଅବସରରେ ଫାବ୍ ଇଣ୍ଡିଆ ବାଲେଶ୍ୱର ଫ୍ରାଞ୍ଚାଇଜ ମାଲିକ ତଥା ଷ୍ଟୋର ପାର୍ଟନର ସଞ୍ଜୀବ ମହାନ୍ତି କହିଛନ୍ତି, ବାଲେଶ୍ୱରର ଲୋକଙ୍କ ନିକଟକୁ ଫାବ୍ ଇଣ୍ଡିଆର ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଣିପାରିଥିବାରେ ଆମେ ଗର୍ବିତ। ଫାବ୍ ଇଣ୍ଡିଆ ଏହି ନୂଆ ପଦକ୍ଷେପ ମାଧ୍ୟମରେ ଭାରତୀୟ ଶିଳ୍ପ ପରମ୍ପରାକୁ ସଂଯୋଗକରି ସ୍ଥାୟୀ ମନଲୋଭା ଓ ସଚେତନ ଜୀବନଶୈଳୀକୁ ପ୍ରେରିତ କରୁଛି।

# ଓଡ଼ିଶାକୁ ପ୍ରଥମ ପୁରସ୍କାର

## ଜାତୀୟସ୍ତରରେ ପ୍ୟାଲିଏଟିଭ କେୟାର୍‌ର ସର୍ବଶ୍ରେଷ୍ଠ ଅଭ୍ୟାସ







ଭୁବନେଶ୍ୱର,୧୪।୧୦(ବନ୍ଦନା ସେଠୀ)

ଜାତୀୟସ୍ତରରେ ବିଶ୍ୱ ହସ୍ପିସ ଏବଂ ପ୍ୟାଲିଏଟିଭ କେୟାର୍ ଦିବସ-୨୦୨୫ ଭୁବନେଶ୍ୱରର ବାଗ୍‌ଚୀ କରୁଣାଶ୍ରୟ ପ୍ୟାଲିଏଟିଭ କେୟାର୍ ସେଣ୍ଟରରେ ଗତ ୧୧ ତାରିଖରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାକୁ ଜାତୀୟସ୍ତରରେ ପ୍ୟାଲିଏଟିଭ କେୟାର୍‌ର ସର୍ବଶ୍ରେଷ୍ଠ ଅଭ୍ୟାସ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ମେଘାଳୟ ଏବଂ ରାଜସ୍ଥାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ଡିଜି ଡା. ଆଲୋକ ମାଥୁର, ଡାଇରେକ୍ଟର ଅଫ୍ ପବ୍ଲିକ ହେଲ୍‌ଥ (ଡିପିଏଚ୍) ଡା. ନୀଳକଣ୍ଠ ମିଶ୍ର, ବାଗ୍‌ଚୀ କରୁଣାଶ୍ରୟ ପ୍ୟାଲିଏଟିଭ କେୟାର୍ ସେଣ୍ଟରର ଡା. ନାଗେଶ ସିମ୍ହା, ରାଜ୍ୟ ନୋଡାଲ ଅଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ, ବାଗ୍‌ଚୀ ଶଙ୍କର କ୍ୟାନ୍‌ସର ହସ୍ପିଟାଲର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ୟାଲିଏଟିଭ କେୟାର ପାଇଁ ଜାତୀୟ କାର୍ଯ୍ୟକ୍ରମର ରାଜ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ୧୪ ରାଜ୍ୟର ପ୍ୟାଲିଏଟିଭ କେୟାର୍ ୟୁନିଟ ଅଧିକାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ପ୍ୟାଲିଏଟିଭ କେୟାର୍‌ର ଶ୍ରେଷ୍ଠ କୃତିତ୍ୱ ଉପରେ ପୋଷ୍ଟର୍ ପ୍ରଦର୍ଶନୀ ହୋଇଥିଲା।



ମନରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଉଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ଦାୟୀଙ୍କଠାରୁ ଆଦାୟ

ଅକ୍ଟୋବର ୧୩ରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରରେ ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ୫୦ ହଜାରରୁ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ମଧ୍ୟ କୋର୍ଟ କହିଛନ୍ତି। ୨୦୧୩ ମସିହା ଏକ ମାମଲାର ବିଚାର କରି ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। ବର୍ଷାଋତୁରେ ଏଭଳି ଅଧିକ ଘଟଣା ଦେଖାଦେଉଛି। ସେ ସଂକ୍ରାନ୍ତରେ ରିପୋର୍ଟ ହୋଇଥିଲେ ତାହା ୪୮ ଘଣ୍ଟା ମଧ୍ୟରେ ମରାମତି କରାଯିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି। ତେଣୁ ଏଥିପାଇଁ ସରକାରୀ ଅଧିକାରୀ, ଇଞ୍ଜିନିୟର ଓ ସମ୍ପୃକ୍ତ ଠିକାଦାରଙ୍କୁ ଦାୟୀ କରାଯିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ଯଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ରାସ୍ତାରେ ଗାଡ଼, ଖାଲଖମା ସଂକ୍ରାନ୍ତୀୟ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହେବ।

ସଡ଼କ ଭିତ୍ତିଭୂମି ସୁଦୃଢ଼ ଥିଲେ ଜନସାଧାରଣଙ୍କ ଯାତାୟାତଠାରୁ ଆରମ୍ଭ କରି ପରିବହନ ବ୍ୟବସ୍ଥା ସୁଗମ ହୋଇଥାଏ। ହେଲେ ଦେଖାଯାଉଛି ଅନେକ ସ୍ଥାନରେ ଠିକାଦାର, ଇଞ୍ଜିନିୟର ଓ ସରକାରୀ ଅଧିକାରୀଙ୍କ ଜାଣତରେ ଓ ସେମାନଙ୍କ ସକ୍ରିୟ ସହଯୋଗରେ ରାସ୍ତା କାମ ଅଧାପନ୍ତରିଆ ରହୁଥିବା ବେଳେ ସେଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇଯାଉଛି। କିନ୍ତୁ ସେଥିପ୍ରତି ଦୃଷ୍ଟି ଦିଆଯାଇ ନ ଥାଏ। ଫଳରେ ରାସ୍ତା ଦୁର୍ଘଟଣା ବଢ଼ିବା ସହ ଲୋକେ ପଡ଼ି ଖଣ୍ଡିଆଖାବରା ହୋଇଥାଆନ୍ତି। ବର୍ଷାଦିନେ ସ୍ଥିତି ଅସମ୍ଭାଳ ହୋଇପଡ଼େ। ଖାଲ କିମ୍ବା ଗର୍ତ୍ତଗୁଡ଼ିକ ପାଣି ଦ୍ୱାରା ଭରି ହୋଇଯାଇଥିବାରୁ ଅନେକେ ଜାଣି ନ ପାରି ତା' ଉପରେ ଚାଲିଯିବା ଯୋଗୁ ସ୍ଥଳବିଶେଷରେ ବହୁ ଜୀବନ ଯିବାର ନଜିର ରହିଛି। ଭୁବନେଶ୍ୱର ଭଳି ସ୍ଥାନରେ ଗତ ୫ ବର୍ଷ ମଧ୍ୟରେ ପିଲାଙ୍କ ସମେତ ୫ରୁ ଅଧିକ ଲୋକଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଲୋକେ ନର୍ଦ୍ଦମା ଭିତରେ ପଡ଼ି ବୁଡ଼ିଯାଇ ଭାସିଯିବାର ଦୃଷ୍ଟାନ୍ତ ରହିଛି। ନିକଟ ଅତୀତକୁ ଦେଖିଲେ ଗତ ୨୮ ମେ'ରେ ରାଉରକେଲାରେ ଡ୍ରେନ୍‌ରେ ପଡ଼ି ୭ ବର୍ଷ ଝିଅର ମୃତ୍ୟୁ ଘଟିଥିବା ବେଳେ ୨୦୨୪ ଜୁନ୍ ୧୮ରେ ଭୁବନେଶ୍ୱର ୟୁନିଟ୍ ୩ ନିକଟରେ ୧୦ ବର୍ଷର ନାବାଳକ ମଧ୍ୟ ସମାନ କାରଣ ଯୋଗୁ ପ୍ରାଣ ହରାଇଥିଲେ। ୨୦୨୩ ସେପ୍ଟେମ୍ବର ୨୪ରେ ଭୁବନେଶ୍ୱରର ବମିଖାଲ ନିକଟ ଖାଲରେ ଜଣେ ଡାକ୍ତରଙ୍କ କାର୍ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ ସେପ୍ଟେମ୍ବର ୧୯ରେ ବରମୁଣ୍ଡା ଗାଁରେ ଜଣେ ଦଶମ ଶ୍ରେଣୀ ଛାତ୍ର ଡ୍ରେନ୍‌ରେ ଭାସିଯିବାରୁ ତାଙ୍କ ଜୀବନ ଯାଇଥିଲା। ଏସବୁର ତାଲିକା କଲେ ଲମ୍ବି ଚାଲିବ। ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ କ୍ଷଣକ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥାଏ। ବିଭାଗୀୟ ନିର୍ଦ୍ଦେଶ ଦିଆଯାଇଥାଏ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପଡ଼ିବ ଓ କୌଣସିଠାରେ ଯେଭଳି କିଛି ଅସ୍ୱାଭାବିକତା ଦେଖା ନ ଯିବ ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ। ହେଲେ ପରବର୍ତ୍ତୀ ସମୟରେ ଯେଉଁ କଥାକୁ ସେହି କଥା ଦେଖିବାକୁ ମିଳେ।

> ମୃତବ୍ୟକ୍ତିଙ୍କ ପରିବାରକୁ କିମ୍ବା ଆହତ ବ୍ୟକ୍ତିଙ୍କୁ ସରକାରୀ କ୍ଷତିପୂରଣ ଦିଆଯିବା ପରେ ସମ୍ପୃକ୍ତ ଅର୍ଥ ରାଶି ଦାୟୀ ସରକାରୀ ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ ହେବା ହେବା ଉଚିତ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ତାହା ହେଲେ ଯାଇ ସ୍ଥିତିରେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା।

ଏବର ବ୍ୟବସ୍ଥାକୁ ଦେଖିଲେ କୌଣସି ଅଘଟଣ ପାଇଁ ସଙ୍ଗେ ସଙ୍ଗେ ଦାୟୀ ବ୍ୟକ୍ତିଙ୍କୁ ଧରି ହୋଇ ନ ଥାଏ। ଯଦି କାହାକୁ ଧରାଯାଏ, ସେ ଅନ୍ୟ ଉପରେ ଦୋଷ ଲଦି ଦେଇଥାଆନ୍ତି। ଏହା ମୋର କାମ ନୁହେଁ, ସେ କରିଥାନ୍ତେ କିମ୍ବା ତାଙ୍କ କାମ ସରିବା ପରେ ମୋର ଆରମ୍ଭ ହୋଇଥାଆନ୍ତା ଆଦି ବାହାନା ଦର୍ଶାଇବାର ଅଭାବ ପଡ଼ି ନ ଥାଏ। ଆଉ କିଛି କ୍ଷେତ୍ରରେ ଠିକାଦାରମାନେ ଅଭିଯୋଗ କରିଥାଆନ୍ତି ଯେ, ବିଲ୍ ପାସ୍ ହୋଇ ନ ଥିବାରୁ କାମ ଅଧାପନ୍ତରିଆ ପଡ଼ିରହିଛି। ତେବେ ସଦ୍ୟସମାପ୍ତ ରାସ୍ତା ଉଦ୍‌ଘାଟନ ହୋଇଯିବାର କିଛି ମାସ ପରେ କାହିଁକି ସେଠାରେ ଖାଲ ବା ବଡ଼ ଗର୍ତ୍ତ ସୃଷ୍ଟି ହୋଇଥାଏ ପ୍ରଶ୍ନ ହେଲେ ତାହାର ଉତ୍ତର ଦେବାକୁ କେହି ନ ଥାଆନ୍ତି। ଏଭଳି ସ୍ଥଳେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସବୁଆଡ଼େ ଅନୁପାଳନ କରାଯିବା ଦରକାର। ମୃତବ୍ୟକ୍ତିଙ୍କ ପରିବାରକୁ କିମ୍ବା ଆହତ ବ୍ୟକ୍ତିଙ୍କୁ ସରକାରୀ କ୍ଷତିପୂରଣ ଦିଆଯିବା ପରେ ସମ୍ପୃକ୍ତ ଅର୍ଥ ରାଶି ଦାୟୀ ସରକାରୀ ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ ହେବା ହେବା ଉଚିତ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ତାହା ହେଲେ ଯାଇ ସ୍ଥିତିରେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା।



ସୌଭାଗ୍ୟ ସୁନ୍ଦରରାୟ

# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ

ଦେଶର ତୃତୀୟ ସର୍ବାଧିକ ବିଧାନସଭା ଆସନବିଶିଷ୍ଟ ବିହାରରେ ଏବେ ଶୁଣୁଛି ନିର୍ବାଚନୀ ଦୁନ୍ଦୁଭି। ଏହାର ବିଧାନସଭା ଆସନ ସଂଖ୍ୟା ୨୪୩। ଏଥର ନିର୍ବାଚନ ପୂର୍ବ ନିର୍ବାଚନଗୁଡ଼ିକଠାରୁ ଭିନ୍ନ ହେବ ବୋଲି ମନେହେଉଛି। କାରଣ ଚଳିତ ନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠିତ ନୂଆ ଜନ ସୁରାଜ ଦଳର ଆବିର୍ଭାବ ଘଟିଛି। ପ୍ରଶାନ୍ତ କିଶୋର ଜଣେ ନିର୍ବାଚନ ରଣନୀତି ଭାବେ ଦେଶରେ ପରିଚିତ। କିଶୋର ଏଥିରୁ ଦୂରେଇ ଯାଇ ନିଜର ଏକ ଦଳ ପ୍ରତିଷ୍ଠା କରି ପ୍ରତ୍ୟକ୍ଷ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଅତୀତରେ ମଧ୍ୟ ସେ ଜନତା (ୟୁ)ର ଉପ-ସଭାପତି ପଦରେ ଥିଲେ। ଏଣୁ ରାଜ୍ୟର ନିର୍ବାଚନୀ ଅଙ୍କ ସେ ଭଲ ଭାବେ କଷିଥିବା ଜଣାଯାଏ।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ପାଇ ସର୍ବାଧିକ ୭୫ଟି ଆସନ ଦଖଲ କରିଥିଲା। ଏହା ପରକୁ ଭାରତୀୟ ଜନତା ପାର୍ଟି (ଭାଜପା) ୧୯.୪୬% ଭୋଟ ପାଇ ୭୪ଟି ଆସନରେ ବିଜୟୀ ହୋଇଥିଲା। ଜେଡି(ୟୁ) ୧୮.୫୧% ଭୋଟ ପାଇ ୪୩ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୪୮% ରହିଥିଲା। ଜେଡି(ୟୁ) ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଦଳର ନେତା ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ଭାଜପା ସମର୍ଥନ ଦେଇଥିଲା। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନ୍‌ଡିଏ ସରକାର।

ଚଳିତ ନିର୍ବାଚନରେ ଜେଡି(ୟୁ)- ଭାଜପା ମେଣ୍ଟ ପୂର୍ବପରି ରହିଥିବାବେଳେ ଏଥିରେ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା, ଚିରାଗ ପାଶ୍ୱାନଙ୍କ ଏଲଜେପି, ଜୀତନ ରାମ ମାଞ୍ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ସାମିଲ ରହିଛି। ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ ବିକାଶଶୀଳ ଇନସାନ ପାର୍ଟି, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ), ରାମବିଳାସ ପାଶ୍ୱାନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ ଏଲଜେପି ଓ ଏଆଇଏମ୍‌ଏମ୍ ସାମିଲ ହୋଇଛନ୍ତି।

ବିହାର ନିର୍ବାଚନରେ ଏନ୍‌ଡିଏ ପୁନର୍ବାର କ୍ଷମତା ଦଖଲ ପାଇଁ ଚେଷ୍ଟିତ ଥିବାବେଳେ ମହାଗଠବନ୍ଧନ ମଧ୍ୟ କ୍ଷମତା ହାତେଇବାକୁ ଉଦ୍ୟମ କରିଛି। ନିର୍ବାଚନ ଘୋଷଣା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକାଧିକ ଥର ବିହାର ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଅନେକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ରାଜ୍ୟର ବିକାଶ ମିତ୍ରଙ୍କୁ ୨୫ ହଜାର ଲେଖାଏଁ ଟଙ୍କା ପ୍ରଦାନ, ରାଜ୍ୟବାସୀଙ୍କୁ ୧୫୦ ୟୁନିଟ୍



ପର୍ଯ୍ୟନ୍ତ ମାଗଣା ବିଜୁଳି, ୩୦ ହଜାର ଶିକ୍ଷାସେବକଙ୍କୁ ୧୦ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି, ବରିଷ୍ଠ ନାଗରିକଙ୍କ ପେନ୍‌ସନ ରାଶି ବୃଦ୍ଧି, ଶିକ୍ଷିତ ବେକାରଙ୍କ ପାଇଁ ୧୦୦୦ ଟଙ୍କା ଭତ୍ତା, ରାଜ୍ୟର ୧୬ ଲକ୍ଷ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦୦୦ ଟଙ୍କା ପୋଷାକ ଭତ୍ତା, ପ୍ରାୟ ୭୫ ଲକ୍ଷ ମହିଳାଙ୍କ ପାଇଁ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ଭତ୍ତା ଆଦି ଘୋଷଣା କରିଛନ୍ତି। ଏହାର ଜବାବରେ କଂଗ୍ରେସ 'ସର୍ବାଧିକ ଅନଗ୍ରସର ନ୍ୟାୟ ଇସ୍ତାହାର' ଉନ୍ମୋଚନ କରିଛି। ଏହି ଅବସରରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏକ ବଡ଼ ପ୍ରସଙ୍ଗରେ ପରିଣତ ହୋଇଛି, ଯାହା ଏନ୍‌ଡିଏ ପାଇଁ ସମସ୍ୟା ସୃଷ୍ଟି କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ବିରୋଧରେ ଏଥିପାଇଁ ଭୋଟ ଚୋରି ଅଭିଯୋଗ ଆଣି ବିହାରରେ ଭୋଟର ସଚେତନତା ସମାବେଶ ଆୟୋଜନ କଲେ। କର୍ମୀଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ମଧ୍ୟ ବିହାରରେ ଆୟୋଜନ କରାଯାଇଥିଲା। ତେଣେ ନୀତିଶ କୁମାର ୭୫ ବର୍ଷରେ ପଦାର୍ପଣ କଲେଣି। କ୍ଷମତାରେ ରହିବା ପାଇଁ ସେ ସମସ୍ତ ପ୍ରକାର ଗୋଟି ଚାଳନା କରିପାରିବେ। ରାଜ୍ୟର ଦୁର୍ନୀତି ଓ ଅନଗ୍ରସରତା ବିରୋଧରେ ପ୍ରଶାନ୍ତ କିଶୋର ନିର୍ଭୀକ ଢଙ୍ଗରେ ଢୋ ଡାକିବା ପରି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରମୁଖ ନେତାଙ୍କ ବିରୋଧରେ ପ୍ରଶାନ୍ତ ଯେଉଁ ଦୁର୍ନୀତି, ସଂପତ୍ତି ଠୁଳ, ଜାଲ୍ ସାର୍ଟିଫିକେଟ ଅଭିଯୋଗ ଆଣିଛନ୍ତି, ତାହାର ସନ୍ତୋଷଜନକ ଉତ୍ତର ସଂପୃକ୍ତ ନେତାମାନେ ଦେଇ ପାରି ନାହାନ୍ତି, ବରଂ ପ୍ରଶାନ୍ତ କିଶୋରଙ୍କ ନାମରେ ମାନହାନି ମକଦ୍ଦମା କରିଛନ୍ତି। ଏହା ଏନ୍‌ଡିଏ ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଛି। ବିହାର ବିଧାନସଭାରେ ଏନ୍‌ଡିଏ ବିଧାୟକ ସଂଖ୍ୟା ରହିଛି ୧୨୫, ଯାହା ହେଉଛି ୩୭.୨୬ ଶତାଂଶ ଭୋଟ। ଦେଖିବାକୁ ଗଲେ ସଂଖ୍ୟାଗରିଷ୍ଠତାଠାରୁ ମାତ୍ର ୩ଟି ଆସନ ଅଧିକ ରହିଛି। ଚଳିତ ଥର ଜନ ସୁରାଜ ଦଳର ପ୍ରବେଶ ଯୋଗୁଁ ଏନ୍‌ଡିଏ ମେଣ୍ଟ ଏହି ସଂଖ୍ୟକ ଆସନ ପାଇବାରେ ସମର୍ଥ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି। ମହାଗଠବନ୍ଧନ କିଛି ଭୋଟ ତ ଜନ ସୁରାଜ ନେବ, କିନ୍ତୁ ଅଧିକ କ୍ଷତିଗ୍ରସ୍ତ କରିବ ଭାଜପା ଓ ଜେଡି(ୟୁ)କୁ। କେନ୍ଦ୍ର ଓ ଉତ୍ତର ବିହାରରେ ପ୍ରଶାନ୍ତଙ୍କ ଜନ ସୁରାଜ ଯାତ୍ରା ପ୍ରତି ଭଲ ସମର୍ଥନ ମିଳିଛି, ଯାହା ଏନ୍‌ଡିଏର ମୁଖ୍ୟ ଭୋଟବ୍ୟାଙ୍କ ଅଞ୍ଚଳ। ତେଣେ ଆରଜେଡିର ମୁସଲିମ- ଯାଦବ ଭୋଟ ବ୍ୟାଙ୍କ ପୂର୍ବପରି ଅତୁଟ ରହିଛି। ଭାଜପାର ବର୍ତ୍ତମାନ ଥିବା ରାଜ୍ୟ ସଭାପତି ପରଲୋକଗତ ଭାଜପା ନେତା ସୁଶୀଲ ମୋଦିଙ୍କ ପରି ଏତେ ଲୋକପ୍ରିୟ ନୁହନ୍ତି। ବିଭିନ୍ନ ଜନ ସଭାରେ ସେ ଥଣ୍ଡା ପରିହାସର ପାତ୍ର ହେଉଥିବା ଦେଖାଯାଉଛି। ଏହା ଭାଜପା ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଦଳ ବରିଷ୍ଠ ନେତାମାନଙ୍କୁ ତାରକା ପ୍ରଚାରକ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଉଛି। ଦଳର ଆଇଟି ସେଲ ମଧ୍ୟ ଅତି ସକ୍ରିୟ ମୋଡ଼ରେ ରହିଛି।

ବିହାରର ଜାତିଗତ ବ୍ୟବସ୍ଥା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ନିର୍ବାଚନକୁ ମଧ୍ୟ ପ୍ରଭାବିତ କରିଥାଏ। ଜାତି ଜନଗଣନା ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଉଚ୍ଚବର୍ଗ ଜାତିଙ୍କ ସଂଖ୍ୟା ୧୫%, ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ଜାତି ସଂଖ୍ୟା ୨୭%, ଅର୍ଥିକ ଅନଗ୍ରସର ବର୍ଗଙ୍କ ସଂଖ୍ୟା ୩୬%, ଅନୁସୂଚିତ ଜାତିଙ୍କ ସଂଖ୍ୟା ୨୦% ଓ ଜନଜାତିଙ୍କ ସଂଖ୍ୟା ୨% ରହିଛି। ରାଜ୍ୟରେ ମୁସଲିମ ଜନସଂଖ୍ୟା ୧୫% ରହିଛି। କହିବାକୁ ଗଲେ ବିହାରରେ ଭୋଟରଙ୍କୁ ଆକୃଷ୍ଟ ପାଇଁ ପ୍ରଚାର ପ୍ରାୟତଃ ଅଧା ସରିଯାଇଛି। ଏବେ ଆସନ ଓ ପ୍ରାର୍ଥୀ ଆସନ୍ତାରେ ଚାଲିଛି ପ୍ରଚାର। ନିର୍ବାଚନରେ ଫଳାଫଳ ନ ବାହାରିବା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ। ପ୍ରଶାନ୍ତ କୁମାରଙ୍କ ଯାତ୍ରାରେ ଆଶାଜନକ ଜନସମାବେଶ ହେଉଥିବାରୁ ସେ କିଛି ଭୋଟ ପାଇପାରିବେ। କିନ୍ତୁ ତାଙ୍କ ଭୋଟ ଅଂଶ କେତେଦୂର ଆସନରେ ରୂପାନ୍ତରିତ ହେବ ତାହା ଦେଖିବା କଥା। ତେବେ ପ୍ରଶାନ୍ତଙ୍କ ଭୋଟ ଅଂଶ ଶାସକ ଦଳକୁ ଅସୁବିଧାରେ ପକାଇବାର ସମ୍ଭାବନା ରହିଛି। ମତଦାନର ଏକ ସପ୍ତାହ ପୂର୍ବ ସମୟ ଏକ ନିର୍ବାଚନରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟଟି ଅନେକ ନିର୍ବାଚନୀ ଅଙ୍କକୁ ଗୋଳମାଳ କରି ଦେଇଥାଏ। ପ୍ରାୟ ୩% ଭୋଟରେ ଏହି ସମୟରେ ନିଜର ପ୍ରାର୍ଥୀ ଓ ଦଳ ପସନ୍ଦ କରିଥାନ୍ତି, ଯାହା ପୂର୍ବରୁ ଆକଳନ କରିବା ସମ୍ଭବ ହୋଇନଥାଏ। ଏହି ଭୋଟରଙ୍କୁ ସାଧାରଣତଃ ଅଣଆକଳିତ ବା ସ୍ୱିଙ୍ଗ ଭୋଟ ଭାବେ ବିବେଚନା କରାଯାଇଥାଏ। ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପୂର୍ବରୁ ଭୋଟରଙ୍କ ସଂଖ୍ୟା ଥିଲା ୭ କୋଟି ୮୯ ଲକ୍ଷ। ସଂଶୋଧନ ସମୟରେ ପ୍ରାୟ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯିବା ଯୋଗୁ ଏହି ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଛି। ନିର୍ବାଚନୀ ଗଣନା ଅନୁଯାୟୀ ଏଥିରୁ ପ୍ରାୟ ୨୧ ଲକ୍ଷ ସ୍ୱିଙ୍ଗ ଭୋଟ ରହିବ ବୋଲି ବିବେଚିତ ହେବ। ରାଜ୍ୟରେ ଭୋଟର ସଂଖ୍ୟା ହ୍ରାସ, ସରକାର ବିରୋଧୀ ମନୋଭାବ ଓ ନୂଆ ରାଜନୈତିକ ଦଳର ଆବିର୍ଭାବ ମଧ୍ୟରେ ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ ରୋଚକ ହେବ ବୋଲି ଆଶା କରାଯାଉଛି।

ମୋ: ୯୪୩୭୨୨୯୭୩୩



# 'କୁମ୍ଭୀର ବ୍ୟାଟେରି ଫାର୍ମିଂ' କାହିଁକି ବିସ୍ମୃତ

ଡ. ଲାଲା ଅଶ୍ୱିନୀ କୁମାର ସିଂହ

ଦୈନିକ ଧରିତ୍ରୀରେ ୭ ଅକ୍ଟୋବର୨୦୨୫ରେ ପ୍ରକାଶିତ 'କାରଖାନା କୃଷି ....' ଲେଖାଟି ପଢ଼ିବା ପରେ କେଇ ବର୍ଷଶି ପଛକୁ ଫେରିଗଲି। ଓଡ଼ିଶାରେ ୧୯୭୫ ମସିହାରୁ ପ୍ରଥମ କରି ଯେତେବେଳେ କୁମ୍ଭୀର ଯୋଜନା ଆରମ୍ଭ କରାଗଲା, ସେତିକିବେଳଠୁ ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେଶନ (ଏଫଏଓ)/ ୟୁନାଇଟେଡ ନେସନ୍ସ ଡେଭଲପମେଣ୍ଟ ପ୍ରୋଗ୍ରାମ (ୟୁଏନଡିପି)ତଥା ଡ.ବୁସ୍ତଙ୍କର ବିଭିନ୍ନ ପ୍ରୋଜେକ୍ଟ ରିପୋର୍ଟ ମାଧ୍ୟମରେ ଆମେ ବ୍ୟାଟେରି ଫାର୍ମିଂ ଶବ୍ଦ ସହିତ ପରିଚିତ ହେଲୁ। ସଂରକ୍ଷଣ ପ୍ରଚ୍ଛଦପଟରେ ଭବିଷ୍ୟତ ସମୟରେ ବ୍ୟାଟେରି ଫାର୍ମିଂ ମାଧ୍ୟମରେ ଅଧିକ କୁମ୍ଭୀର ଉତ୍ପାଦନ କରି ରାଷ୍ଟ୍ର ପାଇଁ ବୈଦେଶିକ ମୁଦ୍ରା ଉପାର୍ଜନ କରିବାର ସମ୍ଭାବନା ଆମମାନଙ୍କ ସମ୍ମୁଖରେ ତଥା ଆନ୍ତର୍ଜାତିକ ସ୍ତରରେ ଗୋଟିଏ ବଡ଼ ଉଦ୍ଦେଶ୍ୟ ଓ ପ୍ରଲୋଭନ ରହିଥିଲା। ୧୯୭୫-୧୯୮୨ ସମୟରେ ସେହି ଦିଗରେ ଯେତେ କିଛି ଗବେଷଣା ହୋଇପାରିବ ତା' ମଧ୍ୟ କରାଗଲା। ଯେପରିକି କୁମ୍ଭୀର ତା' ପେଟକୁ କେତେ ଖାଉଲେ ଶରୀରରେ କେତେ ମାତ୍ରାରେ ବୃଦ୍ଧି ଘଟିବ ଇତ୍ୟାଦି। ଘଡ଼ିଆଳ କୁମ୍ଭୀର ଓ ଗୋମୁହାଁ କୁମ୍ଭୀରଙ୍କୁ ନେଇ ଏହି ଦିଗରେ ଶାତକୋଶିଆ ଗଣ୍ଡ ଅଭୟାରଣ୍ୟର ଟିକରପଡ଼ା ସ୍ଥିତ ଯୋଜନା ସମ୍ପର୍କିତ ଅଧ୍ୟୟନ ଓ ଗବେଷଣା ତଥ୍ୟ ଏଯାବତ ଇଣ୍ଟରନେଟରେ ଉପଲବ୍ଧ ରହିଆସିଛି। ବଉଳା କୁମ୍ଭୀର ପାଇଁ ଅନୁରୂପ କିଛିଟା ତଥ୍ୟ ଆନ୍ତର୍ଜାତିକ ଏବଂ ସ୍ଥାନୀୟ ଡାଙ୍ଗମାଳ ଯୋଜନାରୁ ମଧ୍ୟ ଉପଲବ୍ଧ ହେଉଥାଏ। ଅର୍ଥନୈତିକ ଦୃଷ୍ଟିକୋଣରୁ ଆଲୋଚନା କରି, ଜେ. ଏମ୍. ଡି-ୱାର୍ ନାମକ ବିଶେଷଜ୍ଞ ୧୯୭୫ ଓ ୧୯୭୮ରେ କୁମ୍ଭୀର ଓ ସମୁଦ୍ର କଇଁଛ ସମ୍ବନ୍ଧରେ ଦୁଇଟି ରିପୋର୍ଟ ପ୍ରଦାନ କରିଥିଲେ। ଓଡ଼ିଶାର ସୁପରିଚିତ ତତ୍କାଳୀନ ବନ ସଂରକ୍ଷକ ଭଗବାନ ଚରଣ କାନୁନଗୋ ମଧ୍ୟ ଅନୁରୂପ ବ୍ୟବହାରିକ ଯୋଜନା ପ୍ରସ୍ତୁତ କରିଥିଲେ। ଭାରତର ବିଭିନ୍ନ ରାଜ୍ୟର ବନ ବିଭାଗ ପଦାଧିକାରୀ, ତଥା ଆଖପାଖ ଦେଶଗୁଡ଼ିକରୁ ଆସୁଥିବା ଅଫିସରମାନଙ୍କୁ ହାଇଦ୍ରାବାଦଠାରେ କେନ୍ଦ୍ର ସରକାରଙ୍କ କୁମ୍ଭୀର ଅନୁଷ୍ଠାନରେ ଶିକ୍ଷା ପ୍ରଦାନ କରାଗଲା। ଯେପରିକି ଅନୁଦାନ ଭିତ୍ତିକ ଏଫଏଓ ପ୍ରୋଜେକ୍ଟ ବନ୍ଦ ହୋଇଗଲେ ମଧ୍ୟ ତାଲିମ-ପ୍ରାପ୍ତ ବ୍ୟକ୍ତିଙ୍କ ଅଭାବ ରହିବନି ସେଥିପ୍ରତି ସତର୍କତା ଅବଲମ୍ବନ କରାଗଲା। ୧୯୮୭ରେ ମୁଁ ସେଇ କୁମ୍ଭୀର ଅନୁଷ୍ଠାନ



ଦାୟିତ୍ୱରେ ରହିବା ସହ କେନ୍ଦ୍ର ସରକାରଙ୍କର ଗୋଟିଏ ଟେକ୍ନିକାଲ କମିଟିର ଆବାହକ ଥାଏ। ସେତେବେଳେ ଜାନୁଆରୀରେ ପାଞ୍ଚୋଟି ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଓ ତତ୍କାଳୀନ ଏଫଏଓ ବିଶେଷଜ୍ଞଙ୍କୁ ନେଇ ଗଠିତ ହୋଇଥିବା କମିଟି କର୍ଣ୍ଣାଟକରେ ଭେଟିଥିଲୁ। ସେଉଠି ନିଷ୍ପତ୍ତି ହେଲା ଯେ, କୁମ୍ଭୀରଙ୍କୁ ନେଇ ଯେଉଁ ପ୍ରକାରର ବ୍ୟାଟେରି ଫାର୍ମିଂ ପରିକଳ୍ପନା କରାଯାଇଥିଲା ତା' କାର୍ଯ୍ୟକାରୀ ହୋଇପାରିବନି। କାରଣ ସ୍ପଷ୍ଟ ଥିଲା ଯେ, ବନ୍ୟପ୍ରାଣୀ ଅଧିନିୟମ ଅନୁଯାୟୀ କୁମ୍ଭୀରମାନେ ଅନୁସୂଚୀ-I ପ୍ରାଣୀ, ଯଦିବା ଆମେ ନିୟମ ବଦଳାଇବା, ଆମ ଅଭୟାରଣ୍ୟରେ କୁମ୍ଭୀର ମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଇ ପାରିବାନି। ବ୍ୟାଟେରି ଫାର୍ମିଂ ଆଭୁଥାଳରେ ପ୍ରାକୃତିକ ପରିବେଶରେ ଥିବା କୁମ୍ଭୀରମାନେ ୧୯୭୫ ବର୍ଷ ପୂର୍ବାବସ୍ଥା ଭଳି ନୂତନ ପ୍ରକାରର ବିପଦ ଅନୁଭବ କରିବେ। ତେଣୁ କୁମ୍ଭୀରଙ୍କୁ କୌଣସି ପ୍ରକାର ବ୍ୟବସାୟିକ ସୂତ୍ରରେ ମାରିବା ସେଇଠୁ ବନ୍ଦ ହେଲା। ମାନେକା ଗାନ୍ଧୀଙ୍କ ସମୟରେ ସେଭଳି ପରିକଳ୍ପନାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା।

ରାଷ୍ଟ୍ରୀୟ ଚମ୍ବଲ ଅଭୟାରଣ୍ୟ, ଶିମିଲିପାଳ-ରମତୀର୍ଥ ଓ ଅନ୍ୟାନ୍ୟ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଗବେଷଣା ଭିତ୍ତିକ କାର୍ଯ୍ୟ ସ୍ଥାପନ ହେଲା। ଯେପରିକି, ବିଗତ ବର୍ଷ ଗୁଡ଼ିକରେ ହାସଲ କରିଥିବା କୁମ୍ଭୀର-ବିଦ୍ୟାକୁ ଆମେ ଭୁଲି ନ ଯାଉ। ଅଭୟାରଣ୍ୟଗୁଡ଼ିକରେ କୁମ୍ଭୀର ତଥା ସେମାନଙ୍କ ପାରିପାର୍ଶ୍ୱିକ ଜୀବକଳ୍ପକୁ ସମ୍ପର୍କରେ ଅନେକ ଗବେଷଣା-ଲବ୍ଧ ଜ୍ଞାନ ହାସଲ କରାଯାଇପାରିଲା। ଏପରିକି, ୧୯୯୧ରେ ମୁଁ ଓ ଡ. ସୁଧାକର କରଙ୍କୁ ତତ୍କାଳୀନ କେନ୍ଦ୍ର ପରିବେଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ନେଇ ତାମିଲନାଡୁ ଯିବାକୁ ହୋଇଥିଲା। ସେ ରାଜ୍ୟରେ ସ୍ଥିତ ବିଭିନ୍ନ କୁମ୍ଭୀର କେନ୍ଦ୍ର ଓ ମହାବଳୀପୁରମରେ ଥିବା ରମୁଲସ ହ୍ୱାଇଟେକରଙ୍କ କୁମ୍ଭୀର ବ୍ୟାଙ୍କ ଭବିଷ୍ୟତ କାର୍ଯ୍ୟାବଳୀ ସମ୍ପର୍କରେ ଆମେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲୁ। ସାରାଂଶରେ, ଭାରତ ବର୍ଷରେ କୌଣସି ଅନୁସୂଚୀ-I ଜୀବମାନଙ୍କୁ ନେଇ ଆମେ ଆର୍ଥିକ ଉପାର୍ଜନ ପାଇଁ ଚିନ୍ତା କରିପାରିବାନି। ମାତ୍ର ସେଭଳି ଜୀବମାନଙ୍କ ଜରିଆରେ ଆମେ ଜନସାଧାରଣ ତଥା ଯୁବପିଢ଼ିଙ୍କୁ ଶିକ୍ଷାଦାନ କରିପାରିବା। ସହଜୀୟ ଓ ଦାୟିତ୍ୱ ସମ୍ପନ୍ନ ଟୁରିଜମ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ପୂର୍ବଭଳି ବନ୍ୟପ୍ରାଣୀ ସଂରକ୍ଷଣ ଛତ୍ରଛାୟାରେ ରୋଜଗାର ଦେଇ ପରିବା।

**ପ୍ରାକ୍ତନ ଭାରପ୍ରାପ୍ତ ଅଧିକାରୀ, କେନ୍ଦ୍ରୀୟ କୁମ୍ଭୀର ପ୍ରଜନନ ତଥା ପରିଚାଳନା ଶିକ୍ଷା ଅନୁଷ୍ଠାନ,**
**ମୋ: ୭୯୭୮୩୩୫୯୮୩**

## ଏଇ ଭାରତରେ

ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା- ଏହା ଉପଲବ୍ଧି କରିଛନ୍ତି ଉତ୍ତରାଖଣ୍ଡର ମହିଳାମାନେ। ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି ଏବଂ ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ପ୍ରମାଣ କରିପାରିଛନ୍ତି। ଏହି କ୍ରମରେ ପିଥୋରାଗଡ଼ ଜିଲ୍ଲା ମୁନସିଆରି ବ୍ଲକର ଶଙ୍ଖଧୁରା ଗାଁର ଜଙ୍ଗଲକୁ ଗ୍ରାମୀଣ ସରପଞ୍ଚ ବସନ୍ତି ରାୱତ ସୁରକ୍ଷା କରୁଛନ୍ତି। ତାଙ୍କ ସହ ଅନ୍ୟ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଧୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍ଦ୍ଦି ମଧ୍ୟ ନେସାରିଗଙ୍କୁଷ୍ଠ ପୁନରୁଦ୍ଧାର କରିପାରିଛନ୍ତି। ଏବେ ତାଙ୍କ ଅଞ୍ଚଳରେ ପାଣିର ଅଭାବ ରହୁନାହିଁ। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରର ଯଥେଷ୍ଟ ବିକାଶ ହୋଇପାରିଛି। ଉଲ୍ଲେଖନୀୟ, ୧୯୩୧ରେ ଇଂରେଜମାନେ ବନ ପଞ୍ଚାୟତ ନିୟମାବଳୀ ଆଣିଥିଲେ। ପରେ ୧୯୭୬ରେ ଏହା ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅଧୀନକୁ ଆସିଥିଲା। ତେବେ ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ୪,୦୫,୪୭୬ ହେକ୍ଟର ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଅକ୍ଟୋବର ୧୯୭୬**

- ଶ୍ରୀମତୀ ଅରୁଣା ଆସଫ ଅଲୀ ଜାତୀୟ ଭାରତୀୟ ମହିଳା ସଂଘର ସଭାନେତ୍ରୀ ନିର୍ବାଚିତ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଅତ୍ୟାଧୁନିକ ଆଲକାଲଏଡ କାରଖାନା ମଧ୍ୟପ୍ରଦେଶର ନିମଚଠାରେ ଉଦ୍‌ଘାଟିତ।

## sudoku Puzzles by Srikant Ghosh | ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 5 | | | 2 | | |
| | | | 1 | | | 7 | 9 | |
| | 5 | | 9 | | 7 | | | |
| | 8 | | | | 9 | | | |
| 5 | 2 | | 7 | | | | 8 | 4 |
| 7 | | 9 | | | | 5 | | |
| | | | | | | | | |
| 1 | | 2 | | | 3 | | | |
| 6 | | | | 4 | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଠାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 5 | 8 | 3 | 7 | 9 | 6 |
| 3 | 7 | 5 | 2 | 9 | 6 | 4 | 8 | 1 |
| 6 | 8 | 9 | 1 | 4 | 7 | 2 | 3 | 5 |
| 8 | 1 | 7 | 6 | 5 | 9 | 3 | 2 | 4 |
| 9 | 5 | 3 | 7 | 2 | 4 | 1 | 6 | 8 |
| 4 | 6 | 2 | 3 | 1 | 8 | 5 | 7 | 9 |
| 7 | 9 | 8 | 4 | 3 | 1 | 6 | 5 | 2 |
| 5 | 3 | 4 | 8 | 6 | 2 | 9 | 1 | 7 |
| 1 | 2 | 6 | 9 | 7 | 5 | 8 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାରିବାରିକ ବନ୍ଧନ ବଜାୟ ରହୁ

ମହାଶୟ,

ଆଗକାଳରେ ଥିଲା ଯୌଥ ପରିବାର, ଥିଲା ଆତ୍ମୀୟତାର ମୂଲ୍ୟବୋଧ। ମାଟି ଅଗଣାର ମୋହ; କକା, ଖୁଡ଼ୀ, ମାଆ, ଜେଜେଙ୍କୁ ନେଇ କୋଳାହଳପୂର୍ଣ୍ଣ ପରିବେଶ। ଭାଇ ସହ ଭାଇର ରକ୍ତସମ୍ପର୍କର ପବିତ୍ରତା। କିନ୍ତୁ ସମୟ ସହ ତାଳ ଦେଇ ଭିନ୍ନ ଦିଗରେ ଅଗ୍ରସର ଆମର ପାଦ। ଦୂରେଇଯାଏ ଆତ୍ମୀୟତାର ବନ୍ଧନ। ବଦଳିଯାଏ ଚାଲିଚଳନ, ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ ଅନ୍ୟ ଏକ ସଂସ୍କାରରେ ସାଲିସ୍ କରି ବଞ୍ଚିବାକୁ। ନ ଥାଏ ରକ୍ତସମ୍ପର୍କ, ଆପଣାର ଆତ୍ମୀୟତା କେବଳ ଯାହା ବନ୍ଧନର ଗୋଟେ ପରିସୀମା ଭିତରେ ଦୃଷ୍ଟିକୁ ଆଗେଇନେବାର ପ୍ରୟାସ। ସବୁରି ଭିତରେ ଅହଂକାର କେବେ ଯୋଡ଼ିହୁଏ ତ କେବେ ପୁଣି ଭାଙ୍ଗିଦିଏ ସୁନାରସଂସାର। ଆମେ ସେଥିର ଅନ୍ୟର ବୋଷ ଖୋଜୁ। ଆତ୍ମଦୃଷ୍ଟିମା ଭିତରେ ସମସ୍ୟାର ସମାଧାନ ବଦଳରେ ତାହାକୁ ଜଟିଳତା ତଥା କୁଟିଳ କରିଦେଉ। ହେଉ ସେ ଭାଇ-ଭାଇ, ବାପା-ମାଆ, ସ୍ୱାମୀ-ସ୍ତ୍ରୀ ଅବା ଶାଶୁ-ବୋହୂର ସମ୍ପର୍କ। ସମସ୍ତ ବନ୍ଧନର ପବିତ୍ରତା ବ୍ୟାପକ ତଥା ପରିବର୍ଦ୍ଧିତ ହେବା ଉଚିତ। ବଡ଼ ହେଉ ଅବା ସାନ ସମସ୍ତେ ବନ୍ଧନକୁ ଆତ୍ମୀୟତାର ସହ ଗ୍ରହଣ କରିବା ଏବଂ ସମ୍ମାନ ଦେବା ଉଚିତ୍। ନ ରହୁ ସ୍ୱାର୍ଥ, ନ ରହୁ କପଟ, ଛନ୍ଦ। ସୃଷ୍ଟିହେଉ ସୁନ୍ଦର ପରିବାର ଓ ପରିବେଶ।

-ତୃପ୍ତି ପଣ୍ଡା, ସମ୍ପାଦିକା 'ବିଶ୍ୱନୟନ'
ଓ 'ବିଶ୍ୱଶ୍ରେଣୀ' ଗୁଣ୍ଡିଚା ବିହାର, ପୁରୀ

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକୀ !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'ର ଏକ ଷ୍ଟଲ୍‌ରେ ସଜାଇ ରଖାଯାଇଥିବା ଆକର୍ଷଣୀୟ ଦୀପ। (ଫଟୋ- ମନୋରଞ୍ଜନ ମିଶ୍ର)

# ବେପରୁଆ ଗାଡ଼ି ଚାଳନାରୁ ୯୦% ଦୁର୍ଘଟଣା

ଭୁବନେଶ୍ୱର,୧୪।୧୦(ରବିନାରାୟଣ ଜେନା)

**ଆମ ସୁବାହକ: ୫୮ ହଜାର ମହିଳାଙ୍କୁ ଦିଆଯିବ ଡ୍ରାଇଭିଂ ତାଲିମ**

ରାଜ୍ୟରେ ୯୦ ପ୍ରତିଶତ ଦୁର୍ଘଟଣା କେବଳ ତ୍ରୁଟିପୂର୍ଣ୍ଣ ଗାଡ଼ିଚାଳନା ଯୋଗୁ ଘଟୁଛି, ଯେଉଁଥିପାଇଁ ପ୍ରତିବର୍ଷ ୬ ହଜାର ଜୀବନ ଚାଲିଯାଉଥିବା ଜଣାପଡ଼ିଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଓ ମହିଳାଙ୍କୁ ଡ୍ରାଇଭିଂ ତାଲିମ୍ ଦେଇ ନିୟୋଜିତ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ 'ଆମ ସୁବାହକ' ଭଳି ଏକ ମହିଳାଧର୍ମୀ ଯୋଜନା ହାତକୁ ନିଆଯାଇଛି। ଏଥିରେ ୫୮ ହଜାର ମହିଳାଙ୍କୁ ତାଲିମ ପ୍ରଦାନ କରାଯିବାକୁ ରହିଥିବାବେଳେ ସେଥିମଧ୍ୟରୁ ପର୍ଯ୍ୟାୟକ୍ରମେ ୨,୪୩୧ ଜଣଙ୍କୁ ନିଯୁକ୍ତି ଦିଆଯିବାକୁ ରହିଛି। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗର 'ଆତ୍ମନିର୍ଭର ଆମ ସୁବାହକ' ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଥିବାବେଳେ ଚଳିତମାସ ୨୩ରେ ଏହାର କାର୍ଯ୍ୟକାରିତା ନେଇ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ।

ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ, ମହିଳାଙ୍କୁ ବିନା ମୂଲ୍ୟରେ ଡ୍ରାଇଭିଂ ତାଲିମ୍ ପ୍ରଦାନ କରାଯିବ। ଏହି ତାଲିମ୍ ବେଳେ ଖାଇବା ଓ ୟୁନିଫର୍ମ ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଡ୍ରାଇଭିଂ ପ୍ରମାଣପତ୍ର ଯୋଗାଇ ଦିଆଯିବ। ପ୍ରୋଜେକ୍ଟ ସୁବାହକ ପକ୍ଷରୁ ୮ହଜାର ଫ୍ରେଶର ମହିଳାଙ୍କୁ ତାଲିମ ଦିଆଯିବାକୁ ଲକ୍ଷ୍ୟ ରହିଥିବାବେଳେ ୫୦ହଜାର ମହିଳାଙ୍କୁ ରିଫ୍ରେଶର ତାଲିମ ଦିଆଯିବ। ପ୍ରତିମାସରେ ୭୩୦ ଜଣ ଫ୍ରେଶରଙ୍କୁ ପ୍ରଶିକ୍ଷଣ ଦେବାକୁ ରହିଥିବାବେଳେ ୬,୭୧୬ ମହିଳାଙ୍କୁ ତାଲିମ ଦିଆଯିବ। ଏହାବାଦ୍ ୩୦ ହଜାର ୬୧୯ ଜଣଙ୍କୁ ରିଫ୍ରେଶର ତାଲିମ ଦିଆଯିବ। ଏଥିମଧ୍ୟରୁ ୨,୪୩୧ ଜଣ ଫ୍ରେଶରଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି।

ତେବେ ୪ ବର୍ଷରେ ୧୧ ହଜାର ମହିଳାଙ୍କୁ ଗାଡ଼ି ଯୋଗାଇ ଦିଆଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ଚିନ୍ତା କରିଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ଗାଡ଼ି କିଣିବା ଲାଗି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କଋଣ ଯୋଗାଇବାକୁ ରହିଛି। ତେବେ କେଉଁ ବର୍ଗର ମହିଳା ଏହି ଋଣ ପାଇବାକୁ ଯୋଗ୍ୟ, ସେନେଇ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ରହିଛି। ଯେଉଁ ମହିଳାଙ୍କ ବୟସ ୨୧ରୁ ୪୧ ବର୍ଷ ହୋଇଥିବ ଏବଂ ତାଙ୍କ ପରିବାରର ବାର୍ଷିକ ଆୟ ୩ ଲକ୍ଷରୁ କମ୍ ଥିବ ସେମାନେ ବ୍ୟାଙ୍କଋଣ ପାଇବାକୁ ଯୋଗ୍ୟହେବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ କ୍ଷେତ୍ରରେ ଅଧିକ ସୁଯୋଗ ଦିଆଯିବ। ଏହାବାଦ୍ ବିଭାଗ ପକ୍ଷରୁ ଗାଡ଼ି କିଣିବା ପାଇଁ ଅନ୍ୟ କେତେକ ସର୍ତ୍ତାବଳୀ ରଖାଯାଇଥିବା ଜଣାପଡ଼ିଛି।

# ଇ-କେୱାଇସି କରି ନ ଥିଲେ ନଭେମ୍ବରରୁ ଚାଉଳ ମିଳିବନି: ମନ୍ତ୍ରୀ

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

- ୧୫.୬୭ ଲକ୍ଷ ହିତାଧିକାରୀଙ୍କ ନାହିଁ କେୱାଇସି
- କେନ୍ଦ୍ର ସମୟ ବଢ଼ାଇଲେ ରାଜ୍ୟ ବୃଦ୍ଧି କରିବ

ଇ-କେୱାଇସି ପାଇଁ ସରକାର ଦେଇଥିବା ଡେଡ୍‌ଲାଇନ ସରିଯାଇଛି। ଯେଉଁମାନେ ଇ-କେୱାଇସି କରି ନାହାନ୍ତି ସେମାନଙ୍କ ରାଶନ କାର୍ଡ ଆଉ କାମ ଦେବନାହିଁ। ସେମାନଙ୍କୁ ମିଳୁଥିବା ମାଗଣା ଚାଉଳ ମଧ୍ୟ ଆଉ ମିଳିବ ନାହିଁ। ଏପର୍ଯ୍ୟନ୍ତ ଇ-କେୱାଇସି କରି ନ ଥିବା ଲୋକ ମାଗଣା ଚାଉଳ ପାଉଛନ୍ତି। ସେମାନଙ୍କୁ ରାଶନ କାର୍ଡ ତାଲିକାରୁ ମଧ୍ୟ ବାଦ୍ କରଦିଆଯିବ। ଆସନ୍ତା ମାସରୁ ହିଁ ସେମାନଙ୍କୁ ଚାଉଳ କିମ୍ବା ଅନ୍ୟାନ୍ୟ ରାଶନ ସାମଗ୍ରୀ ମିଳିବନାହିଁ ବୋଲି ମଙ୍ଗଳବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏବେ ବି ରାଜ୍ୟର ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ଯେଉଁମାନେ ଇ-କେୱାଇସି କରିବେ ନାହିଁ ସେମାନଙ୍କ ପାଇଁ ଚାଉଳ ଯିବ ନାହିଁ। ଗତ ୭ରୁ ୮ ମାସ ଧରି ଇ-କେୱାଇସି ପ୍ରକ୍ରିୟା ଚାଲିଲା। ତେଣୁ ଆଉ ଏନେଇ ଅବଧି ବଢ଼ିବାର ନାହିଁ। ଯଦି କେନ୍ଦ୍ର ସମୟ ବଢ଼ାଇବ ତେବେ ରାଜ୍ୟ ସରକାର ମଧ୍ୟ ଅବଧିରେ ବୃଦ୍ଧି କରିବେ। ଯଦି କେହି ବାଦ୍ ରହିଯାଇଥିବେ ସେମାନେ ଲିଖିତ ଭାବେ ଦେଲେ ବିଚାର କରାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଇ-କେୱାଇସି ଡେଡ୍‌ଲାଇନ ରହିଥିଲା। ଏହାପରେ ଇ-କେୱାଇସି ପ୍ରକ୍ରିୟା କେନ୍ଦ୍ର ସରକାରଙ୍କ ପକ୍ଷରୁ ବନ୍ଦ କରିଦିଆଯାଇଛି। ଅର୍ଥାତ୍ ଇ-କେୱାଇସି କରି ନ ଥିଲେ ଏଣିକି ହିତାଧିକାରୀଙ୍କ କାର୍ଡ ନିଷ୍କ୍ରିୟ ହୋଇଯିବ। ରାଜ୍ୟରେ ରାଶନ କାର୍ଡ ପାଇଥିବା ହିତାଧିକାରୀମାନଙ୍କ ମଧ୍ୟରୁ ବହୁ ଭୂତକାର୍ଡଧାରୀ ରହିଥିବା ବିଭାଗ ପୂର୍ବରୁ ଅନୁମାନ କରିଥିଲା। ଏହାସହ ଅନେକ ଯୋଗ୍ୟ ଲୋକ ଦଳୀୟ ଭିତ୍ତିରେ ରାଶନ କାର୍ଡ ହାତେଇଥିବା ରାଜ୍ୟରେ ଭାଜପା ସରକାର ଆସିବା ପରେ ଅନୁମାନ କରିଥିଲା। ସେମାନଙ୍କୁ ଚିହ୍ନଟକରି ତାଲିକାରୁ ବାଦ୍‌ଦେବା ଲାଗି ଭାଜପା ସରକାର ଯୋଜନା କରିଥିଲେ। ତେଣୁ ସମସ୍ତ ହିତାଧିକାରୀଙ୍କୁ ଇ-କେୱାଇସି କରିବାକୁ ଏକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି କ୍ରମରେ ଇ-କେୱାଇସି ଅବଧି ସରକାର ବଢ଼ାଇଥିବା ବେଳେ ଏହାର ସମୟ ସରିଯାଇଥିବା ସୂଚନା ଦିଆଯାଇଛି।

# ଏମ୍‌କେସିଜିରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ ହୋଇଛି।

ସୋମବାର ବିଳମ୍ବିତ ରାତିରେ କାର୍ଯ୍ୟକ୍ରମକୁ ଆସିଥିବା କଟକ ମେଡିକାଲ କଲେଜ ଛାତ୍ରଙ୍କୁ ସ୍ୱାଗତ କରିବା ସମୟରେ ଏମ୍‌କେସିଜିର କେତେଜଣ ଛାତ୍ର ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଛାତ୍ରଙ୍କ ପକ୍ଷରୁ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଖବରପାଇ ଏମ୍‌କେସିଜି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ମଙ୍ଗଳବାର ଅପରାହ୍ନରେ ଜରୁରିକାଳୀନ କାଉନ୍‌ସିଲ ବୈଠକ ଡାକିଥିଲେ। ଏଭଳି ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକ୍ରମକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ମେଡିକାଲ କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ଡିନ୍ ଦୁଃଖ ପ୍ରକାଶ କରିବା ସହ ଏଭଳି କାର୍ଯ୍ୟକଳାପ ଏମ୍‌କେସିଜି ମେଡିକାଲ କଲେଜର ଖ୍ୟାତି ଓ ଗରିମାକୁ କ୍ଷୁଣ୍ଣ କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକ୍ରମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏହାକୁ ବନ୍ଦ କରାଯିବା ପ୍ରତିବାଦରେ ଏମ୍‌କେସିଜି ମେଡିକାଲ କଲେଜ ଛାତ୍ରମାନେ ଡିନ୍‌ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଗତ ୧୨ ତାରିଖରୁ ଏମ୍‌କେସିଜି ମେଡିକାଲ କଲେଜରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ କାର୍ଯ୍ୟକ୍ରମ ଆସନ୍ତା ୧୭ରୁ ୧୯ ଯାଏ ହେବାର ଥିଲା। ଏଥିରେ ଯୋଗଦେବାକୁ ରାଜ୍ୟର ୧୪ଟି ମେଡିକାଲ କଲେଜର ଛାତ୍ରମାନେ ଆସିଥିଲେ। ସୋମବାର ରାତି ୧ଟାରେ ବୁର୍ଲା ମେଡିକାଲ କଲେଜ ଛାତ୍ର ଏମ୍‌କେସିଜିରେ ପହଞ୍ଚିଥିଲେ। ସେ ସମୟରେ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଖବରପାଇ ଡିନ୍ ସେଠାରେ ପହଞ୍ଚିବା ବେଳକୁ ସ୍ଥିତି ସ୍ୱାଭାବିକ ରହିଥିବା ସେ ଜାଣିବାକୁ ପାଇଥିଲେ। ପରେ କଟକ ମେଡିକାଲ କଲେଜ ଛାତ୍ର ରାତି ସାଢ଼େ ୨ଟାରେ ପହଞ୍ଚିଥିଲେ। ସେମାନଙ୍କୁ ସ୍ୱାଗତ ବେଳେ ପଥର ମାଡ଼ କରାଯାଇଥିଲା, ଯାହାଫଳରେ କେତେଜଣ ଛାତ୍ର ଆହତ ହୋଇଥିଲେ। ଆହତ ଛାତ୍ରମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ଦୀପାବଳି ପାଇଁ ପ୍ରସ୍ତୁତ ହେଉଛି ଅଯୋଧ୍ୟା



ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

**ରାମାୟଣ ପ୍ରଦର୍ଶନ କରିବେ ୫ ଦେଶର ୯୦ କଳାକାର**

ଆଲୋକର ପର୍ବ 'ଦୀପାବଳି' ପାଇଁ ଅଯୋଧ୍ୟା ପ୍ରସ୍ତୁତ ହେଉଛି। ଚଳିତବର୍ଷ ସରଯୁ ନଦୀ କୂଳରେ ୧ ଲକ୍ଷ ଦୀପ ଜଳିବ। ବିଭିନ୍ନ ଦେଶର ଲୋକେ ଏକାଠି ହୋଇ ବିଭିନ୍ନ ଭାଷାରେ ରାମାୟଣର କାହାଣୀ କହିବେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଏହା ଦୀପାବଳିର ୯ମ ବର୍ଷ ହୋଇଥିବାବେଳେ ରୁଷିଆ, ଥାଇଲାଣ୍ଡ, ଇଣ୍ଡୋନେସିଆ, ନେପାଳ ଓ ଶ୍ରୀଲଙ୍କାର କଳାକାରମାନେ ଅନ୍ତର୍ଜାତୀୟ ରାମଲୀଳା ପରିବେଷଣ କରିବେ। ରାମଙ୍କ ମହାକାବ୍ୟକୁ ଜୀବନ୍ତ କରିବା ପାଇଁ ୯୦ ବିଦେଶୀ କଳାକାର ଆସିବେ। ରୁଷିଆରୁ ୧୫ ଜଣ କଳାକାର ରୁଷୀୟ ନାଟକ ଓ ଭାରତୀୟ ପୌରାଣିକ କାହାଣୀ ପ୍ରଦର୍ଶନ କରିବେ। ଥାଇଲାଣ୍ଡର ୧୦ ଜଣ ସୂର୍ପଣଖା, ମାରୀଚ ଓ ରାମ-ରାବଣ ଯୁଦ୍ଧର ନାଟକ କରିବେ। ଇଣ୍ଡୋନେସିଆର ୧୦ ଜଣ ଲଙ୍କା ଦହନ ଓ ରାମଙ୍କ ଅଯୋଧ୍ୟା ଫେରିବା ଦୃଶ୍ୟ ପରିବେଷଣ କରିବେ। ନେପାଳର ୩୩ ଜଣ ଲକ୍ଷ୍ମଣଙ୍କ ବୀରତ୍ୱ ପ୍ରଦର୍ଶନ କରିବେ। ଶ୍ରୀଲଙ୍କାର ୨୨ ଜଣ ରାମେଶ୍ୱରରେ ରାବଣେଶ୍ୱର ନାଟକ ମଞ୍ଚସ୍ଥ କରି ସେମାନଙ୍କର ରାବଣଙ୍କ ପ୍ରତି ଭକ୍ତି ଦେଖାଇବେ। ଅଯୋଧ୍ୟା ରାମାୟଣ ଓ ବୈଦିକ ଗବେଷଣା ଇନ୍‌ଷ୍ଟିଚ୍ୟୁଟ୍‌ର ପରାମର୍ଶଦାତା ଆଶୁତୋଷ ଦ୍ୱିବେଦୀ କହିଛନ୍ତି, ଏହି ରାମଲୀଳା ଅକ୍ଟୋବର ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିସହ ୫୬ଟି ଘାଟ ଓ ମନ୍ଦିରରେ ୧ ଲକ୍ଷ ଦୀପ ଜଳିବ।

# ଅଚାନକ ଜେଲ ପରିଦର୍ଶନ କରିବେ ଏସ୍‌ପି, ଜିଲାପାଳ

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)

**ଚିଠି ଲେଖିଲେ ଜେଲ ଡିଜି**

ରାଜ୍ୟରେ ଥିବା ଜେଲଗୁଡ଼ିକୁ ଏସ୍‌ପି ଏବଂ ଜିଲାପାଳମାନେ ଅଚାନକ ପରିଦର୍ଶନ କରିବେ। ଜେଲ ଡିଜି ସୁଶାନ୍ତ କୁମାର ନାଥ ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିମାନଙ୍କୁ ଚିଠି ଲେଖିଛନ୍ତି। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ସୋମବାର ଏହି ଚିଠି ପଠାଯାଇଥିବାବେଳେ କଏଦୀମାନେ କିପରି ସର୍ବନିମ୍ନ ମୌଳିକ ସୁବିଧା ପାଇ ଭଲରେ ରହିପାରିବେ, ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ତେବେ ଏହି ଗସ୍ତ ସମୟରେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସୁରକ୍ଷା ଦିଗକୁ ନେଇ ଜେଲରେ ସିସିଟିଭି, ମେଟାଲ ସର୍ଚ୍ଚ ଡିଟେକ୍ଟର, ବଡି ୱାର୍ନ କ୍ୟାମେରା ଆଦି ଆଧୁନିକ ଉପକରଣର ବ୍ୟବହାର ହେଉଛି କି ନାହିଁ ସେ ସଂକ୍ରାନ୍ତରେ ଯାଞ୍ଚ କରାଯିବ। ଜେଲରେ ନିଶାଦ୍ରବ୍ୟ କାରବାରରେ ରୋକ, ଜେଲ ପରିସରରେ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇବା ଏବଂ ଯୋଗ, ମାନସିକ କାଉନ୍‌ସେଲିଂ ଓ ଖେଳ ଆଦି ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଅପରପକ୍ଷରେ ପୂର୍ବରୁ ଏ ନେଇ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଜେଲ ଡିଜିଙ୍କ ଅଚାନକ ଏଭଳି ଚିଠିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ଚୌଦ୍ୱାର ଜେଲରୁ ଦୁଇ ପେସାଦାର ଅପରାଧୀ ଫେରାର ହୋଇଯିବା ପରେ ଜେଲ ବିଭାଗ ପକ୍ଷରୁ ଏଭଳି ଆଭିମୁଖ୍ୟ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଜୟ ହୋଇପାରନ୍ତି ଭାଜପା ପ୍ରାର୍ଥୀ, ୧୬ରେ ନାମାଙ୍କନ

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

- ନାମାଙ୍କନ ବେଳେ ଯୋଗଦେବେ ମୁଖ୍ୟମନ୍ତ୍ରୀ, ମନମୋହନ, ଦଳର ସବୁ ଏମ୍‌ପି
- ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସାମିଲ ହେବେ ୨ ହଜାର ବିଜେଡି, କଂଗ୍ରେସ କର୍ମୀ

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାର ପ୍ରାର୍ଥୀ ହେବେ। ଖୁବ୍‌ଶୀଘ୍ର ଜୟଙ୍କ ପ୍ରାର୍ଥୀତ୍ୱ ନେଇ ଆନୁଷ୍ଠାନିକ ଘୋଷଣା ହୋଇଯାଇପାରେ ବୋଲି ଭାଜପା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁଜିତ କହିଛନ୍ତି, ଆସନ୍ତା ୧୬ ତାରିଖରେ ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ନାମାଙ୍କନପତ୍ର ଦାଖଲ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଦଳର ସମସ୍ତ ଏମ୍‌ପି ଏବଂ କେତେଜଣ ମନ୍ତ୍ରୀ ଓ ବିଧାୟକ ସେଠାରେ ଯୋଗଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବିଶାଳ ସମାବେଶ କରିବେ। ବିଜେଡି ଏବଂ କଂଗ୍ରେସର ୨ ହଜାରରୁ ଅଧିକ କର୍ମୀ ସେହି ସମୟରେ ଭାଜପାରେ ସାମିଲ ହେବେ। ତେବେ ଦଳର ଅନ୍ୟ ଆଶାୟୀମାନେ ଅସନ୍ତୁଷ୍ଟ ହେବା କଥା ନେଇ ସୁଜିତ କହିଛନ୍ତି, ଭାଜପାରେ ଯେଉଁମାନେ ଅଫିସିଆଲ ପ୍ରାର୍ଥୀ ହୁଅନ୍ତି ତାଙ୍କ ପାଇଁ ସମସ୍ତେ ଏକଜୁଟ୍ ହୋଇ କାମ କରନ୍ତି। ଦଳ ସର୍ଭେକରି ଅନେକ ଜଣଙ୍କ ମତାମତ ନେଇ ପ୍ରାର୍ଥୀ ଦେଇଥାଏ। ଦେଶର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ଚୟନ ନେଇ ଭାଜପାର ବ୍ୟବସ୍ଥା କଥା ସମସ୍ତେ ଦେଖିଥିବେ ବୋଲି ସୁଜିତ କହିଛନ୍ତି।

ସୂଚନାଯୋଗ୍ୟ, ନୂଆପଡ଼ା ବିଧାନସଭା ଆସନ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେଡି ହାତରେ ରହିଥିଲା। ବିଜେଡି ପ୍ରାର୍ଥୀ ଭାବେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ସେଠାରୁ ପ୍ରାର୍ଥୀ ହୋଇଥିଲେ। ହେଲେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ଆସନରେ ଆସନ୍ତା ୧୧ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ହେଲେ ଏହା ପୂର୍ବରୁ ଢୋଲକିଆଙ୍କ ପୁଅ ଜୟ ବିଜେଡି ଛାଡ଼ି ଭାଜପା ସହ ମିଶି ସାରିଛନ୍ତି। ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେଇ ଅନୁକମ୍ପାମୂଳକ ଭୋଟ ହାତେଇ ବିଜେଡି ସେଠାରେ ଉପନିର୍ବାଚନ ବୈତରଣୀ ପାର୍ ହୋଇଯିବ ବୋଲି ଚିନ୍ତା କରୁଥିଲା। ହେଲେ ପରବର୍ତ୍ତୀ ସମୟରେ ରାଜନୈତିକ ଗଣିତରେ ବଡ଼ ପରିବର୍ତ୍ତନ ଦେଖାଦେଇଛି।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ରୀଙ୍କ ମୁଣ୍ଡ ଫାଟିଲା

ଝାରସୁଗୁଡ଼ା,୧୪।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ବାଗଡିହି ଗ୍ରାମରେ ଥିବା ଏକ ବେସରକାରୀ ସ୍କୁଲରେ ମଙ୍ଗଳବାର ପୂର୍ବାହ୍ନରେ ଜଣେ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ୨ୟ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ମୁଣ୍ଡ ଫାଟିଯାଇଛି। ଏନେଇ ବାଗଡିହି ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ବାଗଡିହି ଗ୍ରାମର ମହେଶ ଅଗ୍ରୱାଲଙ୍କ ଝିଅ ଅଳକା (୭) ସକାଳେ ସ୍କୁଲକୁ ପଢ଼ିବାକୁ ଯାଇଥିଲେ। ପରେ ୧୨ଟା ୩୦ରେ ଝିଅର ମୁଣ୍ଡ ଫାଟିଥିବା ନେଇ ସ୍କୁଲରୁ ଘରକୁ ଫୋନ ଆସିଥିଲା। ଛାତ୍ରୀଙ୍କ ମା' ନୂପୁର ସ୍କୁଲରେ ପହଞ୍ଚିଥିଲେ। ସେଠାରେ ଥିବା ଅନ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କଠାରୁ ଶିକ୍ଷକ ପୁଷ୍କର ବରୁଆ ଡଷ୍ଟର ଫିଙ୍ଗି ମାରିବା ଯୋଗୁ ମୁଣ୍ଡ ଫାଟିଥିବା ଜାଣିବାକୁ ପାଇଲେ। ସିସିଟିଭି ଫୁଟେଜ ଦେଖିଲା ପରେ ଘଟଣାର ସମସ୍ତ ସତ୍ୟ ସାମ୍ନାକୁ ଆସିଥିଲା।

ବାଗଡିହିଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀଙ୍କୁ ପରିବାର ଲୋକେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ପରେ ତାଙ୍କ ପିତା ମହେଶ ଶିକ୍ଷକଙ୍କ ବିରୋଧରେ ବାଗଡିହି ଫାଣ୍ଡିରେ ଏତଲା ଦେଇଥିଲେ। ଶିକ୍ଷକ ନ ଥିବାବେଳେ ଶ୍ରେଣୀ କୋଠରିରେ ପାଟିତୁଣ୍ଡ ହେଉଥିବାରୁ ଶିକ୍ଷକ ଡଷ୍ଟର ଫିଙ୍ଗି ଛାତ୍ରୀଙ୍କ ମୁଣ୍ଡ କଟା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଏନେଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲଇକେରା ଆଇଆଇସି ଦିଲୀପ ବେହେରା କହିଛନ୍ତି।

# ଆଜି ନୂଆପଡ଼ା ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରିପାରେ ବିଜେଡି

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ନେଇ ବିଜେଡି ପକ୍ଷରୁ ପ୍ରାର୍ଥୀ ଖୋଜା ଚାଲିଛି। ଦଳର କେତେଜଣ ବରିଷ୍ଠ ନେତା ୨ ଦିନ କାଳ ନୂଆପଡ଼ା ଯାଇ ସେଠାରେ ଡେରା ପକାଇ ରହିଥିଲେ। ଦଳର କର୍ମୀମାନଙ୍କ ସହ ଆଲୋଚନାକରିବା ପରେ ମଙ୍ଗଳବାର ସୁଦ୍ଧା କେତେଜଣ ଫେରିଛନ୍ତି ଆଉ କେତେକେ ବୁଧବାର ସକାଳ ସୁଦ୍ଧା ଆସି ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାସହ ପଶ୍ଚିମ ଓଡ଼ିଶାର ଅନେକ ନେତା ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଜଣ ଆସି ମଧ୍ୟ ବୁଧବାର ଭୁନବନେଶ୍ୱରଠାରେ ପହଞ୍ଚିବେ। ପ୍ରଥମେ ଶଙ୍ଖ ଭବନଠାରେ ସେମାନଙ୍କ ମଧ୍ୟରେ ଆଲୋଚନା ହେବା ପରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ୩ଟି ନାମ ପଠାଯିବ। ସେଥିରୁ ଜଣଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନୂଆପଡ଼ା ଜିଲା ସଭାପତି ଥିବା ମନୋଜ ମିଶ୍ର, ଆଦିବାସୀ ଚେହେରା ଭାବେ ଭାନୁ ପ୍ରତାପ ସିଂ ମାଝୀ, ନୂଆପଡ଼ା ବ୍ଲକ୍ ଅଧ୍ୟକ୍ଷ ଥିବା ତାରେଶ୍ୱରୀ ସାହୁ ଏବଂ ରମାକାନ୍ତ ଠାକୁରଙ୍କ ଭଳି କେତେଜଣଙ୍କ ନାଁକୁ ନେଇ ଦଳର ବରିଷ୍ଠ ନେତାମାନେ ଚର୍ଚ୍ଚା କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ଦଳ ପ୍ରାର୍ଥୀ କରିବାକୁ ଯୋଜନା କରିଥିବା ବେଳେ ମନୋଜ ମିଶ୍ରଙ୍କ ନାଁକୁ ନେଇ ବିଶେଷ ଚର୍ଚ୍ଚା ଚାଲିଛି।

# ଜାତିଗତ ନିର୍ଯାତନା ଅସହ୍ୟ ଯୋଗୁ ପୁରନ୍ ଆତ୍ମହତ୍ୟା କରିଛନ୍ତି: କାଡ଼ାମ

**ହରିୟାଣା ସରକାର ନୀରବଦ୍ରଷ୍ଟା**

ଭୁବନେଶ୍ୱର,୧୪।୧୦(ରବିନାରାୟଣ ଜେନା)



ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସହ ଦଳୀୟ ନେତୃବୃନ୍ଦ।

ଅନୁସୂଚିତ ବର୍ଗଙ୍କ ପ୍ରତି ନିର୍ଯାତନା ବଢ଼ିଚାଲିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କାଡ଼ାମ କହିଛନ୍ତି ଯେ, ହରିୟାଣାର ୨୦୦୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ମୃତ୍ୟୁ ଓ ତାଙ୍କ ସୁଇସାଇଡ୍ ନୋଟ୍‌ରେ ବହୁତ କିଛି ରହସ୍ୟ ଲୁଚିରହିଛି। ସେ ଜଣେ ଅନୁସୂଚିତ ଜାତିବର୍ଗର ଅଫିସର ଥିଲେ ଓ ସର୍ବଦା ଚାକିରି ଏବଂ ପଦୋନ୍ନତି କ୍ଷେତ୍ରରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଅଧିକାରୀମାନଙ୍କ ଆନୁପାତିକ ସଂରକ୍ଷଣ ସପକ୍ଷରେ ସ୍ୱର ଉତ୍ତୋଳନ କରୁଥିଲେ। ଅକ୍ଟୋବର ୭ରେ ସେ ଲେଖିଥିବା ୯ ପୃଷ୍ଠାବିଶିଷ୍ଟ ସୁଇସାଇଡ୍ ନୋଟ୍‌ରେ ହରିୟାଣା ପୋଲିସ ଡିଜି ଶତ୍ରୁଜିତ୍ କପୁର ଓ ଅନ୍ୟ ୧୬ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ତାଙ୍କୁ ଜାତିଗତ ନିର୍ଯାତନା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ହରିୟାଣା ସରକାର କୌଣସି ଜଣେହେଲେ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିନାହାନ୍ତି। ଅପରପକ୍ଷରେ ହରିୟାଣାର ଭାଜପା ସରକାର ପୋଲିସ ମହାନିର୍ଦ୍ଦେଶକଙ୍କୁ ତଦନ୍ତରୁ ବଞ୍ଚାଇବା ପାଇଁ ଛୁଟିରେ ପଠାଇ ଦେଇଛନ୍ତି। କାଡ଼ାମ କହିଛନ୍ତି, ମୃତ ଆଇପିଏସ୍ ଅଧିକାରୀଙ୍କ ଧର୍ମପତ୍ନୀ ଅମନିତ ପି କୁମାରଥାନାରେ ସଂପୃକ୍ତ ଅଧିକାରୀମାନଙ୍କ ନାମରେ ଏତଲା ରୁଜୁ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ହରିୟାଣା ସରକାର ତାଙ୍କ ଏତଲା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି, ଯାହାକି ହରିୟାଣା ସରକାରଙ୍କ ଜାତିଗତ ବିଦ୍ୱେଷଭାବର ପ୍ରମାଣିତ କରୁଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ, ପିସିସି ସମ୍ପାଦିକା ଅନିମା ମିଞ୍ଜ୍ ଉପସ୍ଥିତ ଥିଲେ।

# ଓଡ଼ିଶା-ତୋତୋରି ମଧ୍ୟରେ ଶିଳ୍ପ ଓ ବୈଷୟିକ ଜ୍ଞାନର ଆଦାନପ୍ରଦାନ

ଭୁବନେଶ୍ୱର,୧୪।୧୦(ରବିନାରାୟଣ ଜେନା)



ଜାପାନର ତୋତୋରି ପ୍ରିଫେକ୍ଚରାଲ ପ୍ରତିନିଧିଙ୍କ ସହିତ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ମଧ୍ୟରେ ଶିଳ୍ପ ଏବଂ ବୈଷୟିକ ଜ୍ଞାନ କୌଶଳ ଆଦାନ ପ୍ରଦାନ ସମ୍ପର୍କିତ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନା ବୈଠକରେ ଜାପାନ ଏବଂ ଓଡ଼ିଶାର କୃଷି, ଜଳପରିଚାଳନା, କଳା-ସାହିତ୍ୟ, ଶିଳ୍ପ ଓ ବୈଷୟିକ ଜ୍ଞାନ ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ତୋତୋରି ପ୍ରିଫେକ୍ଚରାଲଙ୍କ ଏହି ପ୍ରତିନିଧିଦଳ ଓଡ଼ିଶା ଗସ୍ତରେ ଆସିଥିଲେ। ଅଗଷ୍ଟ୨୦୨୫ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ଗସ୍ତରେ ଯାଇ ଜାପାନ ପ୍ରଧାନମନ୍ତ୍ରୀ ସିଙ୍ଗେରୁ ଇସିବାଙ୍କ ସହିତ ଏକ ବୈଠକରେ ଯୋଗଦେଇଥିଲେ। ଏହି ସମୟରେ ଭାରତ ଓ ଜାପାନ ମଧ୍ୟରେ ବ୍ୟବସାୟିକ,ବୈଷୟିକ ଜ୍ଞାନ ଭଳି ବିଭିନ୍ନ କ୍ଷେତ୍ରରେ ସହଯୋଗିତା ସଂପର୍କରେ ଆଲୋଚନା ହୋଇଥିଲା। ଏହି ଦୃଷ୍ଟିରୁ ତୋତୋରି,ଜାପାନରୁ ଆସିଥିବା ଏହି ୮ଜଣିଆ ପ୍ରତିନିଧି ଦଳଙ୍କ ସହିତ ଉନ୍ନୟନ କମିଶନରଙ୍କ ଆଲୋଚନା ବହୁ ଗୁରୁତ୍ୱ ବହନ କରୁଛି। ଓଡ଼ିଶାରେ ଦକ୍ଷ ମାନବ ସମ୍ବଳର ସଦୁପଯୋଗ କୃଷି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ହୋଇପାରିବ ଏବଂ ସେଥିରେ ତୋତୋରିର ସହଭାଗିତା ରହିବ ସେନେଇ ମଧ୍ୟ ଆଲୋଚନା ହୋଇଛି। ଏହି ଅବସରରେ ତୋତୋରି ପ୍ରତିନିଧିମାନେ କହିଥିଲେ, ଜାପାନର ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ଦକ୍ଷକର୍ମଚାରୀ ଯୋଜନାରେ ଭାରତର ଯୁବତୀଯୁବକ ତାଲିମ ନେଉଛନ୍ତି। ତୋତୋରି ସମେତ ଜାପାନର ଶିଳ୍ପ, କୃଷି,ନର୍ସିଂ ସେବା ଏବଂ ଉତ୍ପାଦନ ଭିତ୍ତିକ କ୍ଷେତ୍ରରେ ସେମାନେ ନିଯୁକ୍ତି ପାଇଛନ୍ତି। ଏହି ବୈଠକରେ ତୋତୋରି ବାଣିଜ୍ୟ ଓ ଲଜିଷ୍ଟିକ୍ ବିଭାଗର ନିର୍ଦ୍ଦେଶକ ଆକିଫୁମି ସିମିଜୁ ଏବଂ ପ୍ରବାସୀ ବାଣିଜ୍ୟ ସହାୟତା ମୁଖ୍ୟ ରୋସୁକେ ୟାମାଗୁଚି, ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

**ଗାଜା ଶାନ୍ତି ଚୁକ୍ତିର ୨ୟ ପର୍ଯ୍ୟାୟ ଆରମ୍ଭ: ଟ୍ରମ୍ପ**

ଯୁଦ୍ଧବିରତିର ପ୍ରଥମ ପର୍ଯ୍ୟାୟରେ ହମାସ୍ ୨୦ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଥିବାବେଳେ ଇସ୍ରାଏଲ୍ ଏହାର ଜେଲରେ ଥିବା ପ୍ରାୟ ୨,୦୦୦ ପାଲେଷ୍ଟାଇନୀୟ ବନ୍ଦୀଙ୍କୁ ଛାଡ଼ିଦେଇଥିଲା। ଏବେ ଗାଜା ଇସ୍ରାଏଲ୍ ମଧ୍ୟରେ ବୁଝାମଣାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ମୃତ ପଣବନ୍ଦୀମାନଙ୍କୁ ହମାସ୍ ଏପର୍ଯ୍ୟନ୍ତ ଫେରାଇ ନାହିଁ। ୨୦ ପଣବନ୍ଦୀ ଫେରିଥିବାରୁ ବେଶ୍ ଖୁସି ଅନୁଭବ ହେଉଛି, ତେବେ କାମ ସରିନାହିଁ। ଗାଜା ଶାନ୍ତି ଚୁକ୍ତିର ଏବେ ୨୦ ପର୍ଯ୍ୟାୟ ଆରମ୍ଭ ହେଲା। ଏହି ପର୍ଯ୍ୟାୟରେ ହମାସ୍ ମୃତ ପଣବନ୍ଦୀଙ୍କୁ ହସ୍ତାନ୍ତର କରିବାକୁ ଟ୍ରମ୍ପ ଦାବି କରିଛନ୍ତି।

# ସାନଘାଗରାରେ ହେବ ୨ୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର

■ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ
■ ବର୍ଷତମାମ ଖୋଲା ରହିବ

ଭୁବନେଶ୍ୱର, ୧୪।୧୦ (ସୁନିତ୍ ମିଶ୍ର)

କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡ଼ିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରାଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ।



ଲୋକସେବା ଭବନରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

ବୈଠକରୁ ମିଳିଥିବା ସୂଚନା ମୁତାବକ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ ଟୁରିଜିମ୍ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ ଉପଲବ୍ଧ ହେବା ସହ ଗୋଲାପ, ବାଉଁଶ, କାକ୍ଟସ୍, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ। ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅଞ୍ଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏହାର ଉଚିତ ପ୍ରତିକାର ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉପ୍ ଟ୍ରେଞ୍ଚେସ୍ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ନୂତନ ନିର୍ମାଣ ଯୋଗୁ ସେହି ସ୍ଥାନ ଦେଇ ବହିଯାଉଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୂର ରୁହେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଏବଂ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ନ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲବଗିଚା, ଛୋଟ ପିଲାଙ୍କ ଖେଳ ସ୍ଥାନ ନିର୍ମାଣ ହେବା ସହ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଏବଂ କାଠର ବ୍ୟବହାର କରାଯିବ। ଏହି ନିର୍ମାଣ କାର୍ଯ୍ୟ ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡ଼ିଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସିମାଧ୍ୟମରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଡିଏଫ୍ଓ ଧନରାଜ ହନୁମନ୍ତ ଧାମଦେରେ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ର ବୟସ ଗର୍ଭପାତ ଆଶଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ

**ବିଶ୍ୱ ଗର୍ଭଧାରଣ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ**




ପ୍ରତିବର୍ଷ ଅକ୍ଟୋବର ୧୫ରେ ଗର୍ଭଧାରଣ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ ପାଳନ କରାଯାଉଛି। ଏହି ଦିନରେ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି, ଯଦ୍ୱାରା ଦୁର୍ଭାଗ୍ୟଜନକ ଶିଶୁମୃତ୍ୟୁର ସଂଖ୍ୟା ହ୍ରାସରେ ସାହାଯ୍ୟ କରିପାରୁଥିବା ଦୀର୍ଘକାଳୀନ ଜ୍ଞାନ ଆଧାରରେ ଶିକ୍ଷା ଏବଂ ପ୍ରତିଷେଧକ ପ୍ରୟାସକୁ ଉନ୍ନତ କରିବା ପାଇଁ ସଚେତନତା ସୃଷ୍ଟି କରିଥାଏ। ଏ ସମ୍ପର୍କରେ ବରିଷ୍ଠ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞା ଡା. ସରୋଜିନୀ ଷଡ଼ଙ୍ଗୀ କୁହନ୍ତି- ବିଭିନ୍ନ ଦେଶରେ ଗର୍ଭନଷ୍ଟ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି। ତଥାପି ୨୮ ସପ୍ତାହର ଗର୍ଭଧାରଣ ପୂର୍ବରୁ ମୃତ୍ୟୁବରଣ କରୁଥିବା ଏକ ଶିଶୁକୁ ସାଧାରଣତଃ ଗର୍ଭପାତ କୁହାଯାଏ। ୨୮ ସପ୍ତାହ କିମ୍ବା ତା' ପରେ ମୃତ୍ୟୁବରଣ କରୁଥିବା ଶିଶୁକୁ ମୃତଶିଶୁ ଜନ୍ମ କୁହାଯାଏ। ଭ୍ରୂଣରେ ଅସ୍ୱାଭାବିକତା ମା'ର ବୟସ ଏବଂ ସଂକ୍ରମଣ ସମେତ ବିଭିନ୍ନ କାରଣରୁ ଗର୍ଭପାତ ହୋଇପାରେ, ଯେଉଁଥିରୁ ଅନେକ ଗର୍ଭ ନଷ୍ଟକୁ ପ୍ରତିରୋଧ କରାଯାଇପାରିବ। ତଥାପି ନିର୍ଦ୍ଦିଷ୍ଟ କାରଣ ଚିହ୍ନଟ କରିବା ବେଳେବେଳେ କଷ୍ଟକର ହୋଇଥାଏ। ଏମିତିକି କିଛି କାରଣ ନଥାଇ ମଧ୍ୟ ଗର୍ଭନଷ୍ଟ ହୋଇଥାଏ। ଅପରପକ୍ଷେ ସବୁ ବୟସର ମହିଳାଙ୍କ ମୃତଶିଶୁ ଜନ୍ମ ହେବାର ଆଶଙ୍କାଥାଏ। ମା'ର ବୟସ ହେଉଛି ଗର୍ଭପାତ ଆଶଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ। ଶିଶୁର ପ୍ରାପ୍ତି ଆମ ଜୀବନରେ ଯେଉଁଭଳି ଆନନ୍ଦ ଭରି ଦେଇଥାଏ, ଗର୍ଭରେ ଶିଶୁଟିର ମୃତ୍ୟୁ ବା' ଗର୍ଭନଷ୍ଟ ତତୋଧିକ ଯନ୍ତ୍ରଣା ଦେଇଥାଏ। ତେବେ ଏହି ଦିବସକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱର ସବୁ ସ୍ଥାନରେ ଅକ୍ଟୋବର ୧୫ ସନ୍ଧ୍ୟା ୭ଟାରେ ମହମହବତି ପ୍ରଜ୍ୱଳନ କରାଯାଇଥାଏ।

# ଅଧିକ ୧୦ ବିଭାଗ ପାଇଁ ସୃଷ୍ଟିହେଲା ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍

ଭୁବନେଶ୍ୱର, ୧୪।୧୦ (ସୁନିତ୍ ମିଶ୍ର)

ଓଡ଼ିଶା ସଚିବାଳୟର ୨୮ଟି ପ୍ରଶାସନିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ କାର୍ଯ୍ୟ କରୁଛି। ଏହା ସାଧାରଣ ଲୋକଙ୍କ ଅର୍ଥକୁ ସୁରକ୍ଷା ଦେବା ଲାଗି କାର୍ଯ୍ୟକରେ। ରାଜ୍ୟ ମଧ୍ୟରେ ଟଙ୍କାର ଅପବ୍ୟବହାର ଓ ଆତ୍ମସାତ୍ ସମେତ ଆର୍ଥିକ ଅନିୟମିତତା ରିପୋର୍ଟ ପ୍ରଦାନ କରିଥାଏ। ସମାନତା, ବୃତ୍ତିଗତ ତଦାରଖ ଏବଂ ସାଧାରଣ ଖର୍ଚ୍ଚର ତଦାରଖ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆଭ୍ୟନ୍ତରୀଣ ଅଡିଟ୍ କର୍ମଚାରୀଙ୍କୁ ଅର୍ଥ ବିଭାଗ ଅଧୀନରେ କେନ୍ଦ୍ରୀଭୂତ କରାଯାଇଛି। ବର୍ତ୍ତମାନର ସରକାର ଆହୁରି ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବେ ବିଭକ୍ତକରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସମେତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍ ସୃଷ୍ଟି କରାଯାଇଛି ସେଗୁଡ଼ିକ ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ। ସରକାରଙ୍କ ଏହି ପଦକ୍ଷେପ ସହ ଆଭ୍ୟନ୍ତରୀଣ ଅଡିଟ୍ ଏବେଠାରୁ ୩୮ଟି ବିଭାଗରେ କାର୍ଯ୍ୟ କରିବ। ଏହି ପଦକ୍ଷେପ ସ୍ୱଚ୍ଛତାକୁ ସାଙ୍ଗଠନିକ କରିବା, ଆର୍ଥିକ ବିଚକ୍ଷଣତାକୁ ଉନ୍ନତ କରିବା ଏବଂ ସରକାରୀ ପାଣ୍ଠିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା, ସୁଶାସନ ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ସୂଚନା ଦିଆଯାଇଛି।

# ଏସ୍ଆଇଆର୍ ସମ୍ପର୍କିତ ବୈଠକ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

## ବିଭ୍ରାନ୍ତିକର ସୂଚନାର ମୁକାବିଲା ପାଇଁ ସବୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ

ଭୁବନେଶ୍ୱର, ୧୪।୧୦ (ସୁନିତ୍ ମିଶ୍ର)

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) ସମ୍ପର୍କିତ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ, ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସବୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନର ମହତ ଉଦ୍ଦେଶ୍ୟ ଓ ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା, ବିଭ୍ରାନ୍ତିକର ସୂଚନାର ମୁକାବିଲା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ବିଶଦ ସୂଚନା ଦେଇଥିଲେ। ଏହାସହ ତୃଣମୂଳସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ। ଅନେକ ବର୍ଷ ଧରି ନିଷ୍ଠାପର ଓ ନିରପେକ୍ଷ ଭାବେ କାର୍ଯ୍ୟକରି ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରତିଷ୍ଠା କରିପାରିଛନ୍ତି। ସେହି ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଭ୍ରମାତ୍ମକ ତଥା ବିଭ୍ରାନ୍ତକାରୀ ସୂଚନାର ଠିକ୍ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରୁ ଜଣେ ବି ଯୋଗ୍ୟ ମତଦାତାଙ୍କ ନାମ ନ କଟିବା ଏବଂ ଜଣେ ହେଲେ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସଂଯୁକ୍ତ ନ ହେବା ଉପରେ ଭାରତ ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେହି ଅବଲୋକନରେ ଓଡ଼ିଶାରେ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ଗୋପାଳନ ଉଲ୍ଲେଖ କରିଛନ୍ତି। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ସବିଶେଷ ତଥ୍ୟ ପିପିଟି ମାଧ୍ୟମରେ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ବିହାର ନିର୍ବାଚନ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ କମିଶନ ନେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି।

# ୩୧ରୁ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିବ ଭାଜପା

ଭୁବନେଶ୍ୱର, ୧୪।୧୦ (ସୁନିତ୍ ମିଶ୍ର)




ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମଶାଳାରେ ଦଳୀୟ ନେତୃବୃନ୍ଦ।

■ ପ୍ରଥମ ପର୍ଯ୍ୟାୟରେ ୬୩ ସ୍ଥାନରେ ଏକତା ପଦଯାତ୍ରା
■ ୨ୟ ପର୍ଯ୍ୟାୟରେ ୩୦ ଜିଲାରୁ ୧୫୦ ଜଣଙ୍କୁ ବଲ୍ଲଭଭାଇଙ୍କ ଜନ୍ମସ୍ଥାନକୁ ପଠାଯିବ
■ ୩ୟ ପର୍ଯ୍ୟାୟରେ କେଭଡିଆ ଯାଏଁ ୧୫୦ କି.ମି. ପଦଯାତ୍ରା

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୧୬ ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟକୁ ଭାରତବର୍ଷରେ ମିଶାଇ ବିରାଟ ଦେଶ ଗଠନର ପ୍ରମୁଖ ବିନ୍ଧାଣି ସାଜିଥିଲେ। ଦେଶ ପ୍ରତି ତାଙ୍କ ଅବଦାନ ଚିରସ୍ମରଣୀୟ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତ୍ତବ୍ୟ ଭାବନାକୁ ଜାଗ୍ରତ କରିବା ଲାଗି ତାଙ୍କ ୧୫୦ତମ ଜୟନ୍ତୀ ଆସନ୍ତା ୩୧ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିବେ ବୋଲି ଦଳର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ୩ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୩୧ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରତି ସଂସଦୀୟ କ୍ଷେତ୍ରରେ ୩ଦିନ ଧରି ସର୍ଦ୍ଦାର @୧୫୦ ଏକତା ପଦଯାତ୍ରା ଆୟୋଜନ ହେବ। ପ୍ରତିଦିନ ଏହି ପଦଯାତ୍ରା ୮ରୁ ୧୦ କି.ମି. ପର୍ଯ୍ୟନ୍ତ ଚାଲିବ। ଏଭଳି ରାଜ୍ୟରେ ପ୍ରାୟ ୬୩ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ହେବ। ୨ୟ ପର୍ଯ୍ୟାୟ ନଭେମ୍ବର ୨୬ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତି ଜିଲାର କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ୫ ଜଣ ଲେଖାଏଁଙ୍କୁ ଚୟନକରି ୩୦ ଜିଲାରୁ ୧୫୦ ଜଣଙ୍କୁ ବସ୍ ଯୋଗେ ସର୍ଦ୍ଦାର ବଲ୍ଲଭଭାଇଙ୍କ ଜନ୍ମସ୍ଥାନ ଗୁଜରାଟର କରମସଦକୁ ପଠାଯିବ। ୩ୟ ପର୍ଯ୍ୟାୟରେ କରମସଦଠାରୁ କେଭଡିଆସ୍ଥିତ ସର୍ଦ୍ଦାର ବଲ୍ଲଭଭାଇଙ୍କ ବିରାଟ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ୧୫୦ କି.ମି. ପଦଯାତ୍ରା ଅନୁଷ୍ଠିତ ହେଇ ସେଠାରେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ ବୋଲି ଗୋଲକ କହିଛନ୍ତି।

# ଆଜି 'ବିଶ୍ୱ ହାତଧୁଆ ଦିବସ'



ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା ଜରୁରୀ। ସ୍ୱଚ୍ଛତା ମଧ୍ୟରେ ଖାଇବା ପୂର୍ବରୁ ହାତ ଧୋଇବା ଅବା ବାହାରୁ ଘରକୁ ଗଲେ କିମ୍ବା ନବଜାତକମାନଙ୍କୁ ଧରିବା ପୂର୍ବରୁ ହାତକୁ ଭଲଭାବେ ଧୋଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୫ରେ 'ବିଶ୍ୱ ହାତଧୁଆ ଦିବସ' ପାଳନ କରାଯାଇଆସୁଛି। ଲୋକଙ୍କୁ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ। ରୋଗ ନିରାକରଣରେ ଏକ ପ୍ରମୁଖ କାରଣ ଭାବେ ସାବୁନ ସହିତ ହାତ ଧୋଇବା ବିଷୟରେ ସଚେତନତା ସୃଷ୍ଟି ପାଇଁ ଏହି ବିଶ୍ୱସ୍ତରୀୟ ଅଭିଯାନ ଉତ୍ସର୍ଗୀକୃତ।

୨୦୦୮ରେ ଗ୍ଲୋବାଲ ହ୍ୟାଣ୍ଡ ୱାଶିଂ ପାର୍ଟନରଶିପ୍ (ଜିଏଚ୍‌ପି) ଏହି ଦିବସ ଆରମ୍ଭ କରିଥିଲା। ସଂଯୁକ୍ତରାଷ୍ଟ୍ର ଏହି ଦିବସର ନେତୃତ୍ୱ ନେବା ସହିତ ଆନ୍ତଃରାଷ୍ଟ୍ରୀୟ ସ୍ୱଚ୍ଛତା ବର୍ଷ ରୂପେ ଅକ୍ଟୋବର ୧୫କୁ 'ବିଶ୍ୱ ହାତଧୁଆ ଦିବସ' ଭାବେ ପାଳନ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ଦିବସ ଏକ ଆନ୍ଦୋଳନର ରୂପ ନେବା ସହିତ ୧୦୦ରୁ ଊର୍ଦ୍ଧ୍ୱ ଦେଶର ସରକାର, ସ୍କୁଲ ଏବଂ ବେସରକାରୀ ସଂଗଠନ ଦ୍ୱାରା ପାଳନ କରାଯାଉଛି।

–ରିପୋର୍ଟ: **ବନ୍ଦନା ସେଠୀ**

# ଦୃଷ୍ଟିହୀନ ବ୍ୟକ୍ତିଙ୍କ ସ୍ୱାଧୀନତା ଓ ଗତିଶୀଳତାର ପ୍ରତୀକ

**ଆଜି ଧଳାବାଡ଼ି ସୁରକ୍ଷା ଦିବସ**



ପ୍ରତିବର୍ଷ ଅକ୍ଟୋବର ୧୫ରେ ଧଳାବାଡ଼ି ସୁରକ୍ଷା ଦିବସ ପାଳିତ ହୋଇଆସୁଛି। ଦୃଷ୍ଟିହୀନ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ସଚେତନତା ପାଇଁ ଏହା ଅନେକ ଦେଶରେ ପାଳନ କରାଯାଏ। ଏହି ଧଳା ବାଡ଼ି ଏକ ବିଶେଷ ଉପକରଣ ଯାହା ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସ୍ୱାଧୀନ ଭାବରେ ଗତି କରିବାରେ ସାହାଯ୍ୟ କରେ। ଏହା କେବଳ ଗତିଶୀଳତା ସହାୟକ ନୁହେଁ,ଏହା ଆତ୍ମବିଶ୍ୱାସ, ସ୍ୱାଧୀନତା ଏବଂ ଶକ୍ତିର ପ୍ରତୀକ। ସୂଚନାଯୋଗ୍ୟ ଆମେରିକାରେ ପ୍ରଥମେ ୧୯୬୪ ମସିହା ଅକ୍ଟୋବର ୧୫ରେ ଧଳା ବାଡ଼ି ସୁରକ୍ଷା ଦିବସ ପାଳନ କରାଯାଇଥିଲା। ତେବେ ଏହି ଦିବସ ଅବସରରେ ଲୋକମାନେ ଧଳା ବାଡ଼ି ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ କିପରି ସମର୍ଥନ କରିବେ ତାହା ଶିଖନ୍ତି। ଏହା ସମସ୍ତଙ୍କୁ ଏକ ଅନ୍ତର୍ଭୁକ୍ତ ଏବଂ ସମ୍ମାନଜନକ ସମାଜ ଗଠନ କରିବାକୁ ଉତ୍ସାହିତ କରେ। ବିଦ୍ୟାଳୟ, ସଂଗଠନ ଏବଂ ସମ୍ପ୍ରଦାୟ ଏହାର ସଚେତନତା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି।

# ପାକ୍ ଶତାଧିକ ସୈନ୍ୟ, ୧୨ ଯୁଦ୍ଧବିମାନ ହରାଇଥିଲା: ଡିଜିଏମ୍ଓ

**ଅପରେଶନ ସିନ୍ଦୂର**



ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ

ନୂଆଦିଲ୍ଲୀ, ୧୪।୧୦

ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ଶତାଧିକ ସୈନ୍ୟଙ୍କୁ ହରାଇଥିଲା ବୋଲି ଭାରତୀୟ ସେନାର ମିଲିଟାରୀ ଅପରେଶନ ଡାଇରେକ୍ଟର ଜେନେରାଲ (ଡିଜିଏମ୍ଓ) ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ ମଙ୍ଗଳବାର କହିଛନ୍ତି। ପାକିସ୍ତାନ ଏହାର କେତେକ ସୈନ୍ୟଙ୍କୁ ମରଣୋତ୍ତର ସାମରିକ ପୁରସ୍କାର ତାଲିକାରେ ରଖିଥିବାରୁ ଏହା ସୈନ୍ୟମାନଙ୍କ ମୃତ୍ୟୁର ପ୍ରମାଣ ଦେଉଛି। ଏଥିସହିତ ୪ ଦିନର ସଂଘର୍ଷରେ ପାକିସ୍ତାନ ଅନ୍ୟୂନ ୧୨ଟି ଯୁଦ୍ଧବିମାନ ହରାଇଥିଲା। ପୂର୍ବରୁ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ଏନେଇ ସବିଶେଷ ବିବରଣୀ ଦେଇଥିଲେ।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ମେ' ୭ ରାତିରେ ଭାରତୀୟ ସେନା ଅପରେଶନ ସିନ୍ଦୂର ନାମରେ ସାମରିକ ଅଭିଯାନ ଆରମ୍ଭ କରିଥିଲା। ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ୯ଟି ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ଆତଙ୍କବାଦୀ ଭିତ୍ତିଭୂମି ବ୍ୟତୀତ ଅନ୍ୟତ୍ର ଆକ୍ରମଣ କରିବାକୁ ଭାରତ ଚାହୁଁ ନ ଥିଲେ ମଧ୍ୟ ପାକିସ୍ତାନ ତୁରନ୍ତ ସୀମାରେ ଗୁଳିବର୍ଷା କରିଥିଲା। ଗତ ଅଗଷ୍ଟ ୧୪ ପାକିସ୍ତାନ ସ୍ୱାଧୀନତା ଦିବସରେ ପ୍ରକାଶିତ ତାଲିକାରେ ବହୁସଂଖ୍ୟାରେ ମରଣୋତ୍ତର ପୁରସ୍କାର ରହିଥିଲା, ଯାହା ପାକିସ୍ତାନୀମାନେ ସମ୍ଭବତଃ ଦେଖିଥିବେ ବୋଲି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଘାଇ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସଠାରେ ମଙ୍ଗୋଲିଆ ରାଷ୍ଟ୍ରପତି ଖୁରେଲସୁଖ ଉଖାନାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଦୀପାବଳି ପୂର୍ବରୁ ଦିଲ୍ଲୀ ବାୟୁ ସ୍ଥିତି ଗମ୍ଭୀର

**ଲାଗୁହେଲା ଜିଆର୍ଏପି-୧**

ନୂଆଦିଲ୍ଲୀ, ୧୪।୧୦



ଶୀତ ଆସି ନ ଥିବାବେଳେ ଦୀପାବଳିର ସପ୍ତାହେ ପୂର୍ବରୁ ରାଜଧାନୀ ଦିଲ୍ଲୀରେ ବାୟୁ ମାନ ଖରାପ ସ୍ଥିତିକୁ ଆସିଯାଇଛି। ମଙ୍ଗଳବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ ୨୦୦ ଅତିକ୍ରମ କରିଛି। ତେଣୁ ଆଗାମୀ ଦିନରେ ଆଉ ତ୍ରାହି ନାହିଁ ବୋଲି ପୂର୍ବାନୁମାନ କରାଗଲାଣି। ଦୀପାବଳିରେ ବାଣ ଫୁଟିଲେ ବାୟୁ ସ୍ଥିତି ଆହୁରି ସଙ୍ଗିନ୍ ହୋଇଯିବ। ଏହାକୁ ଦୃଷ୍ଟିରେ ରଖି ଜାତୀୟ ରାଜଧାନୀର ବାୟୁ ମାନ ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ମଙ୍ଗଳବାର ଦିଲ୍ଲୀରେ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍ଏପି)ର ପ୍ରଥମ ପର୍ଯ୍ୟାୟ ଲାଗୁ କରିଛି। ତଦନୁଯାୟୀ ଖୋଲାରେ ନିଆଁ ଜାଳିବା ଉପରେ କଡ଼ା ନଜର ରଖାଯିବା ସହ ଧୂଳି ନିୟନ୍ତ୍ରଣ ଉପାୟ ଅବଲମ୍ବନ କରାଯିବ। ବାୟୁ ପ୍ରଦୂଷଣ ଓ ଏହାର ଉତ୍ସକୁ କାମଇବା ଉପରେ ଗୁରୁତ୍ୱ ଦିଆଯିବ। ବିଶେଷ କରି ଧୂଳି, ଗାଡ଼ି ଓ ଶିଳ୍ପାଞ୍ଚଳରୁ ନିର୍ଗତ ଧୂଆଁ ଆଦିକୁ ନିୟନ୍ତ୍ରଣ କରାଯିବ। ରାସ୍ତାରେ ବିଭିନ୍ନ ସମୟରେ ଯାନ୍ତ୍ରିକ ଉପାୟରେ ଝାଡୁ କରାଯିବା ସହ ପାଣି ସିଞ୍ଚନ କରାଯିବ। ବିଭିନ୍ନ ସ୍ଥାନରୁ ସଂଗୃହୀତ ଧୂଳିକୁ ବୈଜ୍ଞାନିକ ଉପାୟରେ ଉପଯୋଗ କରାଯିବ ବା ଜମି ପୋତିବାରେ ବ୍ୟବହାର ହେବ। ଅଧିକ ଆଣ୍ଟିସ୍ମୋଗ୍ ଗନ ବ୍ୟବହାର କରାଯିବ।

# ଭାରତର ଜିଡିପି ଅଭିବୃଦ୍ଧି ୬.୬%କୁ ବଢ଼ିବ: ଆଇଏମ୍ଏଫ୍

ନୂଆଦିଲ୍ଲୀ, ୧୪।୧୦

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬%କୁ ବୃଦ୍ଧି ପାଇବ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଆକଳନ କରିଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଟାରିଫ୍ ସତ୍ତ୍ୱେ ଆଇଏମ୍ଏଫ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ହାର ଆକଳନକୁ ୬.୪%ରୁ ବଢ଼ାଇ ୬.୬% କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲରୁ ଜୁନ୍)ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଦ୍ରୁତଗତିରେ ବଢ଼ି ୭.୮%ରେ ପହଞ୍ଚିଛି। ଏହି ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁ ଆଇଏମ୍ଏଫ୍ ପକ୍ଷରୁ ଭାରତର ଜିଡିପି ଅଭିବୃଦ୍ଧି ହାର ଆକଳନକୁ ବଢ଼ାଯାଇଛି। ଘରୋଇ ବ୍ୟବହାରରେ ବୃଦ୍ଧି ଯୋଗୁ ଚଳିତ ଏପ୍ରିଲରୁ ଜୁନ୍ ମଧ୍ୟରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଦ୍ରୁତଗତିରେ ବଢ଼ିଥିବା ନେଇ ଆଇଏମ୍ଏଫ୍ କହିଛି।

# ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲ୍ ଆକ୍ରମଣ: ୯ ମୃତ

ଗାଜା ସିଟି, ୧୪।୧୦

ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ଏବଂ ଗାଜାରେ ଗଣହତ୍ୟା ବନ୍ଦ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଇସ୍ରାଏଲ୍ ମଙ୍ଗଳବାର ଗାଜାର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଛି। ଏଥିରେ ୯ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଇସ୍ରାଏଲୀ ସୈନ୍ୟ ଗାଜା ସିଟି ନିକଟ ଶୁଜାୟେଆରେ ପାଲେଷ୍ଟିନୀୟଙ୍କୁ ଲକ୍ଷ୍ୟକରି ଗୁଳି ଚଳାଇବାରୁ ୫ ନିହତ ହୋଇଥିଲେ। ସେହିପରି ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲୀ ଡ୍ରୋନ୍ ଆକ୍ରମଣରେ ଅନେକ ମୃତାହତ ହୋଇଥିବା ବିଶ୍ୱାସ କରାଯାଉଛି।

# ଭାରତକୁ ଟ୍ରମ୍ପଙ୍କ ପ୍ରଶଂସା

**ମୋଦିଙ୍କୁ ସବୁଠୁ ଭଲ ବନ୍ଧୁ କହିଲେ**

ୱାଶିଂଟନ, ୧୪।୧୦

ଇଜିପ୍ଟର ଶର୍ମ ଏଲ୍-ଶେଖ୍ ଶାନ୍ତି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପାକିସ୍ତାନ ସେନାମୁଖ୍ୟ ଅସିମ୍ ମୁନିରଙ୍କୁ ତାଙ୍କର ପ୍ରିୟ ଫିଲ୍ଡ ମାର୍ଶାଲ କହିଥିଲେ। ଗାଜାରେ ଶାନ୍ତି ଆଣିବାରେ ସେମାନଙ୍କ ଭୂମିକା ପାଇଁ ମୁନିର ଏବଂ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଟ୍ରମ୍ପ୍ ଧନ୍ୟବାଦ ଜଣାଇଥିଲେ। ଏହାର କିଛି ମୁହୂର୍ତ୍ତ ପରେ ଟ୍ରମ୍ପ୍ ଭାରତକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସବୁଠୁ ଭଲ ବନ୍ଧୁ ବୋଲି କହିଥିଲେ। ମୋଦି ବହୁତ ଭଲ କାମ କରୁଛନ୍ତି। ମୁଁ ଭାବୁଛି ପାକିସ୍ତାନ ଓ ଭାରତ ବହୁତ ସୁନ୍ଦର ଭାବେ ଏକାଠି ରହିବାକୁ ଯାଉଛନ୍ତି ବୋଲି ଟ୍ରମ୍ପ୍ ଶରିଫ୍‌ଙ୍କୁ ଲକ୍ଷ୍ୟ କରି କହିବା ବେଳେ ସେ ହଡବଡ଼େଇ ଯାଇ ଅସହଜ ଭାବେ ମୁରୁକି ହସୁଥିବା ଦେଖିବାକୁ ମିଳିଥିଲା। ପରେ ଶରିଫ୍ ମଞ୍ଚ ଉପରକୁ ଯାଇ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବାରୁ ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଦେଇଥିଲେ। କେବଳ ଦକ୍ଷିଣ ଏସିଆ ନୁହେଁ, ମଧ୍ୟପ୍ରାଚ୍ୟରେ ମଧ୍ୟ ଟ୍ରମ୍ପ୍ ଅନେକ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇଥିବାରୁ ତାଙ୍କୁ ପୁଣିଥରେ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବେ ବୋଲି ଶରିଫ୍ କହିଥିଲେ।

# ଓଡ଼ିଶା ହେବ ସାମୁଦ୍ରିକ ହବ୍ : ମୁଖ୍ୟ ସଚିବ

## ଓଡ଼ିଶା ସାମୁଦ୍ରିକ ବୋର୍ଡର ୬ଷ୍ଠ ବୈଠକ

ଭୁବନେଶ୍ୱର,୧୪।୧୦(ରବିନାରାୟଣ ଜେନା)

ଓଡ଼ିଶାକୁ ଏକ ସ୍ଥାୟୀ ସାମୁଦ୍ରିକ ବିକାଶ ହବ୍‌ରେ ପରିଣତ କରାଯିବ। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ସାମୁଦ୍ରିକ ବୋର୍ଡ(ଓଏମ୍‌ବି)ର ୬ଷ୍ଠ ବୋର୍ଡ ବୈଠକରେ ଏନେଇ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି। ମୁଖ୍ୟ ସଚିବ କହିଥିଲେ, ଓଡ଼ିଶା ନିଜର ସାମୁଦ୍ରିକ ଐତିହ୍ୟକୁ ପୁନରୁଦ୍ଧାର କରିବା ଏବଂ ଏକ ଅଗ୍ରଣୀ ଉପକୂଳ ଅର୍ଥନୀତି ଭାବେ ଉଭାହେବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏଥିମଧ୍ୟରେ ରହିଛି ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରପ୍ତାନି, ଜାହାଜ ନିର୍ମାଣ, ଜାହାଜ ମରାମତି, ରିସାଇକ୍ଲିଂ, କ୍ୟାପ୍ଟିଭ୍ ଜେଟି ବିକାଶ, ବନ୍ଦର ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ଏବଂ ସାମୁଦ୍ରିକ କ୍ଷେତ୍ର ପାଇଁ ଭବିଷ୍ୟତରେ ନିର୍ମାଣ ଲାଗି ପଦକ୍ଷେପ ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହେବ। ଏହାକୁ ନେଇ ଖୁବ୍‌ଶୀଘ୍ର ଆଇଏମ୍‌ଡବ୍ଲ୍ୟୁ ୨୦୨୫ ସମୟରେ ରାଜ୍ୟ ଆନୁଷ୍ଠାନିକ ଭାବେ ଓଡ଼ିଶା ଆଭ୍ୟନ୍ତରୀଣ ଜାହାଜ ନିୟମ-୨୦୨୫ ଉନ୍ମୋଚନ ହେବ, ଯାହା ଆଭ୍ୟନ୍ତରୀଣ ଜଳ ପରିବହନ ପାଇଁ ନିୟାମକ ସମର୍ଥନକୁ ସୁଦୃଢ଼ କରିବ। ଭିତ୍ତିଭୂମି ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ବନ୍ଦର ସଂଘ, ପାରାଦୀପ ବନ୍ଦର ପ୍ରାଧିକରଣ, ଭାରତୀୟ ବନ୍ଦର ରେଳ ଏବଂ ରୋପ୍‌ୱେ କର୍ପୋରେଶନ ଲିମିଟେଡ୍ ଏବଂ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ସହିତ ରଣନୈତିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ଏହାସହିତ ପ୍ରାଚୀନ କଳିଙ୍ଗ ନୌ-ବାଣିଜ୍ୟ ଦକ୍ଷତାଠାରୁ ଆରମ୍ଭକରି ଆଧୁନିକ ସାମୁଦ୍ରିକ ମହତ୍ୱାକାଂକ୍ଷା ପର୍ଯ୍ୟନ୍ତ ଓଡ଼ିଶାର ସାମୁଦ୍ରିକ ଯାତ୍ରାକୁ ପାଳନ କରୁଥିବା ଏକ କଫି ଟେବୁଲ୍ ବୁକ୍, ସମନ୍ୱିତ ସାମୁଦ୍ରିକ ବିକାଶ ପାଇଁ ଦୀର୍ଘକାଳୀନ ଦୃଷ୍ଟିକୋଣକୁ ରେଖାଙ୍କିତ କରି ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି।

ଏହିଅବସରରେ ମୁଖ୍ୟ ଶାସନ ସଚିବ ଆହୁଜା କହିଥିଲେ, ସମୃଦ୍ଧ ସାମୁଦ୍ରିକ ଇତିହାସ ଏବଂ ୪୮୦ କିଲୋମିଟର ଦୀର୍ଘ ଉପକୂଳ ସହିତ ଓଡ଼ିଶା ଏକ ଜାତୀୟ ଏବଂ ବୈଶ୍ୱିକ ସାମୁଦ୍ରିକ ନେତା ହେବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଆଗାମୀ ଦିନରେ ଓଡ଼ିଶା ସାମୁଦ୍ରିକ ବାଣିଜ୍ୟରେ ରାଜ୍ୟର ଐତିହାସିକ ପ୍ରାଧାନ୍ୟକୁ ପୁନର୍ଜୀବିତ କରିବ। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


## GOVERNMENT AUTONOMOUS COLLEGE, ROURKELA

### TENDER CALL NOTICE

No. CAD-1998: Two bids sealed tenders are invited for lease of the College Canteen. For detailed information and tender papers visit the College Website: **http://www.gacrkl.ac.in**.

OIPR-11146/11/0012/2526 Sd./- Principal

## Office of the Chief District Medical & Public Health Officer, Puri

Grand Road, Medical Square, Puri, Pin No.-752002
Phone No.-06752-222124 (O) & 232294 (C.S), E-mail- cdspuri@gmail.com

### TENDER CALL NOTICE

No. 4530 Sub Store, Puri Dated 14.10.25

No.E-439

**FOR SUPPLY OF DRUGS & MEDICAL CONSUMABLES, LABORATORY REAGENTS & KITS FOR PURI DISTRICT**

| | |
|---|---|
| DATE OF PUBLICATION OF BID DOCUMENT IN WEBSITE | Dt.15.10.25 from 11.00 A.M. |
| PRE BID MEETING | Dt.22.10.25 at 11.00 A.M. |
| LAST DATE & TIME OF RECEIPT OF BID DOCUMENTS | Dt.06.11.25 upto 04.30 P.M. |
| DATE & TIME OF OPENING OF TENDER (Cover-A) | Dt.07.11.25 at 11.00 A.M. |
ୱାସିଫ୍‌ଙ୍କୁ ଗିରଫ କରାଯିବା ପୂର୍ବରୁ ଅପରାହ୍ଣରେ ପୋଲିସ ୫ ଅଭିଯୁକ୍ତଙ୍କ ସହ ତାଙ୍କୁ ଅପରାଧ ସ୍ଥଳକୁ ନେଇ କ୍ରାଇମ୍ ସିନ୍‌ର ରିକ୍ରିଏଶନ କରିଥିଲା। କାଳୀବାରି ଶ୍ମଶାନ ନିକଟବର୍ତ୍ତୀ ଜଙ୍ଗଲରେ ଏମ୍‌ବିବିଏସ୍ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତ ଓ ପୁରୁଷ ବନ୍ଧୁଙ୍କୁ ସେଠାକୁ ନିଆଯାଇ ☞ ପୃଷ୍ଠା-୬

# ଓଡ଼ିଶାରେ ୯୧୨ ବଣୁଆ ହାତୀ

## ଦେଶର ହାତୀ ସଂଖ୍ୟା ୮ ବର୍ଷରେ ୧୮% କମିଛି

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ଦେଶରେ ପ୍ରଥମ ଥର ପାଇଁ ବଣୁଆ ହାତୀଙ୍କ ଡିଏନ୍‌ଏ ଆଧାରିତ ଗଣନା ହୋଇଛି। ଏହି ଗଣନା ଅନୁଯାୟୀ, ଦେଶରେ ୨୨,୪୪୬ ବଣୁଆ ହାତୀ ରହିଛି। ୨୦୧୭ ହାତୀ ଗଣନାର ରିପୋର୍ଟ ଅନୁଯାୟୀ, ଭାରତରେ ୨୭,୩୧୨ ବଣୁଆ ହାତୀ ରହିଥିଲେ। ଗତ ୮ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ୧୮% ହ୍ରାସ ଘଟିଛି। ସଦ୍ୟ ପ୍ରକାଶିତ ରିପୋର୍ଟରେ ଓଡ଼ିଶାରେ ୯୧୨ ବଣୁଆ ହାତୀ ରହିଥିବା ଜଣାପଡ଼ିଛି। ଅଲ୍ ଇଣ୍ଡିଆ ସିନ୍‌କ୍ରୋନୋୟସ୍ ଏଲିଫାଣ୍ଟ ଏଷ୍ଟିମେଶନ୍ (ଏସ୍‌ଏଆଇଇଇ)ର ରିପୋର୍ଟ ଅନୁଯାୟୀ, ଭାରତରେ ବଣୁଆ ହାତୀଙ୍କ ସଂଖ୍ୟା ୧୮,୨୫୫ରୁ ୨୬,୬୪୫ ମଧ୍ୟରେ ଥିବା ନେଇ ଆକଳନ କରାଯାଇଛି, ଯାହାର ହାରାହାରି ସଂଖ୍ୟା ୨୨,୪୪୬ ରହିଛି। ୨୦୨୧ରେ କେନ୍ଦ୍ର ସରକାର ଏହି ହାତୀ ସର୍ଭେ ଆରମ୍ଭ କରିଥିଲେ। ଏହାର ପ୍ରାୟ ୪ ବର୍ଷ ପରେ ☞ ପୃଷ୍ଠା-୬

# ଡିସେମ୍ବର ୨୨ରୁ ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା

**ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)**

ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା ଆସନ୍ତା ଡିସେମ୍ବର ୨୨ରୁ ଆରମ୍ଭ ହୋଇ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ସ୍ଲଟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ। ଯଦି ଛାତ୍ରୀଛାତ୍ର କୌଣସି କାରଣ ଯୋଗୁ ପରୀକ୍ଷା ଦେଇପାରି ନ ଥିବେ କିମ୍ବା ପ୍ରଥମ ପରୀକ୍ଷାରେ ଫେଲ ହୋଇଥିବେ, ତେବେ ସେମାନେ ଦ୍ୱିତୀୟ ସ୍ଲଟରେ ପରୀକ୍ଷା ଦେଇପାରିବେ। ପ୍ରଥମ ସ୍ଲଟ୍‌ର ☞ ପୃଷ୍ଠା-୬

DSPL - 316



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କୃଷି ବିଦ୍ୟାନିଧି ଯୋଜନା

- ସିଏମ୍ କିଷାନ ହିତାଧିକାରୀ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା
- AISHE ମାନର ସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ନିର୍ଦ୍ଧାରିତ ହାରରେ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ଜାତୀୟ ଶିକ୍ଷାନୁଷ୍ଠାନ ଯଥା IIT, IIM, NIT, AIIMS ଏବଂ ICAR ରେ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତାର ବ୍ୟବସ୍ଥା

| କ୍ର.ନଂ | କାର୍ଯ୍ୟକ୍ରମ | ସମୟ ସୀମା (୨୦୨୫-୨୬) |
|---|---|---|
| ୧ | ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ୍ ଆବେଦନର ଆରମ୍ଭ ତାରିଖ | ୧୫.୧୦.୨୦୨୫ |
| ୨ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଅନୁଷ୍ଠାନର ପ୍ରଧାନ/ ମୁଖ୍ୟଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୦୧.୨୦୨୬ |

ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.in ରେ ଆବେଦନ କରନ୍ତୁ

ଅଧିକ ସୂଚନା ପାଇଁ ୧୫୫୩୩୫/ ୧୮୦୦-୩୪୫-୬୭୭୦ରେ ଯୋଗାଯୋଗ କରନ୍ତୁ

OIPR-01102/13/0036/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର




Honda Exclusive Authorized Dealerships: BHUBANESWAR: MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; ATHAGARH: Sidhivinayak Honda - 9937060136, 9658080060; BALUGOAN: Khimji Honda - 8114605673, 9778045606; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, KHURDA: Gugnani Honda- 7077771900, 9937844533; UTTARA: Gugnani Honda- 7077771944, 7852930844; JANKIA: PGL Honda- 7788001030; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; MANGALPUR: SP Honda - 9861843931, 7609065533; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; BALICHANDRAPUR: Mahavir Honda - 7978393608, 9438553478; JAGATSINGHPUR: Kanchan Murali Honda - 7809568988, 9090876483; JAGATPUR: Durga Honda - 9114800118; JATNI: PGL Honda - 7788001046, 7788001033; NAYAGRAH: Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; CHANDPUR: Pattnaik Honda - 7978913904; NARSINGHPUR: Baba Honda - 9438057701; NIALI: Hindustan Honda - 9040091922, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda - 9937786824; RAHAMA: Navjyoti Honda - 9938339189, 7809568988; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; PATTAMUNDAI: Satya Honda - 9439375055; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100; PARADEEP: Kanchan Murali Honda - 9040650040. NIMAPADA: Santosh Honda -8917353149; PIPLI: SR Honda-9437885004, 9437129924; KONRAK: Konrak Honda- 9777565956; BRAHAMGIRI: Om Sai Honda- 9078953555; BALIAPATNA: Swastik Honda- 9439744817; BADAMBA: Somanath Honda-9438560360/9937271125; NISCHINTAKOILI: Anant Honda- 9437271903
For Bulk/Institutional enquiries, please write us at: institutionalsales@honda2wheelersindia.com

# ଡୋର୍ ଟୁ ଡୋର୍ ରେଳ ପାର୍ସଲ ସେବା ଆରମ୍ଭ

ଭୁବନେଶ୍ୱର,୧୪।୧୦



ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୋନିକ୍ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ହବ୍‌କୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହାସହ ୨ଟି ନୂତନ ଡୋର୍ ଟୁ ଡୋର୍ ମାଲ୍ ଏବଂ ପାର୍ସଲ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଡୋର୍ ଟୁ ଡୋର୍ ସେବା ଦକ୍ଷତା ବୃଦ୍ଧି କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। କାରଖାନା ଏବଂ ଟ୍ରେନ୍‌ର ଲୋଡିଂ ଅନ୍‌ଲୋଡିଂ ପଏଣ୍ଟ ମଧ୍ୟରେ ଲଜିଷ୍ଟିକାଲ ବ୍ୟବଧାନକୁ ଡୋର୍ ଟୁ ଡୋର୍ ସେବା ମାଧ୍ୟମରେ ପୂରଣ କରିବ। ସାମଗ୍ରୀ ସେଡ୍ କିମ୍ବା ଲଜିଷ୍ଟିକ୍ସ ଟର୍ମିନାଲଗୁଡ଼ିକରେ କଣ୍ଟେନର ଷ୍ଟଫିଂ ଏବଂ ଡି-ଷ୍ଟଫିଂ ପାଇଁ ସୁବିଧା ରହିବ। ସୋନିକ୍ ଏହି ସୁବିଧା ପ୍ରଦାନ କରୁଥିବା ପ୍ରଥମ ସମନ୍ୱିତ ଲଜିଷ୍ଟିକ୍ସ ହବ୍ ପାଲଟିଛି। ଟର୍ମିନାଲଟି ଲକ୍ଷ୍ନୌରୁ ପ୍ରାୟ ୫୦ କିଲୋମିଟର ଏବଂ କାନପୁରରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ଏହା କାନପୁର ଏବଂ ଲକ୍ଷ୍ନୌ ଅଞ୍ଚଳର ବର୍ଦ୍ଧିତ ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରିବ। କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ସମସ୍ତ ଟର୍ମିନାଲ କାର୍ଯ୍ୟ ପରିଚାଳନା କରିବ। ଟର୍ମିନାଲଟି ସାର, ଖାଦ୍ୟଶସ୍ୟ, ସିମେଣ୍ଟ ଏବଂ ଟ୍ରାକ୍ଟର ଆଦି ସାମଗ୍ରୀ ପରିଚାଳନା କରିବାକୁ ପ୍ରସ୍ତୁତ। ଏହି ସୁବିଧାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି, ଯେଉଁଥିରେ ଗୋଦାମ, ଡୋର୍ ଟୁ ଡୋର୍ ସେବା ଏବଂ ଗ୍ରାହକ ଏବଂ ଶ୍ରମିକ ଉଭୟଙ୍କ ପାଇଁ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ। ଏହି ମାର୍ଗ ଦିଲ୍ଲୀ - ଆଗ୍ରା - କାନପୁର - କୋଲକାତାକୁ ସଂଯୋଗକରେ। ରେଳ ପାର୍ସଲ ଭ୍ୟାନ୍ (ମୁମ୍ବାଇରୁ କୋଲକାତା) ବ୍ୟବହାରକରି ପାର୍ସଲ ସେବା ପ୍ରଦାନ କରିବ। ସଡ଼କ ପରିବହନ ତୁଳନାରେ, ରେଳ ପାର୍ସଲ ସେବା ଲଜିଷ୍ଟିକ୍ସ ଖର୍ଚ୍ଚରେ ୭.୫% ହ୍ରାସ କରିଥାଏ। ଏହା ରେଳ ପରିବହନ ଯଥେଷ୍ଟ ଦ୍ରୁତ, ପରିବହନ ସମୟରେ ପ୍ରାୟ ୩୦% ସଞ୍ଚୟ ପ୍ରଦାନକରେ। ଏହାସହ ଚାଷୀମାନଙ୍କୁ ଲାଭଦେବା ପାଇଁ ସୁଲଭ ମୂଲ୍ୟରେ ଟ୍ରାକ୍ଟର ଭଳି ଉପକରଣ ପରିବହନ କରାଯିବ। ଯେପରି କାର୍ କାର୍ଗୋକୁ ଦକ୍ଷତାର ସହିତ ସ୍ଥାନାନ୍ତର କରାଯାଏ, ସେହିପରି ଟ୍ରାକ୍ଟର ଏବଂ ଭାରି ନିର୍ମାଣ ଉପକରଣ ପାଇଁ ମଧ୍ୟ ସମାନ ପରିବହନ ସୁବିଧା ବିସ୍ତାର କରାଯିବ। ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ସତୀଶ କୁମାର କହିଛନ୍ତି, ଡୋର୍ ଟୁ ଡୋର୍ ଡେଲିଭରି ପଦକ୍ଷେପ ଦ୍ୱାରା ଜଣେ କନ୍‌ସାଇନିଙ୍କ କନ୍‌ସାଇନମେଣ୍ଟ ସିଧାସଳଖ ଗୋଦାମ କିମ୍ବା କାରଖାନାରୁ ଉଠାଯାଏ ଏବଂ ଭାରତୀୟ ରେଳପଥ ଦ୍ୱାରା ଅନ୍ତିମ ଗନ୍ତବ୍ୟସ୍ଥଳରେ ପହଞ୍ଚାଯାଏ। ସୂଚନା ଥାଉକି, ଭାରତୀୟ ରେଳ (ଭାରତୀୟ ରେଳପଥ) ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲବାହୀ ପରିବହନକାରୀ, ଯାହା ବାର୍ଷିକ ୧.୬ ବିଲିୟନ ଟନ୍ ସାମଗ୍ରୀ ପରିବହନକରେ।

# ଡ. ସାରା ଜର୍ଜଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୧୪।୧୦



ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ଏବଂ ସେଣ୍ଟ ଜର୍ଜ ସ୍କୁଲର ନିର୍ଦ୍ଦେଶିକା ଡକ୍ଟର ସାରା ଜର୍ଜଙ୍କୁ ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ୧୦,୦୦୦ରୁ ଅଧିକ ସ୍କୁଲ ସହ ନେଟ୍‌ୱର୍କ ଥିବା ଭାରତର କେ୧୨ ଶିକ୍ଷା କ୍ଷେତ୍ରକୁ ରୂପାନ୍ତରିତ କରୁଥିବା ଏକ ଅଗ୍ରଣୀ ସଂଗଠନ 'ହେଲ୍ଥିଂ ଗୁରୁସ୍' ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପୂର୍ବତନ ଭାରତୀୟ କୂଟନୀତିଜ୍ଞ ତଥା ଭାରତ ଓ ଆଫ୍ରିକାରେ ବିଶେଷ ଉପଦେଷ୍ଟା ଆମ୍ବାସାଡର ଦୀପକ ବୋହରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେ ଡକ୍ଟର ଜର୍ଜଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷାବିତ୍ ଭାବେ ଅଭିହିତ କରିଥିଲେ। ସୂଚନା ଥାଉକି, ଡ. ସାରା ଜର୍ଜ ୧୯୮୨ରୁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ ସେଣ୍ଟ ଜର୍ଜ ସ୍କୁଲ ଏବଂ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ସାମଗ୍ରିକ ଶିକ୍ଷା ଓ ଚରିତ୍ର ଗଠନର ପ୍ରତୀକ ହୋଇ ଉଠିଛି। ଦଶନ୍ଧି ଧରି ସେ ୧ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏବଂ ୧ ହଜାର ଶିକ୍ଷକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଯୋଗଦାନ ରଖିଛନ୍ତି। ଶିକ୍ଷା ବ୍ୟତୀତ ଡ. ଜର୍ଜ ମହିଳା ସଶକ୍ତୀକରଣ ଏବଂ ଅବହେଳିତ ଶିଶୁମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ୟମ କରିଆସିଛନ୍ତି। ପୂର୍ବରୁ ନାସାର କେନେଡି ସ୍ପେସ୍ ସେଣ୍ଟର ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି।

# ମଧୁକୁଞ୍ଜର 'ଶୁଭ ଧନ୍‌ତେରସ୍' ଅଫର

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

ଧନ୍‌ତେରସ୍ ଅବସରରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ 'ଶୁଭ ଧନ୍‌ତେରସ୍' ଅଫର ଘୋଷଣା କରାଯାଇଛି। ଏହାର ଭୁବନେଶ୍ୱର, କଟକ ଓ ଜଟଣୀ ଶାଖାରେ ହୀରା, ସୁନା ଓ ରୁପା ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ରିହାତି ପ୍ରଦାନ କରାଯାଉଛି। ଅକ୍ଟୋବର ୧୦ରୁ ଲାଗୁ ହୋଇଥିବା ଅଫର ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଏହା ସହ ସୁନା ଓ ରୁପା ମୁଦ୍ରା ଜିତିବାର ସୁଯୋଗ ରହିଛି। କମ୍ପାନୀ ପକ୍ଷରୁ ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ସହ ନିଃଶୁଳ୍କ ମରାମତି ସୁବିଧା ମଧ୍ୟ ଦିଆଯାଉଛି। ଶତ ପ୍ରତିଶତ ୯୧୬ ବିଆଇଏସ୍ ହଲ୍‌ମାର୍କ ସୁନାଗହଣା ଏବଂ ଶତ ପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଅଳଙ୍କାର ଷ୍ଟୋରରେ ଉପଲବ୍ଧ ହେଉଥିବା କମ୍ପାନୀ ଦାବି କରିଛି। ପୁରୁଣା ସୁନା ବଦଳରେ କୌଣସି କାଟ୍ କରାଯାଉ ନ ଥିବା କୁହାଯାଇଛି।

# ରାଜ୍ ଇଲେକ୍ଟ୍ରୋନିକ୍ସର ଧନ୍‌ତେରସ୍, ଦୀପାବଳି ସେଲ୍

ଭୁବନେଶ୍ୱର,୧୪।୧୦

ଚଳିତ ପାର୍ବଣ ଋତୁରେ ରାଜ ଇଲେକ୍ଟ୍ରୋନିକ୍ସରେ ଧନ୍‌ତେରସ୍ ଏବଂ ଦିପାବଳୀ ସେଲ୍ ଆରମ୍ଭ ହୋଇଛି। ନୂତନ ଜିଏସଟି ହାର ଓ ସହଜ କିସ୍ତିରେ ଗ୍ରାହକ ପ୍ରଡକ୍ଟ ନେଇପାରିବେ। ୪୭% ପର୍ଯ୍ୟନ୍ତ ଡିସକାଉଣ୍ଟ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ଅଫର, ବିଭିନ୍ନ ପ୍ରଡକ୍ଟ ସହିତ ୨ କିମ୍ବା ୩ ବର୍ଷର ୱାରେଣ୍ଟୀ ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ୨୫୦୦ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ଅଫର ସହିତ ୧ ରୁ ୨ ଇଏମଆଇ ଫ୍ରି ଆଦି ଅଫର ରହିଛି। ସମସ୍ତ ବ୍ରାଣ୍ଡେଡ୍ କମ୍ପାନୀଙ୍କର ବିଭିନ୍ନ ବର୍ଗର ପ୍ରଡକ୍ଟରେ ଶୋ'ରୁମ ରୁ ଗ୍ରାହକମାନେ ଏହି ଅଫର ମାଧ୍ୟମରେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନଦେଇ ସବୁଠୁ କମ ଡାଉନପେମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ପ୍ରଡକ୍ଟ କିଣିବାର ଲାଭ ନେଇପାରିବେ। ଦୀପାବଳି ପର୍ଯ୍ୟନ୍ତ ଏହି ଅଫର୍ ବୈଧ ରହିବ। ଏଲଇଡି ଟିଭିରେ ଅଫର ନ ରହିବା ଯୋଗୁଁ ଏହାର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବାରୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନଥାନ୍ତି, ୮ରୁ ୧୦ ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ଆସନ୍ତା ଖରାଦିନରେ ମୂଲ୍ୟବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନର ପୂଜା ଅଫର ମୂଲ୍ୟରେ ଏସି କିଣି ମାଗଣା ଇନଷ୍ଟଲେସନ ଅଫର୍‌ରେ ଘରେ ଲଗାଇବା ଯୁକ୍ତିଯୁକ୍ତ ବୋଲି ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି।

# ଆଇଓସିଏଲ୍ ପକ୍ଷରୁ ଫେଷ୍ଟିଭ୍ ଫ୍ୟୁଜନ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୪।୧୦ (ଅନୁରାଧା ମହାରଣା)

ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବାମରା ପେଟ୍ରୋଲ ପମ୍ପଠାରେ ଆଇଓସିଏଲ୍ ପକ୍ଷରୁ ଫେଷ୍ଟିଭ ଫ୍ୟୁଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ୍‌ର ଓଡ଼ିଶା ମୁଖ୍ୟ ତଥା ସିଜିଏମ୍ କମଳ ସିଲ୍, ସିଜିଏମ୍ (ଆର୍‌ଏସ୍) ରୋହିତ କୁମାରଙ୍କ ସମେତ ଭୁବନେଶ୍ୱର ଡିଆର୍‌ଏସ୍‌ଏଚ୍ ବିଶାଳ ଗର୍ଗ ଯୋଗଦେଇ ଆଇଓସିଏଲ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

# ଆର୍‌ବିଆଇର ଡିଜିଟାଲ ରୁପି

ଭୁବନେଶ୍ୱର,୧୪।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ଅଫ୍‌ଲାଇନ 'ଡିଜିଟାଲ ରୁପି(ଇ-ରୁପି)' ଲଞ୍ଚ କରାଯାଇଛି। ଉକ୍ତ ଅଫ୍‌ଲାଇନ ଡିଜିଟାଲ ରୁପିର ବିଶେଷତ୍ୱ ହେଉଛି, ଇଣ୍ଟରନେଟ୍ କିମ୍ବା ମୋବାଇଲ ନେଟ୍‌ୱର୍କ ବିନା ମଧ୍ୟ ଉପଭୋକ୍ତା ଡିଜିଟାଲ ପେମେଣ୍ଟ କରିପାରିବେ। ଏହାକୁ ଆପଣ ନଗଦ ରୁପି ପରି ଖର୍ଚ୍ଚ କରିପାରିବେ। ଏଥିପାଇଁ କେବଳ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବା କିମ୍ବା ଟାପ୍ କରିବା ଆବଶ୍ୟକ। ଏହାପରେ ଉପଭୋକ୍ତାଙ୍କର ପେମେଣ୍ଟ ସଫଳତାର ସହ ସମ୍ପୂର୍ଣ୍ଣ ହେବା ସହିତ ଉପଭୋକ୍ତା ନିଜ ଟଙ୍କାକୁ ଡିଜିଟାଲ ରୂପେ ନିଜର ୱାଲେଟ୍‌ରେ ରଖିପାରିବେ। ଏହି ଆପ୍‌କୁ ଗୁଗଲ ପ୍ଲେ ଷ୍ଟୋର କିମ୍ବା ଆପଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିପାରିବେ।

# ସାଇବର ସୁରକ୍ଷା ନେଇ ସତର୍କକଲା ବିଓଆଇ

ଭୁବନେଶ୍ୱର,୧୪।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କୁ ସୁରକ୍ଷିତ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନ୍‌ଲାଇନ ଠକେଇ ରୋକିବା ଏବଂ ବ୍ୟାଙ୍କିଙ୍ଗ୍‌ରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରାଯାଇଛି। ଜଗତ୍‌ସିଂହପୁର ଡେରିକି ଶାଖା ପ୍ରବନ୍ଧକ ମନୋରଞ୍ଜନ ବେହେରା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଦିବ୍ୟରାଜ, ଜଗତ୍‌ସିଂହପୁର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ପାଣିଗ୍ରାହୀ, ଭୁବନେଶ୍ୱରର ବରିମୁଣ୍ଡ ଶାଖା ପ୍ରବନ୍ଧକ ଦେବଶ୍ରୀ ବରାଇ, ଖୋର୍ଦ୍ଧାର କେନ୍ଦୁପଲ୍ଲୀ ଶାଖା ପ୍ରବନ୍ଧକ ଚିନ୍ତାମଣି ବେହେରା ଏବଂ ନୟାଗଡ଼ର ଗୋଡ଼ିପଡ଼ା ଶାଖା ପ୍ରବନ୍ଧକ ଜ୍ଞାନରଞ୍ଜନ ସାହୁ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ଏବଂ ଅଧିକାରୀମାନେ 'ସତର୍କ ଭାରତ, ସମୃଦ୍ଧ ଭାରତ' ବାର୍ତ୍ତାକୁ ପ୍ରଚାର କରିଥିଲେ।

## ଅପରାଧ

# ଷଡ଼ଯନ୍ତ୍ରକାରୀ ବାପ, ପୁଅଙ୍କ ସମେତ ୪ ଗିରଫ

**ଏମ୍‌ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ମୁଖ୍ୟ ଅଭିଯୁକ୍ତ ଶିବାଙ୍କୁ ଖୋଜୁଛି ପୋଲିସ
- ଅପରାଧରେ ବ୍ୟବହୃତ ବନ୍ଧୁକ ଜବତ

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)



ଗିରଫ ୪ ଅଭିଯୁକ୍ତ।

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ ନେଇ ଏମ୍‌ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ସୁଧାଂଶୁଙ୍କ ଦାଦାପୁଅ ଭାଇ ମୁଖ୍ୟ ଅଭିଯୁକ୍ତ ଶିବା ପ୍ରଧାନ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ଖୋଜାଖୋଜି ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଏବଂ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁ। ଶିବା ହିଁ ସୁଧାଂଶୁଙ୍କୁ ଗୁଳି କରି ହତ୍ୟା କରିଥିଲେ ବୋଲି ଖବରଦାତା ସମ୍ମିଳନୀରେ ଜୋନ ଏସିପି-୩ ତାପସ ପ୍ରଧାନ କହିଛନ୍ତି। ଘଟଣା ଭିଆଇବା ପରେ ଶିବା ଉକ୍ତ ବନ୍ଧୁକକୁ ନେଇ ରାକେଶଙ୍କ ମାଧ୍ୟମରେ କାହ୍ନାଙ୍କୁ ଦେଇଥିଲେ। ପୋଲିସ କାହ୍ନାଙ୍କଠାରୁ ଅପରାଧରେ ବ୍ୟବହୃତ ବନ୍ଧୁକ (୭.୬୫ ଏମ୍‌ଏମ୍ ପିସ୍ତଲ) ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଶିବା କେଉଁଠାରୁ ବନ୍ଧୁକ ଆଣିଥିଲେ ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏପରିକି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲିଛି। ମୃତ୍ୟୁ ପୂର୍ବରୁ ଜେଜେମା' ବିଳାସିନୀ ନାତି ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ତାଙ୍କୁ ହତ୍ୟା କରିବାକୁ ଯୋଜନା ରଚିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ସୋମବାର ସକାଳ ପ୍ରାୟ ୯ଟାରେ ବାଇକ ଯୋଗେ ଏମ୍‌ସକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ତାଙ୍କ ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ପରେ ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇ ଶିବା ଗୁଳି କରି ହତ୍ୟା କରିଥିଲେ। ଏନେଇ ସୁଧାଂଶୁଙ୍କ ସାନଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ପୋଲିସ ଏକ ମାମଲା (ନଂ. ୭୩୮/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଧରାପଡ଼ିଲା ବହୁ କୋଟି ଟଙ୍କାର ହେରଫେର

- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କନିଷ୍ଠ କିରାଣି ନିଲମ୍ବିତ
- ନକଲି ଇ-ଚାଲାଣ ଦେଇ ଆତ୍ମସାତ୍ କରୁଥିଲେ ଅର୍ଥ
- ଏଜିଙ୍କ ଅଡିଟ୍ ପରେ ଖୋଲିଗଲା ବହୁ ବର୍ଷର ଗୁମର

ଅନୁଗୋଳ,୧୪।୧୦(ମାନସ ବିଶ୍ୱାଳ)



ନିଲମ୍ବିତ କନିଷ୍ଠ କିରାଣି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିବା କନିଷ୍ଠ କିରାଣି ସୁବ୍ରତ ବେହେରା ଦରମା ବାବଦ ଅର୍ଥରୁ ବହୁ କୋଟି ଟଙ୍କାର ହେରଫେର୍ କରିଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ବହୁବର୍ଷ ଧରି ସେ କିପରି ସରକାରୀ ଅର୍ଥ ଆତ୍ମସାତ୍ କରିଚାଲିଥିଲେ ତାହାର ଗୁମର ଖୋଲିଯାଇଛି। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି), ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ଓ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍‌ଆର୍‌ଏମ୍‌ଏସ୍) ତଦନ୍ତ କରିବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଛି। ଏ ନେଇ କନିଷ୍ଠ କିରାଣିଙ୍କ ବିରୋଧରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ୨୦୦୭ ମସିହାରେ ସୁବ୍ରତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କନିଷ୍ଠ କିରାଣି ଭାବେ ନିଯୁକ୍ତି ମିଳିଥିଲା। ୨୦୧୫-୧୬ରୁ ସେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ସେ ନିଜ ଆକାଉଣ୍ଟକୁ ନିର୍ଦ୍ଧାରିତ ଦରମା ଠାରୁ ବହୁ କୋଟି ଟଙ୍କା ଅଧିକ ପଠାଇଥିବା ଜଣାପଡ଼ିଥିଲା। ଏଜିଙ୍କ ଅଡିଟ୍‌ରୁ ଏହା ଧରାପଡ଼ିବା ପରେ ତଦନ୍ତ ପରିଧି ବଢ଼ାଯାଇଥିଲା। ୫ ଦିନ ଧରି ଅନୁଗୋଳରେ ଏଜି ତଦନ୍ତ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ମଧ୍ୟ ଏହାର ତଦନ୍ତ କରିଥିଲା। କନିଷ୍ଠ କିରାଣି ସୁବ୍ରତ ଅଧିକାଂଶ ସମୟରେ ଡାକ୍ତରଖାନାର କର୍ମଚାରୀ, ଡାକ୍ତରଙ୍କ ଆକାଉଣ୍ଟକୁ ଜାଣିଶୁଣି ଅଧିକ ଦରମା ପଠାଇ ଦେଉଥିଲେ। ପରେ ଦରମା ବାବଦ ଯାଇଥିବା ଅଧିକ ଅର୍ଥ ଫେରସ୍ତ ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ଏପରି କି ଅଧିକ ଅର୍ଥ ଫେରସ୍ତ ସମୟରେ ସେ ଏକ ନକଲି ଇ-ଚାଲାଣ ମଧ୍ୟ ଦେଉଥିବା ତଦନ୍ତରୁ ଜଣାପଡ଼ିଛି। ସମ୍ପୃକ୍ତ କିରାଣିଙ୍କ ଏପରି ଅର୍ଥ ଆତ୍ମସାତ୍ ଘଟଣାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ସ୍ୱୀକାର କରିଛନ୍ତି।

# ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭିଡିଓ ପ୍ରସାରଣକରି ଯୁବକ ଗିରଫ

କଟକ,୧୪।୧୦(କାର୍ତ୍ତିକ ସାହୁ)

ସାମାଜିକ ଗଣମାଧ୍ୟମରେ ଏକାଧିକ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାଲେପୁର ଥାନା ଅନ୍ତର୍ଗତ ଜିଗିନି ପାଟପୁର ଗ୍ରାମର ବିଶ୍ୱବଲ୍ଲଭ ନନ୍ଦ। ବିଶ୍ୱବଲ୍ଲଭଙ୍କ ନିକଟରୁ ଗୋଟିଏ ସ୍ମାର୍ଟଫୋନ୍, ସିଡୀ ଓ ମୋବାଇଲ ସ୍କ୍ରିନସର୍ଟ ଜବତ ହୋଇଛି। ଏ ନେଇ ବିଭିନ୍ନ ଦଫାରେ କଟକ ସାଇବର ଥାନାରେ ଏକ ମାମଲା (ନଂ.୮୩/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ ବିଶ୍ୱବଲ୍ଲଭ ସମାଜରେ ଜଣାଶୁଣା ବ୍ୟକ୍ତିମାନଙ୍କ ଫଟୋକୁ ବ୍ୟବହାର କରି କମ୍ପ୍ୟୁଟର ଜରିଆରେ ସେମାନଙ୍କ ମିଥ୍ୟା ତଥା ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରୁଥିଲେ। ସେଗୁଡ଼ିକୁ ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ। ତେବେ ସେ ଲୋକମାନଙ୍କ ନିକଟରୁ ଅର୍ଥ ଦାବି କରୁଥିଲେ କି ନାହିଁ ପୋଲିସ ତାହାର ତଦନ୍ତ କରୁଛି।

# ଭାଜପା କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୪।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ପୁଣି ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ବିଜାପୁର ଭାଜପା ମଣ୍ଡଳସ୍ତରୀୟ କର୍ମୀ ସତ୍ୟମ ପୁନେମଙ୍କୁ ତାଙ୍କ ଘରୁ ଉଠାଇନେଇ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଥିସହ ମୃତଦେହ ପାଖରେ ଏକ ଚିଠି ମଧ୍ୟ ଛାଡ଼ିଯାଇଛନ୍ତି। ସତ୍ୟମ ପୁନେମ ପୋଲିସ ସୂଚନାଦାତା ଥିଲେ। ତାଙ୍କୁ ମାଓବାଦୀ ସଂଗଠନ ତରଫରୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ସେ ପୋଲିସକୁ ମାଓବାଦୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରେ ବିଜାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ମାଓବାଦୀ ନେତା ସୁନୀଲ ଗଞ୍ଜୁ ଗିରଫ

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

ଦୀର୍ଘଦିନ ଧରି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିବା ସିପିଆଇ (ମାଓବାଦୀ)ର ପୂର୍ବତନ ଜୋନାଲ କମାଣ୍ଡର ସୁନୀଲ ଗଞ୍ଜୁଙ୍କୁ ଝାଡ଼ଖଣ୍ଡ ହଜାରିବାଗ ପୋଲିସ ବାରକାଗାଗର ଥାନା ଅଧୀନ ଜୋରାକଟ ଅଞ୍ଚଳରୁ ମଙ୍ଗଳବାର ଗିରଫ କରିଛି। ତାଙ୍କଠାରୁ ମାଓବାଦୀ ଲେଟରହେଡ୍ ଓ ପାମ୍ପଲେଟ୍ ଜବତ କରାଯାଇଛି। ସୁନୀଲ ୧୯୯୦ରୁ ମାଓବାଦୀ ସଙ୍ଗଠନରେ ସକ୍ରିୟ ଥିଲେ। ସେ ୨୦୦୧ରେ ବେଲ୍‌ଟୁ ଗଣହତ୍ୟାରେ ମୁଖ୍ୟ ଭୂମିକା ନେଇଥିଲେ। ସେତେବେଳେ ମାଓବାଦୀମାନେ ମୃତକଙ୍କ ମୁଣ୍ଡ କାଟି ଫୁଟବଲ୍ ଖେଳିଥିବା ଅଭିଯୋଗ ହୋଇଥିଲା। ୨୦୧୮ରେ କାରାଗାରରୁ ମୁକ୍ତ ହେବା ପରେ ସୁନୀଲ ପୁନଃ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ସେ ଜୋରାକଟ ଅଞ୍ଚଳରେ ସହଯୋଗୀମାନଙ୍କ ସହ ମିଶି ଟିକସ ଆଦାୟ କରୁଥିଲେ।

# ରାସ୍ତାରେ ଯୁବକଙ୍କୁ ହତ୍ୟା

ବରଗଡ଼,୧୪।୧୦ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ପାଣିଛତର-ଜମୁର୍ଡା ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଜମୁର୍ଡା ଟାଙ୍ଗରଫଡାର ଭୀମସେନ ବିଶ୍ୱାଳ(୨୭)। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଛି। ଏହି ହତ୍ୟାକାଣ୍ଡକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଜିଲାରେ ୩ଦିନ ମଧ୍ୟରେ ୨ ହତ୍ୟାକାଣ୍ଡ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇ ଦେଇଛି।

ଜମୁର୍ଡା ଟାଙ୍ଗରପଡ଼ାର ଫିରତୁ ବିଶ୍ୱାଳଙ୍କ ପୁଅ ଭୀମସେନଙ୍କ ଗତ ପ୍ରାୟ ୨ବର୍ଷ ହେଲା ମାନସିକ ସ୍ଥିତି ଠିକ୍ ନ ଥିଲା। ଅଧିକାଂଶ ଦିନ ସେ ରାତ୍ରିଭୋଜନ ସାରି ଘରୁ ବାହାରିଥାନ୍ତି ଏବଂ କିଛି ସମୟ ପରେ ଘରକୁ ଫେରି ଆସିଥାନ୍ତି ବୋଲି ମୃତକଙ୍କ ବାପା ଫିରତୁ କହିଛନ୍ତି। କିନ୍ତୁ ସୋମବାର ରାତ୍ରିଭୋଜନ ସାରି ଭୀମସେନ ଘରୁ ବାହାରିଥିଲେ, ମାତ୍ର ଆଉ ଫେରି ନ ଥିଲେ। ମଙ୍ଗଳବାର ସକାଳୁ ଭୀମସେନଙ୍କ ମୃତଦେହ ପାଣିଛତର-ଜମୁର୍ଡା ରାସ୍ତାର ଫୋରଲେନ ଓଭର ବ୍ରିଜ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ ବୋଲି ଫିରତୁ କହିଛନ୍ତି।

ଅନ୍ୟପକ୍ଷରେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତକଙ୍କ ପଡ଼ାବାସୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ ଓଭରବ୍ରିଜ ଉପରକୁ ଯାଇ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଏବଂ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସେଠାରୁ ହଟାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅବିନାଶ



@ ପ୍ରମୋଦ



@ ବିଷ୍ଣୁ



@ ଅବିନାଶ ସାମଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରମୋଦ ଉଦ୍ୟାନ, ଶ୍ରୀମାର୍ଗର ଉନ୍ନତୀକରଣ କରାଯିବ

## ଶ୍ରୀମନ୍ଦିର ପ୍ରକଳ୍ପ ସାଂସ୍କୃତିକ ସବ୍‌କମିଟି, ପ୍ରକଳ୍ପ ବୈଷୟିକ ସବ୍‌କମିଟି ଯୁଗ୍ମ ବୈଠକ

ପୁରୀ,୧୪।୧୦( ଅଜିତ୍ କୁମାର ମହାନ୍ତି)



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ନୀଳାଦ୍ରି ଭକ୍ତନିବାସ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ସାଂସ୍କୃତିକ ସବ୍‌କମିଟି ଏବଂ ପ୍ରକଳ୍ପ ବୈଷୟିକ ସବ୍‌କମିଟି ଯୁଗ୍ମ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ନେଇ ଆଲୋଚନା କରାଯାଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ, ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ କିପରି ସୃଷ୍ଟି କରାଯିବ ସେ ନେଇ ବିଚାର କରାଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ପ୍ରସ୍ତାବିତ ପ୍ରମୋଦ ଉଦ୍ୟାନ ପ୍ରକଳ୍ପର ପୁନଃ ଡିଜାଇନ ଓ ମାଷ୍ଟର ପ୍ଲାନର ସମୀକ୍ଷା କରାଯାଇଥିଲା। ସ୍କନ୍ଦ ପୁରାଣରେ ବର୍ଣ୍ଣିତ ମହାପ୍ରଭୁଙ୍କ ଆବିର୍ଭାବ ଓ ମହାପ୍ରଭୁଙ୍କ ସଂସ୍କୃତି ସମ୍ପର୍କିତ ଯାହା ପ୍ରକଳ୍ପ ହେବ ସେ ନେଇ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ପ୍ରମୋଦ ଉଦ୍ୟାନର ଉନ୍ନତି କରାଯାଉଛି। ଶ୍ରୀମାର୍ଗର ଉନ୍ନତୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଏଥିସହ ଶ୍ରୀଜଗନ୍ନାଥବଲ୍ଲଭ ପିଲିଗ୍ରିମ୍ ସେଣ୍ଟରର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଉପରେ ମଧ୍ୟ ଆଲୋଚନା କରାଯାଇଛି। ଟପ୍ ଫ୍ଲୋର୍‌ରେ ହେଉଥିବା ହଲ୍‌କୁ ଛାଡ଼ି ଅନ୍ୟ ସମସ୍ତ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି କହିଛନ୍ତି। ଗୁଣ୍ଡିଚା ମନ୍ଦିରର ଭିତରବେଢ଼ା ଓ ବାହାର ବେଢ଼ାର ପୁନଃ ଉନ୍ନତୀକରଣ କାର୍ଯ୍ୟ, ମାଷ୍ଟର ପ୍ଲାନ୍ ଉପରେ ବୈଠକରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଛି।

ନୃସିଂହ ମନ୍ଦିର, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର କିପରି ଉନ୍ନତିକରଣ କରାଯିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଛି। ମାଟିତୋଟାରେ ଥିବା ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ, ଏମାର ମଠରେ ପ୍ରସ୍ତାବିତ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ଏବଂ ରଘୁନନ୍ଦନ ପାଠାଗାର, ଶ୍ରୀମନ୍ଦିର ହରଚଣ୍ଡୀ ସାହିସ୍ଥିତ ପ୍ରସ୍ତାବିତ ଶ୍ରୀମନ୍ଦିର ସେବକ ବାସଗୃହ ପ୍ରକଳ୍ପର ଡିଜାଇନ୍ ଓ ମାଷ୍ଟର ପ୍ଲାନର ସମୀକ୍ଷା କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ କିଛି କାମ ଅସମ୍ପୂର୍ଣ୍ଣ ରହିଛି। ଏନେଇ ବୈଷୟିକ କମିଟି ଅନୁଧ୍ୟାନ କରି କାର୍ଯ୍ୟ କରାଯିବ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରିବା ଉପରେ ମଧ୍ୟ ଆଲୋଚନା କରାଯାଇଛି। ସେବକ ନିଯୋଗ ସହ ଆଲୋଚନା କରାଯାଇ ବ୍ୟବସ୍ଥା କରାଯିବ ଓ ଏନେଇ ଟେଣ୍ଡର୍ କରାଯିବ। ନୀଳାଦ୍ରି ଭକ୍ତନିବାସ ପଛପାର୍ଶ୍ୱରେ ଯେଉଁ ଜମି ଉନ୍ନତୀକରଣ କରାଯାଇଛି, ସେଠାରେ ଏକ ନୂତନ ଭକ୍ତନିବାସ କରିବା ପାଇଁ ନିଷ୍ପତ୍ତି ହୋଇଛି।

## ନାମଲେଖାରୁ ବଞ୍ଚିତ ୫୫୯ ଛାତ୍ରୀଛାତ୍ରଙ୍କ ଫର୍ମ ପୁନଃ ଯାଞ୍ଚ ହେବ

### ଅକ୍ଟୋବର ୧୬ରୁ ୨୦ ଯାଏ ଯାଞ୍ଚ ପ୍ରକ୍ରିୟା

ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)

ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ ଆବେଦନ କରି ଘରୋଇ ସ୍କୁଲରେ ନାମ ଲେଖାଇବାରୁ ୫୫୯ ଜଣ ଛାତ୍ରୀଛାତ୍ର ବଞ୍ଚିତ ହୋଇଥିଲେ। ସମ୍ପୃକ୍ତ ୫୫୯ଜଣ ଛାତ୍ରୀଛାତ୍ରଙ୍କ ଫର୍ମକୁ ପୁନଃ ଯାଞ୍ଚ କରିବା ପ୍ରକ୍ରିୟା ଆସନ୍ତା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ କରାଯିବ। ରବିବାର କାର୍ଯ୍ୟାଳୟ ବନ୍ଦ ରହିବ। ଫର୍ମଗୁଡ଼ିକୁ ପୁନଃ ଯାଞ୍ଚ କରିବା ପାଇଁ ମଙ୍ଗଳବାର ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଫର୍ମ ଯାଞ୍ଚ ପାଇଁ ଆସୁଥିବା ଅଭିଭାବକମାନେ ଆଧାର କପି ଏବଂ ପଞ୍ଜୀକରଣ ଫର୍ମର କପି ସାଙ୍ଗରେ ଆଣିବାକୁ କୁହାଯାଇଛି।

# ୩୫ ଜଣଙ୍କୁ 'ଓଡ଼ିଶା ସେବାରତ୍ନ ସମ୍ମାନ'



ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

ବ୍ରାଇଟ୍ ଓଡ଼ିଶା ପକ୍ଷରୁ 'ଓଡ଼ିଶା ସେବାରତ୍ନ ସମ୍ମାନ' ପ୍ରଦାନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସେବାରେ ନିୟୋଜିତ ୩୫ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଭବନରେ ଆୟୋଜିତ ଏହି ପୁରସ୍କାର ପ୍ରଦାନ ଉତ୍ସବ ପରିଚୟ ଫାଉଣ୍ଡେଶନ ସହଯୋଗିତାରେ ଆୟୋଜିତ ହୋଇଥିଲା। ଅଭିନେତା, ପ୍ରଯୋଜକ ତଥା ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ଲେଙ୍କା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ଶିକ୍ଷା ଓ ସେବା କ୍ଷେତ୍ରରେ ଆକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଜୟ ବାହାଦୁର ସିଂ, ପ୍ରବାସୀ ଓଡ଼ିଆ ସେବା ପ୍ରଦାନ କ୍ଷେତ୍ରରେ ସୂର୍ଯ୍ୟକ୍ଷେତ୍ର ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିପିନ କୁମାର ମିଶ୍ର, ସ୍ୱାସ୍ଥ୍ୟ ପ୍ରଶାସନିକ ସେବା କ୍ଷେତ୍ରରେ ଡ. ଲୋକନାଥ ଦାଶ, ଏଭିପି, କେୟାର ହସ୍ପିଟାଲ, ବ୍ୟବସାୟିକ ସେବା କ୍ଷେତ୍ରରେ ମଧୁକୁଞ୍ଜ ଗ୍ରୁପ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ, ଚିକିତ୍ସା କ୍ଷେତ୍ରରେ ଡା. ଅମ୍ରିତ ପଟ୍ଟଯୋଶୀ, ଅଭିନୟ କ୍ଷେତ୍ରରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ କାଳନ୍ଦୀ ସାମଲ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ରୋଜାଲିନ ପାଢ଼ଶାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ୟୁଡାଇସ୍ ଡାଟାରେ ରହିବ ଶିଶୁବାଟିକା ଛାତ୍ରୀଛାତ୍ରଙ୍କ ତଥ୍ୟ

ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)

ୟୁଡାଇସ୍ ଡାଟାରେ ଶିଶୁବାଟିକା ଛାତ୍ରୀଛାତ୍ରଙ୍କ ତଥ୍ୟ ରହିବ। ଏନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବା ଲାଗି ଓସେପାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ସୂଚନା ଅନୁଯାୟୀ, ପ୍ରତ୍ୟେକ ଶିକ୍ଷକ ଶିକ୍ଷାଦାନ ବେଳେ ହାତରେ ହ୍ୟାଣ୍ଡବୁକ୍ ଧରି ପାଠ ପଢ଼ାଇବେ। ସେଥିରେ ଶିଶୁବାଟିକାଠାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାଦାନ ଲାଗି ଲେଶନ ପ୍ଲାନ୍ ରହିବ। ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଶିଶୁବାଟିକାଠାରୁ ତୃତୀୟଶ୍ରେଣୀ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କ ନୂଆ ପାଠ୍ୟକ୍ରମଠାରୁ ଆରମ୍ଭକରି ପଢ଼ାଇବା ଲାଗି ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ସେହିପରି ୨୦୨୬-୨୭ ଶିକ୍ଷାବର୍ଷ ପାଇଁ କ୍ଲାସ୍‌ରୁମ୍ ଅବ୍‌ଜର୍‌ଭେଶନ ଟୁଲ୍‌କୁ ସଂଶୋଧନ କରାଯିବ। ନିପୁଣ ଓଡ଼ିଶା ମିଶନ ସକାଶେ ୩ ବର୍ଷୀୟ କାର୍ଯ୍ୟଯୋଜନା(୨୦୨୪-୨୭) ପ୍ରସ୍ତୁତ ହେବ। ଏହି କାର୍ଯ୍ୟଯୋଜନା ଶିଶୁବାଟିକାଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ରହିବ। ଯେଉଁ ଛାତ୍ରୀଛାତ୍ରମାନେ ଶିଶୁବାଟିକାରେ ପଢୁଛନ୍ତି, ସେମାନଙ୍କର ସମସ୍ତ ତଥ୍ୟ ୟୁଡାଇସ୍ ଡାଟାରେ ରହିବ, ଯଦ୍ୱାରା ରାଜ୍ୟ ସରକାର ଏକକାଳୀନ ସମସ୍ତ ତଥ୍ୟ ପାଇପାରିବେ। ସେହିପରି ଏକ କମିଟି ଗଠନ କରିବାକୁ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ସେହି କମିଟିର ସଦସ୍ୟମାନେ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ସ୍ୱାକ୍ଷରିତ ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ପାଠ୍ୟକ୍ରମକୁ ବିଶ୍ଳେଷଣ କରି ନୂଆ ବହି ପ୍ରସ୍ତୁତ କରିବେ। ଅନ୍ୟପଟେ ରାଜ୍ୟ ସରକାର ଆଞ୍ଚଳିକ ଭାଷାକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ସେହି ପିଲାଙ୍କ ପାଇଁ ଆଞ୍ଚଳିକ ଭାଷାର ପାଠ୍ୟପୁସ୍ତକ ମଧ୍ୟ ପ୍ରସ୍ତୁତ କରାଯିବ। ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ପିଲାମାନେ ଶିକ୍ଷାଠାରୁ ଦୂରେଇ ଯାଉଛନ୍ତି। ପୁଣିଥରେ ସେମାନଙ୍କୁ ବିଦ୍ୟାଳୟକୁ ଫେରାଇଆଣିବା ଲାଗି 'ଆସ ସ୍କୁଲ୍ ଯିବା' ଅଭିଯାନ କାର୍ଯ୍ୟକ୍ରମ ଜାରି ରଖାଯିବ। ପିଲାଙ୍କୁ ପାଠ ପଢ଼ାଇବାରେ ଯେପରି କୌଣସି ସମସ୍ୟା ନ ହେବ, ସେଥିପାଇଁ ଡିଜିଟାଲ ଭିଡିଓ, ଅନ୍‌ଲାଇନ ସୁବିଧା, ପ୍ରି-ରିଡ୍ ଓ ହ୍ୟାଣ୍ଡଆଉଟ୍ ଯୋଗାଇ ଦିଆଯିବାକୁ ବିଭାଗ ପକ୍ଷରୁ ଯୋଜନା କରାଯାଉଛି।

# ଆଜିଠାରୁ ସ୍ପଟ୍ ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନରେ ଖାଲିପଡ଼ିଥିବା ସିଟ୍‌ଗୁଡ଼ିକୁ ପୂରଣ କରିବା ପାଇଁ ବିଭାଗ ପକ୍ଷରୁ ନାମଲେଖା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ନାତକ ସହିତ ସ୍ନାତକୋତ୍ତର, ଦୁଇବର୍ଷିଆ ବିଏଡ୍ ଏବଂ ଏମ୍‌ଏଡ୍, ତିନିବର୍ଷିଆ ଏଲ୍‌ଏଲ୍‌ବି, ତିନିବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ ଏବଂ ଏମ୍‌ଏଡ୍‌ରେ ଏକାବେଳେ ସ୍ପଟ୍ ନାମଲେଖା ହେବ। ଏଥିଲାଗି ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଷ୍ଟୁଡେଣ୍ଟ ଲଗ୍‌ଇନ୍ ଓ ଶିକ୍ଷାନୁଷ୍ଠାନ ର୍‌ୟାଙ୍କ ଅନୁଯାୟୀ ତାଲିକା ୨୭ ତାରିଖରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ୨୮ ତାରିଖ ଦିନ ସମସ୍ତ ପ୍ରମାଣପତ୍ର ସହିତ ନାମଲେଖାଇବା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟିଂ କରିବେ। ଆବଶ୍ୟକସ୍ଥଳେ ଉପଯୁକ୍ତ ପ୍ରମାଣପତ୍ର ସହିତ ପ୍ରାର୍ଥୀଙ୍କର ଜଣେ ପ୍ରତିନିଧି ମଧ୍ୟ କଲେଜକୁ ଯାଇ ରିପୋର୍ଟିଂ କରିପାରିବେ। ରିପୋର୍ଟିଂ କରିଥିବା ଛାତ୍ରୀଛାତ୍ରଙ୍କ ମେଧା ତାଲିକା ୨୯ ତାରିଖରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ୩୦ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ସେହିପରି ନାମଲେଖାଇ ନ ଥିବା ଛାତ୍ରୀଛାତ୍ରମାନେ ସ୍ପଟ୍ ନାମଲେଖାରେ ଅଂଶଗ୍ରହଣ କରିପାରିବେ। ପ୍ରଥମ ଦୁଇଟି ଫେଜରେ କୌଣସି କାରଣରୁ ଆବେଦନ କରିପାରି ନ ଥିବା, ନାମଲେଖା ପାଇଁ ଚୟନ ହୋଇପାରି ନ ଥିବା ଏବଂ ଚୟନ ହୋଇ ମଧ୍ୟ ନାମ ଲେଖାଇ ପାରି ନ ଥିବା ପିଲାମାନେ ମଧ୍ୟ ଏହି ପ୍ରକ୍ରିୟାରେ ନାମଲେଖାଇ ପାରିବେ।

# ଭିନ୍ନକ୍ଷମମାନେ ମାନସିକସ୍ତରରେ ସମ୍ପୂର୍ଣ୍ଣ ସମର୍ଥ



'ଧ୍ୱନି ଫିଲ୍ମୋତ୍ସବ'ରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଦର୍ଶକ।

## 'ଧ୍ୱନି ଫିଲ୍ମୋତ୍ସବ' ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧୦(ବନ୍ଦନା ସେଠୀ)

ଭିନ୍ନକ୍ଷମମାନେ ଭିନ୍ନ ନୁହନ୍ତି। ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ପାଇଁ ସମାଜର ପ୍ରମୁଖ ଦାୟିତ୍ୱ ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ରଠାରେ ଦ୍ୱିଦିବସୀୟ 'ଧ୍ୱନି ଫିଲ୍ମୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଇନା'ର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରି ସମ୍ବିଧାନର ମୌଳିକ କର୍ତ୍ତବ୍ୟ ହିସାବରେ ଭିନ୍ନକ୍ଷମମାନେ ସମସ୍ତ ସୁବିଧା ପାଇବାକୁ ହକ୍‌ଦାର ବୋଲି କହିଛନ୍ତି। ଅତିଥି ଭାବେ ନାଟ୍ୟକାର ଅନନ୍ତ ମହାପାତ୍ର ଯୋଗଦେଇ ଏପରି ଫିଲ୍ମୋତ୍ସବ ପ୍ରତି ରାଜ୍ୟରେ ହେବାର ଆବଶ୍ୟକତା ରହିଛି ବୋଲି ମତ ରଖିଛନ୍ତି। ଭିନ୍ନକ୍ଷମମାନେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସାମର୍ଥ୍ୟ ପ୍ରକଟ କରନ୍ତି ବୋଲି ଭିନ୍ନକ୍ଷମ ଆୟୋଗର ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର କହିଛନ୍ତି।

ଆଇନାର ସଭାପତି ଲଳିତା ମିଶାଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଉତ୍ସବ କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳ କହିଲେ, ଅକ୍ଷମତା ବୋଲି ସେମିତି କିଛି ଶବ୍ଦ ନାହିଁ। ଅକ୍ଷମ ଶବ୍ଦପ୍ରତି କେହି ଘୃଣାଭାବ ସୃଷ୍ଟି କରନ୍ତୁ ନାହିଁ ବୋଲି ସେ ମତ ରଖିଛନ୍ତି। ଅତିଥି ଭାବେ ଆସାମର ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ମଞ୍ଜୁ ବୋରା, ଓଡ଼ିଶା ପର୍ଯ୍ୟଟନ ନିଗମର ପୂର୍ବତନ ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ଅଭିନେତ୍ରୀ ଉଷଶୀ ମିଶ୍ର, ପାର୍ଥସାରଥି ରାୟ, କୌଶିକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗିତାଭିତ୍ତିକ ୧ ମିନିଟ୍, ୫ ମିନିଟ୍ ଓ ୩୦ ମିନିଟ୍ ଚଳଚ୍ଚିତ୍ର ବର୍ଗରେ ୩୭ଟି ସୁନିର୍ବାଚିତ ଚଳଚ୍ଚିତ୍ରର ସ୍କ୍ରିନିଂ ହୋଇଥିଲା। ଏଥିସହ 'ଭିନ୍ନକ୍ଷମ ଓ ବିବିଧତା ଓ ଅନ୍ତର୍ଭୁକ୍ତି' ଶୀର୍ଷକ ମହାବିଦ୍ୟାଳୟସ୍ତରୀୟ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଇନାର କାର୍ଯ୍ୟନିର୍ବାହୀ ସଦସ୍ୟା ତଥା କୋଷାଧ୍ୟକ୍ଷା ଡ. ଗାୟତ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବୁଧବାର ପୁରସ୍କାର ବିତରଣ ସମାରୋହ ହେବ।

## ନନ୍ଦନକାନନରେ ଆଖି ବୁଜିଲା ହାଏନା ଛୁଆ

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଏକ ଅଣ୍ଡିରା ହାଏନା ଛୁଆର ମୃତ୍ୟୁ ଘଟିଛି। ଛୁଆଟି ହର୍ନିଆ ରୋଗରେ ପୀଡ଼ିତ ଥିବାରୁ ତାକୁ ଲାଳନପାଳନ କେନ୍ଦ୍ରକୁ ଅଣାଯାଇଥିଲା। ୧୫ଦିନ ତଳେ ଡାକ୍ତରମାନେ ଛୁଆଟିର ହର୍ନିଆ ଅପରେଶନ କରିଥିଲେ। ହେଲେ ୭ଦିନ ତଳେ ଅପରେଶନ ଜାଗାଟି ପଚିବାରୁ ଡ଼ାକ୍ତରମାନେ ପ୍ରତିଦିନ ଯାଇ ଡ୍ରେସିଂ କରିଥିଲେ। ସୋମବାର ଅପରାହ୍ନରେ ଡ୍ରେସିଂ କରାଯାଇଥିବା ବେଳେ ମଙ୍ଗଳବାର ସକାଳୁ ତା'ର ମୃତ୍ୟୁ ହୋଇଥିବା ଜଣାପଡିଥିଲା।

ସୂଚନାଯୋଗ୍ୟ, ନନ୍ଦନକାନନ କର୍ତ୍ତୃପକ୍ଷ ୩ ଛୁଆକୁ ଉଦ୍ଧାର କରି ଗତ କିଛି ମାସ ତଳେ ହାଏନା ରହୁଥିବା ୨୫ ନମ୍ବର ଖୁଆଡରେ ଛାଡ଼ିଥିଲେ। ସେଠାରେ ବର୍ଷକର ଉକ୍ତ ଅଣ୍ଡିରା ଛୁଆଟିର ହର୍ନିଆ ହୋଇଥିବାର ଜଣାପଡିବା ପରେ ତାକୁ ଲାଳନପାଳନ କେନ୍ଦ୍ରକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ଗତ ୮ତାରିଖରେ ନନ୍ଦନକାନନର ୧୨ନମ୍ବର ଖୁଆଡରେ ରହୁଥିବା ଏକମାତ୍ର ନାଲି ଓ ସବୁଜ ରଙ୍ଗର ମାକାଓର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଫଳରେ ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଏହି ପ୍ରଜାତିର ମାକାଓ ବଂଶ ଲୋପ ପାଇଛି।



## ସଂକ୍ଷେପରେ

### ଲୋକଙ୍କ ପାଖରେ ପ୍ରଭାବଶାଳୀ ବାର୍ତ୍ତା ପହଞ୍ଚାଏ ଚଳଚ୍ଚିତ୍ର

**ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏବଂ ମନି ମୋବାଇଲ ଚଳଚ୍ଚିତ୍ର ପ୍ରଦର୍ଶନ ଉପରେ ଏକ ସେମିନାର ମଙ୍ଗଳବାର ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଉଦ୍‌ଘାଟନ କରି କହିଛନ୍ତି, ଚଳଚ୍ଚିତ୍ର ଜରିଆରେ ଲୋକଙ୍କ ପାଖରେ ବହୁପ୍ରଭାବଶାଳୀ ବାର୍ତ୍ତା ପହଞ୍ଚାଏ। ଚଳଚ୍ଚିତ୍ର ଲୋକଙ୍କ ଚରିତ୍ରକୁ ପରିବର୍ତ୍ତନ କରିବାରେ ମଧ୍ୟ ସହଯୋଗ କରିଥାଏ। ଏହି କାର୍ଯ୍ୟକ୍ରମରେ ଓଡ଼ି ସିନେଭିଜନ ଫିଲ୍ମର ପ୍ରଫେସର ଅର୍ଚ୍ଚନା ନାୟକ ଏବଂ ମହମ୍ମଦ ସାକିଲ ଯୋଗଦେଇଥିଲେ। ସେମାନେ ଚଳଚ୍ଚିତ୍ର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ଅମ୍ବିକା ଶଙ୍କର ମିଶ୍ର ଦୈନନ୍ଦିନ ଜୀବନରେ ସିନେମାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ବାଲୁଗାଁ,୧୪।୧୦(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଖାରିବନ୍ଧ ଗ୍ରାମସ୍ଥିତ ଏକ ପୋଖରୀରୁ ମଙ୍ଗଳବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଦିଗି ଗାଁର ପ୍ରଶାନ୍ତ ପଣ୍ଡା(୨୩)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୫) ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ଖାରିବନ୍ଧ ଗ୍ରାମର କେତେଜଣ ଲୋକ ମନ୍ଦିରକୁ ଯିବା ସମୟରେ ପୋଖରୀରେ ପ୍ରଶାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ପ୍ରଶାନ୍ତଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛିଦିନ ହେବ ପ୍ରଶାନ୍ତ ପାନ୍ଥ ନିବାସ ଅଞ୍ଚଳର ଏକ ମଣ୍ଡପରେ ରହି ଦିନମଜୁରିଆ କାର୍ଯ୍ୟ କରୁଥିଲେ। ସେ ଅପସ୍ମାର ରୋଗରେ ପୀଡ଼ିତ ଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି

**ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ମଙ୍ଗଳବାର ଶ୍ରୀବିଗ୍ରହମାନଙ୍କ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ ହୋଇ ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟା ୩୦ରେ ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ସନ୍ଧ୍ୟା ୬ଟା ୩୦ରେ ଦିବା ପହୁଡ଼ ଦ୍ୱାର ଫିଟା ଯାଇଥିଲା। ପରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତୀ ନୀତି ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଦିବା ପହୁଡ଼ ସମୟରେ ମହାପ୍ରଭୁଙ୍କ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ଼ ନୀତି ସରିବା ପରେ ପୁନର୍ବାର ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

# ଦୁଇ ଗୋଷ୍ଠୀ ଅଟୋ ଚାଳକଙ୍କ ମଧ୍ୟରେ ମାରପିଟ୍



ସ୍ମାର୍ଟ ସିଟି ଅନଲାଇନ୍ ଅଟୋଚାଳକ ସଂଘର ସଦସ୍ୟମାନେ ରାସ୍ତାରେ ଅଟୋ ରଖି କ୍ୟାପିଟାଲ ଥାନା ଘେରାଉ କରିଛନ୍ତି।

**ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)**

**ଉଭୟ ପକ୍ଷର ୪ ଗିରଫ**

- ଥାନା ଘେରାଉ କରି ଅନ୍‌ଲାଇନ୍ ଅଟୋ ସଂଘର ପ୍ରତିବାଦ
- ଅବରୋଧ ଯୋଗୁ ଜାମ୍ ହେଲା ରାସ୍ତା, ଲୋକେ ହଇରାଣ

ଯାତ୍ରୀ ଉଠାଇବାକୁ ନେଇ ମଙ୍ଗଳବାର ଅନଲାଇନ୍ ଅଟୋଚାଳକ ଓ ଅଫଲାଇନ୍ ଅଟୋଚାଳକଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏହି ଘଟଣାକୁ ନେଇ କ୍ୟାପିଟାଲ ଥାନାରେ ଉଭୟ ପକ୍ଷର ଏତଲାକ୍ରମେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରଥମ ମାମଲା (ନଂ. ୬୦୨/୨୦୨୫)ରେ ୩ ଜଣ ଅଫଲାଇନ୍ ଅଟୋଚାଳକ ଏବଂ ଦ୍ୱିତୀୟ ମାମଲା (ନଂ. ୬୦୩/୨୦୨୫)ରେ ଜଣେ ଅନଲାଇନ୍ ଅଟୋଚାଳକ ଅଭିଯୁକ୍ତ ରହିଛନ୍ତି। ଅଭିଯୁକ୍ତ ଅଫଲାଇନ୍ ଅଟୋଚାଳକମାନେ ହେଲେ ଓଲ୍ଡ ଟାଉନରେ ରହୁଥିବା ପୁରୀ ଜିଲା ମାଲୁଦ ଥାନା ଅଞ୍ଚଳର ସିଦ୍ଧାର୍ଥ ଖଟେଇ (୨୫), ଭରତପୁରରେ ରହୁଥିବା ନୟାଗଡ଼ର ପପୁ ବେହେରା (୩୧) ଓ ସାଲିଆସାହିରେ ରହୁଥିବା କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳର ଶ୍ରୀରାମ ସାହୁ (୨୯)। ସେହିପରି ଅଭିଯୁକ୍ତ ଅନଲାଇନ୍ ଅଟୋଚାଳକ ହେଲେ ପୁରୀ ଜିଲା ପିପିଲି ଥାନା ଅଧୀନ ରାଇଗିରିପୁରର ସୂର୍ଯ୍ୟକାନ୍ତ ସାହୁ (୩୦)। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତ ଅଧିକ ଭଡ଼ା ପାଇବା ପାଇଁ ଅନ୍‌ଲାଇନ୍ ପ୍ଲାଟଫର୍ମରେ ପଞ୍ଜୀକୃତ କରିଛନ୍ତି। ଅକ୍ଟୋବର ୫ତାରିଖ ରାତିରେ ସେ ଅନ୍‌ଲାଇନରେ ଏକ ଅର୍ଡର ପାଇ ଜନପଥର ଅଶୋକ ନଗରରେ ଯାତ୍ରୀଙ୍କୁ ଅପେକ୍ଷା କରିଥିବାବେଳେ ଅଫଲାଇନ୍ ଅଟୋ ଚାଳକମାନେ ତାଙ୍କୁ ଧମକ ଦେଇ ଆକ୍ରମଣ କରିଥିଲେ। ଅନ୍ୟପଟେ ମାଷ୍ଟରକ୍ୟାଣ୍ଟିନ୍ ଅଫ୍‌ଲାଇନ୍ ଅଟୋଷ୍ଟାଣ୍ଡର ପଞ୍ଜୀକୃତ ଚାଳକ ବବେଇ ନାୟକ ଅକ୍ଟୋବର ୬ତାରିଖ ଅପରାହ୍ନ ପ୍ରାୟ ୫ଟାବେଳେ ମାଷ୍ଟରକ୍ୟାଣ୍ଟିନ୍‌ରେ ଯାତ୍ରୀଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଅନଲାଇନ୍ ଅଟୋଚାଳକମାନେ ସେଠାକୁ ଆସି ଯାତ୍ରୀ ନ ଉଠାଇବା ପାଇଁ ଧମକାଇ ତାଙ୍କ ସହିତ ଝଗଡ଼ା କରିଥିଲେ। ସୂର୍ଯ୍ୟକାନ୍ତ ଏକ ଚାବିରେ ବବେଇଙ୍କୁ ଆକ୍ରମଣ କରିବା ସହ ସହଯୋଗୀଙ୍କ ସହିତ ମିଶି ଗତିକୃଷ୍ଣ ସାହୁଙ୍କ ଅଟୋକୁ ବାଡ଼େଇ ଭାଙ୍ଗିଦେଇଥିଲେ। ତେବେ ଗିରଫଦାରିର ପ୍ରତିବାଦ କରି ସ୍ମାର୍ଟ ସିଟି ଅନଲାଇନ୍ ଅଟୋଚାଳକ ସଂଘର ସଦସ୍ୟମାନେ କ୍ୟାପିଟାଲ ଥାନା ଘେରାଉ କରିଥିଲେ। ସେମାନେ ଥାନା ସମ୍ମୁଖରେ ଅଟୋ ରଖିବାରୁ ରାଜମହଲରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତା (ରାଜପଥ) କିଛି ସମୟ ପାଇଁ ଜାମ୍ ହୋଇଯାଇଥିଲା। ଯାତ୍ରୀମାନେ ହଇରାଣ ହୋଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'ଇନ୍ଦ୍ରପୁରୀରେ ସଚ୍ଚି'ର ଏକ ଦୃଶ୍ୟ। (ଫଟୋ: ମନୋରଞ୍ଜନ ମିଶ୍ର)

### ରେଲଓ୍ୱେ ଷ୍ଟେଶନରେ ମହିଳା ଯାତ୍ରୀଙ୍କଠାରୁ ୨୦ ଲକ୍ଷର ଅଳଙ୍କାର ଚୋରି

**ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)**

ଭୁବନେଶ୍ୱର ରେଲଓ୍ୱେ ଷ୍ଟେଶନରେ ଜଣେ ମହିଳା ଯାତ୍ରୀଙ୍କଠାରୁ ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ସୋମବାର ଅପରାହ୍ନ ୩ଟା ବେଳେ ଏହି ଘଟଣା ଘଟିଛି। ଚୋରିର ଶିକାର ହୋଇଥିବା ଗଞ୍ଜାମ ଜିଲା ଛତ୍ରପୁରର ଅମିତା ଦାସ ଏନେଇ ଭୁବନେଶ୍ୱର ଜିଆର୍‌ପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅମିତା ପ୍ଲାଟଫର୍ମ-୫ରେ କୋଣାର୍କ ଏକ୍ସପ୍ରେସ୍‌ରେ ଚଢୁଥିବାବେଳେ ଚୋରିର ଶିକାର ହୋଇଥିଲେ। କେତେଜଣ ମହିଳା କୃତ୍ରିମ ଭିଡ଼ ସୃଷ୍ଟି କରି ତାଙ୍କ ଭ୍ୟାନିଟିରୁ ଅଳଙ୍କାର ଚୋରି କରିନେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତାମାନଙ୍କୁ ଧରିବାକୁ ତନାଘନା ଚଳାଇଛି।

# ବେଆଇନ ବାଣ ତିଆରିବେଳେ ବିସ୍ଫୋରଣ: ଜଣେ ଗୁରୁତର

**ତିଗିରିଆ/ଆଠଗଡ଼,୧୪।୧୦ (ଜାଫର ଖାଁ/ସତ୍ୟପ୍ରସାଦ ରଥ)**

ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମରେ ବାଣ ତିଆରି କରୁଥିବା ବେଳେ ମଙ୍ଗଳବାର ବିସ୍ଫୋରଣ ଘଟିଛି। ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ପାପୁନ ବେହେରା ଓ ବିପ୍ଳବ ସାହୁ। ପାପୁନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ଶରୀରର ପ୍ରାୟ ୯୫ ଭାଗ ପୋଡ଼ିଯାଇଛି। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ପ୍ରଥମେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

ସକାଳେ ପୁରୁଣା ତିଗିରିଆ ଗ୍ରାମ ତେଲିସାହିର ଜନୈକ ବ୍ୟକ୍ତିଙ୍କ ଘରେ ସେମାନେ ବାଣ ଭିଡୁଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ଏହାପରେ ତିଗିରିଆ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି

**ପୃଥକ୍ ସ୍ଥାନରୁ ୭ ଅଟକ, ୨ କୋର୍ଟ ଚାଲାଣ**

ପୋଲିସ ଫୋର୍ସ ସହ ପୁରୁଣା ତିଗିରିଆ ଗ୍ରାମରେ ଚଢ଼ାଉକରି ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ୭ ଜଣଙ୍କୁ ଥାନାରେ ଅଟକ ରଖିଛନ୍ତି। ସେହିପରି ଆଠଗଡ଼ ପୋଲିସ ପକ୍ଷରୁ ଖୁଣ୍ଟକଟା ତାରିଣୀ ଛକ ନିକଟରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ତେଲେଙ୍ଗା ବଜାରର ମିଟୁ ପ୍ରସାଦ(୪୧) ଏବଂ ମର୍କତ ନଗର ଥାନା ଅନ୍ତର୍ଗତ ସିଡିଏ -୭ ଅଞ୍ଚଳର ବାଦଲ କୁମାର ସାହୁ(୩୦)। ଉଭୟ ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡି-୦୫-ବିଏ-୪୯୨୧)ରେ ପୁରୁଣା ତିଗିରିଆରୁ ବାଣ ନେଇ ଆସୁଥିବା ବେଳେ ପୋଲିସ ଧରିଛି ବୋଲି ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି କହିଛନ୍ତି।

# ଶ୍ରଦ୍ଧାଳୁଙ୍କ ଦର୍ଶନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ



ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ମନ୍ଦିର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ସାକ୍ଷୀଗୋପାଳ,୧୪।୧୦ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ ଭରତ ରାଉତ)**

- ଅଁଳା ନବମୀ ଯାତ୍ରା ନେଇ ଅନୁଧ୍ୟାନ କଲେ ବିଧାୟକ
- ଭଙ୍ଗାଗଲା ବିପଦସଙ୍କୁଳ କୋଠା, ହେବ ଅସ୍ଥାୟୀ ଗୋଶାଳା

ସାକ୍ଷୀଗୋପାଳରେ ଅଁଳାନବମୀ ଯାତ୍ରା ସୁପରିଚାଳନା ନିମନ୍ତେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମଙ୍ଗଳବାର ସାକ୍ଷୀଗୋପାଳ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି। ବର୍ଷକୁ ଗୋଟିଏ ଦିନ ଶ୍ରୀରାଧା ପାଦ ଦର୍ଶନ ଅପୂର୍ବ ସୁଯୋଗରେ ସମବେତ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଓ ସୁବିଧାରେ ଦର୍ଶନ ପାଇଁ ବିଧାୟକ ଗୁରୁତ୍ୱାରୋପ କରିଛନ୍ତି। ସାହାଣମେଳା ଦର୍ଶନ ପ୍ରତି ବିଭାଗୀୟ ଅଧିକାରୀ, ପୋଲିସ ଅଧିକ ଯତ୍ନଶୀଳ ହେବାକୁ ସେ ନିର୍ଦ୍ଦେଶ ଦେଇଥିବା ବେଳେ ମନ୍ଦିର ସେବାୟତଙ୍କର ସହଯୋଗ କାମନା କରିଥିଲେ।

ଏହି ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ମଧ୍ୟରେ ମନ୍ଦିର ପାର୍ଶ୍ୱରେ ରହିଥିବା ଶ୍ରୀରାମ ମନ୍ଦିର ସଂଲଗ୍ନ ବିପଦଶଙ୍କୁଳ କୋଠା ଭଙ୍ଗା କାମ ଏବଂ ଏମାରମଠ ପୁରୁଣା କୋଠା, ସାଧାରଣ ଭକ୍ତଙ୍କର ପ୍ରବେଶ, ପ୍ରସ୍ଥାନ, ମନ୍ଦିର ଗର୍ଭଗୃହରେ ଠାକୁରଙ୍କ ଦର୍ଶନ, ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ମହୋତ୍ସବ ପଡ଼ିଆ, ପାର୍କିଂ, ବିଶ୍ରାମସ୍ଥଳ ସହିତ ବୁଲା ଗୋରୁଗାଈ, ଷଣ୍ଢମାନଙ୍କ ପାଇଁ ନିର୍ମାଣ ହେବାକୁ ଥିବା ଅସ୍ଥାୟୀ ଗୋଶାଳା ସ୍ଥଳ ବିଧାୟକ ଅଧିକାରୀ, ସେବାୟତ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କ ସହ ବୁଲି ଦେଖିଥିଲେ। ସେହିପରି ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଜମି ଓ ରାସ୍ତାକୁ ମାଡ଼ି ରହିଥିବା ଦୋକାନ ବଜାର ଗୁରୁବାର ସୁଦ୍ଧା ଖାଲି କରିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇଥିଲା। ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା, ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପ୍ରଧାନ, ଅରୁଣ କୁମାର ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ସେବାୟତ ସଂଘ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, ସେବାୟତ ଉମେଶ ଚନ୍ଦ୍ର ନନ୍ଦ, ଶ୍ୟାମସୁନ୍ଦର ମହାପାତ୍ର, ସଞ୍ଜୟ କୁମାର ନନ୍ଦ ପ୍ରମୁଖ ଅନୁଧ୍ୟାନ ସମୟରେ ଉପସ୍ଥିତ ଥିଲେ।

# ପରିଚୟ ପାଇବାକୁ ପୋଷ୍ଟର ଜାରି କଲା ପୋଲିସ

**ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)**

**ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଓଇଆର୍‌ସି ଲେନ୍ ପାୱାର ଗ୍ରୀଡ୍ ସବ୍‌ଷ୍ଟେଶନର ପଛପଟୁ ସୋମବାର ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ଇତିମଧ୍ୟରେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ପରିବାର କିମ୍ବା ସମ୍ପର୍କୀୟ କେହି ନ ଆସିବାରୁ ପରିଚୟ ପାଇବାକୁ ପୋଲିସ ମଙ୍ଗଳବାର ଏକ ପୋଷ୍ଟର ଜାରି କରିଛି। ମୃତଦେହରୁ ମିଳିଥିବା ପ୍ରମାଣ ଆଧାରରେ ଭୁବନେଶ୍ୱର ୟୁପିଡି ପକ୍ଷରୁ ପୋଷ୍ଟର ପ୍ରସ୍ତୁତ କରାଯାଇ ସୋସିଆଲ୍ ମିଡିଆରେ ଅପଲୋଡ୍ କରାଯାଇଛି। ସୂଚନାଦାତାଙ୍କ ପାଇଁ ୨୫ ହଜାର ଟଙ୍କା ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି। ମୃତ ଯୁବକଙ୍କ ଛାତିରେ ଜି ଓ ଏନ୍ ଅକ୍ଷରର ଟାଟୁ ରହିଛି। ତାଙ୍କର ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ଉଚ୍ଚତା ୫ ଫୁଟ ୫ ଇଞ୍ଚ। ସେ କଳା ଫୁଲ ଛପା ଥିବା ଧଳା ଶାର୍ଟ ପିନ୍ଧିଥିବାବେଳେ ଶାର୍ଟ ପଛପଟେ ଏସ୍‌କେ





ଲଗାଯାଇଥିବା ପୋଷ୍ଟର।

ଲେଖା ରହିଛି। ସେହିପରି ଆଡିଡାସ୍ ଲୋଗୋ ସହିତ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ। ମୃତକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ ଚନ୍ଦ୍ରଶେଖରପୁର ଥାନା ନଂ. ୯୪୩୯୧୩୩୪୧୨ ଏବଂ ଏସ୍‌ଆଇ ଜୁନେଜା କେରକେଟାଙ୍କ ମୋବାଇଲ ନମ୍ବର ୭୦୦୮୩୩୬୫୫୭ରେ ଯୋଗାଯୋଗ କରି ସୂଚନା ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ, ସୋମବାର ଯୁବକଙ୍କ ମୃତଦେହ ଜବତ ହୋଇଥିବା ବେଳେ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ସରକାରୀ କ୍ୱାର୍ଟର୍ସରୁ ହଟିଲା ଜବରଦଖଲ

- ଦିନକରେ ୨୧ ଘର ଖାଲି, ଆଜି ଆଉ ୨
- ଜବରଦଖଲମୁକ୍ତ ହେଲା ହାଉସିଂବୋର୍ଡ ଜମି

**ଭୁବନେଶ୍ୱର,୧୪।୧୦(ବନ୍ଦନା ସେଠୀ)**



ଅଧିକାରୀମାନେ ଜବରଦଖଲକାରୀଙ୍କୁ ବାହାର କରିବା ସହ ଆସବାବପତ୍ର କାଢ଼ି ଦେଇଛନ୍ତି।

ରାଜଧାନୀରେ ପୁଣି ସରକାରୀ କ୍ୱାର୍ଟର୍ସରେ ଜବରଦଖଲକାରୀଙ୍କ ରାଜ୍। ଗତ ମେ' ମାସରେ ୟୁନିଟ୍-୨ ସ୍ଥିତ ସରକାରୀ କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ ହୋଇଥିବାବେଳେ ପୁଣି ସେଠାରେ କିଛି କ୍ୱାର୍ଟର୍ସକୁ ଜବରଦଖଲକାରୀମାନେ ମାଡ଼ି ବସିଛନ୍ତି। କ୍ୱାର୍ଟର୍ସଗୁଡିକ ଆଲଟ୍‌ମେଣ୍ଟ ହୋଇ ନ ଥିବାବେଳେ ୨୩ଟି କ୍ୱାର୍ଟର୍ସର ତାଲା ଭାଙ୍ଗି କେତେଜଣ ବ୍ୟକ୍ତି ଜୋର ଜବରଦସ୍ତ ରହିଥିଲେ। ଏହା ଜଣାପଡ଼ିବା ପରେ ମଙ୍ଗଳବାର ବିଡିଏ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ସହାୟତାରେ ବେଆଇନ ଭାବେ ରହିଥିବା ବ୍ୟକ୍ତିମାନଙ୍କୁ ସମ୍ପୃକ୍ତ କ୍ୱାର୍ଟର୍ସଗୁଡ଼ିକରୁ ହଟାଇ ଦିଆଯାଇଛି।

ୟୁନିଟ-୨ ଅଞ୍ଚଳରେ ଥିବା ୨୩ଟି ସରକାରୀ କ୍ୱାର୍ଟର୍ସକୁ ବେଆଇନ ଭାବେ କେତେଜଣ ବ୍ୟକ୍ତି ଅକ୍ତିଆର କରିନେଇଥିଲେ। ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ବେଆଇନ ଜବରଦଖଲକାରୀଙ୍କୁ ବାହାର କରିବା ସହ କ୍ୱାର୍ଟର୍ସରୁ ଆସବାବପତ୍ର କାଢ଼ି ଦେଇଛନ୍ତି। ଦିନକରେ ୨୧ଟି କ୍ୱାର୍ଟର୍ସ ଖାଲି କରାଯାଇଥିଲାବେଳେ ବାକି ୨ଟି କ୍ୱାର୍ଟର୍ସକୁ ବୁଧବାର ଖାଲି କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଚନ୍ଦ୍ରଶେଖରପୁରସ୍ଥିତ ଓଡ଼ିଶା ହାଉସିଂ ବୋର୍ଡ଼ ସ୍କିମ୍ ଅନ୍ତର୍ଗତ କାନନବିହାର ଫେଜ-୧ରେ ହୋଇଥିବା ଜବରଦଖଲକୁ ମଧ୍ୟ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦରେ ୧୧ଟି କ୍ୟାବିନ, ୩ଟି ଟିଣ ନିର୍ମିତ ଦୋକାନ, ୩ଟି ଆଜବେଷ୍ଟସ୍ ଘର ଏବଂ ୨ଟି ହୋଟେଲକୁ ଭଙ୍ଗାଯାଇଛି। ପ୍ରାୟ ୨୦୦ ଡେସିମିଲ ହାଉସିଂବୋର୍ଡ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ରାଜ୍ୟ ଗୃହ ନିର୍ମାଣ ନିଗମର ବିବେକାନନ୍ଦ ମହାଲି, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।

# ସହର ବିକାଶ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)**

**ସହରାଞ୍ଚଳ ବିକାଶ ଓ ଗତିଶୀଳତା ପାଇଁ ଏଡିବି ସହ ଆଲୋଚନା**





ବୈଠକରେ ସଚିବ ଉଷା ପାଢ଼ୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସହରାଞ୍ଚଳ ବିକାଶ ଏବଂ ଗତିଶୀଳତା କ୍ଷେତ୍ରରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ସହିତ ରଣନୈତିକ ସହଯୋଗ ପାଇଁ ମାର୍ଗ ଅନୁସନ୍ଧାନ କରିବା ନେଇ ଆଲୋଚନା ହୋଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭିତ୍ତିଭୂମି ବିକାଶ, ସ୍ଥାୟୀ ଗତିଶୀଳତା ଏବଂ ସ୍ଥିର ସହରାଞ୍ଚଳ ଯୋଜନା କ୍ଷେତ୍ରରେ ସୁଦୃଢ଼ ସହଯୋଗ ମାଧ୍ୟମରେ ଓଡ଼ିଶାର ସହର ବିକାଶ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ସହରାଞ୍ଚଳ ପଦକ୍ଷେପଗୁଡ଼ିକର ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ତଦାରଖ, ତଥ୍ୟ-ଚାଳିତ ନିଷ୍ପତ୍ତି ଗ୍ରହଣ ଓ ସମନ୍ୱିତ ପ୍ରକଳ୍ପ ପରିଚାଳନା ପାଇଁ ମିଳିତ କମିଟି ଗଠନ ଉପରେ ଆଲୋଚନା ହୋଇଥିଲା। ଏହି କ୍ରମରେ ସୌଗତ ଦାସଗୁପ୍ତା ଏବଂ ଅଭିଷେକ ମୁଖାର୍ଜୀଙ୍କୁ ନେଇ ଗଠିତ ଏସୀୟ ଉନ୍ନୟନ ବ୍ୟାଙ୍କର ଏକ ପ୍ରତିନିଧିମଣ୍ଡଳୀ ଦୀର୍ଘକାଳୀନ ସହଭାଗିତା ପାଇଁ ଏଡିବିର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ପ୍ରମୁଖ ସଚିବ ଓଡ଼ିଶାର ବିକାଶ ଯାତ୍ରାରେ ଏଡିବିର ନିରନ୍ତର ଯୋଗଦାନକୁ ପ୍ରଶଂସା କରିଥିଲେ। ଏଥିସହ ଭବିଷ୍ୟତ ପାଇଁ ପ୍ରସ୍ତୁତ ସ୍ଥିର ଏବଂ ଲୋକ-କେନ୍ଦ୍ରିକ ସହର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସହରାଞ୍ଚଳରେ ଜୀବନର ଗୁଣବତ୍ତା ବୃଦ୍ଧି କରିବା ପାଇଁ ସମନ୍ୱିତ ଯୋଜନା, ନବସୃଜନ-ଚାଳିତ ଶାସନ ଏବଂ ସ୍ଥାୟୀ ସମାଧାନ ନେଇ ବିଭାଗର ଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

# 'ସୁସ୍ଥ ପରିବେଶ ଗଠନରେ ମହିଳାଙ୍କ ଭୂମିକା ରହିଛି'

## ଜିଲାସ୍ତରୀୟ ପୋଷଣ ମାସ, ଖାଦ୍ୟଷ୍ଟଲ୍ ପ୍ରଦର୍ଶନୀ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଗତ ସେପ୍ଟେମ୍ବର ୧୭ରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏକମାସ ବ୍ୟାପୀ ଚାଲିବ ଜିଲାସ୍ତରୀୟ ପୋଷଣ ମାସ-୨୦୨୫। ଏହି ଅବସରରେ ବିଭିନ୍ନ ବ୍ଲକ୍, ବିଜ୍ଞାପିତ ଏବଂ ପୌର ପରିଷଦ ଅଞ୍ଚଳରେ ପୋଷଣ ମାସ ଚାଲିଛି। ମଙ୍ଗଳବାର ଜିଲାସ୍ତରୀୟ ପୋଷଣ ମାସ ଓ ପୁଷ୍ଟିକରଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି, ସୁଭଦ୍ରା ମା'ମାନଙ୍କ ଦ୍ୱାରା ଆୟୋଜିତ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖି ପ୍ରଶଂସା କରିଥିଲେ। ଏହାର ଉପକାରିତା ସମ୍ପର୍କରେ ପଚାରି ବୁଝିଥିଲେ।



ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଖାଦ୍ୟ ଷ୍ଟଲ୍ ବୁଲି ଦେଖୁଛନ୍ତି।

ଏହି ଅବସରରେ ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ପୋଷଣ ମାସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଶିଶୁ, ଗର୍ଭବତୀ, କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା ଲାଗି ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବାର ଆବଶ୍ୟକ ରହିଥାଏ। ପୁଷ୍ଟିକର ଖାଦ୍ୟ ନ ଖାଇଲେ ବିଭିନ୍ନ ରୋଗର ଲକ୍ଷଣ ଦେଖାଦେଇଥାଏ। ପୁଷ୍ଟିଯୁକ୍ତ ଖାଦ୍ୟ ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ସରକାର ଏହି ଯୋଜନା କରିଛନ୍ତି। ସବୁଜ ପନିପରିବା ଶାରୀରିକ ସୁସ୍ଥତା ଦେଇଥାଏ। ଏହି ଯୋଜନାର ସଫଳ ରୂପାୟନ ଦିଗରେ ଅଙ୍ଗନୱାଡି, ଆଶା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ପ୍ରମୁଖ ଭୂମିକା ରହିଛି। ଏକ ସୁସ୍ଥ ପରିବେଶ ଏବଂ ସୁସ୍ଥ ସମାଜ କେବଳ ମହିଳାଙ୍କ ଦ୍ୱାରା ସମ୍ଭବ ହୋଇପାରିବ। ସମସ୍ତଙ୍କ ସହଯୋଗ, ସହଭାଗିତାରେ ପୋଷଣ ମାସ ଲକ୍ଷ୍ୟ ପୂରଣ ହେବ। ଅନ୍ୟମାନଙ୍କ ମଧ୍ୟରେ ଡା. ଇନ୍ଦିରା ରଥ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାସ, ଅନୁପମା ଭୋଇ, ଦେବକୀ ସାହୁ, ନଳିନୀ ଗିରି ପ୍ରମୁଖ ପୋଷଣ ମାସର ସଫଳତା, ଆବଶ୍ୟକତା ପ୍ରସଙ୍ଗରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସିଡିପିଓ, ଅଙ୍ଗନୱାଡି ପରିଚାଳିକା, ଆଶା, ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମବାୟ ସମିତି ନୂତନ ଗୃହ ନିର୍ମାଣ ସ୍ଥାନକୁ ବିରୋଧ



ବୋଲଗଡ଼,୧୪।୧୦(ଦେବବ୍ରତ ହୋତା)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନପୁର ସେବା ସମବାୟ ସମିତି ଗୋଦାମଘରର ନୂତନ ଗୃହ ନିର୍ମାଣ ନିମନ୍ତେ ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏହି ପଞ୍ଚାୟତର ଏକ ସରକାରୀ ଜାଗାକୁ ଚିହ୍ନଟ କରାଯାଇଛି। ଏହି ସ୍ଥାନକୁ ସେବା ସମବାୟ ସମିତି ନାମରେ ଗୃହ ନିର୍ମାଣ ପାଇଁ ପଟ୍ଟା ପ୍ରଦାନ ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଗତ ୧୦ ତାରିଖ ଶୁକ୍ରବାର ଏକ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ତେବେ ଉକ୍ତ ସ୍ଥାନରେ ସମିତିର ନୂତନ ଗୃହ ନିର୍ମାଣକୁ ବିରୋଧ କରିଛନ୍ତି ଉକ୍ତ ସେବା ସମବାୟ ସମିତି ଅଧୀନ ଗୋବର୍ଦ୍ଧନପୁର, ଗୋଡ଼ଭଙ୍ଗା ଓ ଗମ୍ଭାରୀଲୁଣ୍ଡା ଗ୍ରାମର ଶତାଧିକ ସଦସ୍ୟ ଓ ଚାଷୀ। ଏନେଇ ମଙ୍ଗଳବାର ମୃତ୍ୟୁଞ୍ଜୟ ରାଉତରାୟ, ଅଶୋକ ଛୋଟରାୟ, ବଳିଆ ସାହୁ, ଉପେନ୍ଦ୍ର ଗୋଛି, ବଳଭଦ୍ର ପରିଡ଼ା, ସୁର ପରିଡ଼ା, ଯୋଗୀ ସାହୁ, ବ୍ରଜବନ୍ଧୁ ଖୁଣ୍ଟିଆଙ୍କ ସମେତ ଉପରୋକ୍ତ ୩ ଗ୍ରାମର ଲୋକେ ଚଲଣାପଡ଼ାରେ ଚିହ୍ନଟ ସ୍ଥାନର ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖି ଗୋବର୍ଦ୍ଧନପୁର, ଗୋଡ଼ଭଙ୍ଗା କିମ୍ବା ଗମ୍ଭାରୀଲୁଣ୍ଡା ଗ୍ରାମରେ ନୂତନ ସ୍ଥାନ ଚିହ୍ନଟ କରି ଏହା ନିର୍ମାଣ ଦାବି କରିଛନ୍ତି। ପୂର୍ବରୁ ମଧ୍ୟ ସ୍ଥାନ ନିରୂପଣରେ ସମସ୍ୟା ନେଇ ଉକ୍ତ ଗ୍ରାମବାସୀ ନିର୍ମାଣ ସ୍ଥଗିତ ରଖିବାକୁ ବିଡିଓଙ୍କ ନିକଟ ଦାବି କରିଥିଲେ। ତେବେ ତହସିଲଦାର ବିଜୟ କୁମାର ସେଠୀ ବିଜ୍ଞପ୍ତି ଅନୁଯାୟୀ ଆପତ୍ତି ଅଭିଯୋଗ ଶୁଣାଣି ପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବିଦ୍ୟାଳୟରୁ ସିସିଟିଭି ମନିଟର, ହାର୍ଡଡିସ୍କ ଚୋରି

ବାଘମାରୀ,୧୪।୧୦(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ଓସ୍ତପୁର-କୋଟପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗୃହର କବାଟ ଭାଙ୍ଗି ସିସିଟିଭିର ମନିଟର ଓ ହାର୍ଡଡିସ୍କକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ଏନେଇ ବିଦ୍ୟଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ବାଘମାରୀ ପୋଲିସ ଏକ ମାମଲା (ନଂ.୨୧୩/୨୫)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଗୁନିଆ ତହସିଲ ବାଘମାରୀ ଥାନା ଅଧୀନ ଓସ୍ତପୁର-କୋଟପଲ୍ଲା ବଜାର ନାମକରଣକୁ ନେଇ ବିବାଦ ଜାରି ରହିଥିବା ବେଳେ ସମାଧାନର ବାଟ ବାହାରି ପାରିନାହିଁ। ଉଭୟ ଗ୍ରାମର ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପ୍ରଶାସନ ପକ୍ଷରୁ ୧୬୩ଧାରା ଲାଗୁ କରାଯିବା ସହ ପୋଲିସ ମୁତୟନ ହୋଇଛନ୍ତି। ଏଥିସହ ଗତିବିଧି ଉପରେ ନଜର ରଖିବା ପାଇଁ ପ୍ରଶାସନ ପକ୍ଷରୁ ବଜାର ଏବଂ ବିଦ୍ୟାଳୟ ମଧ୍ୟରେ ସିସିଟିଭି ଲଗାଯାଇ ବିଦ୍ୟାଳୟର ଏକ ଗୃହରେ ମିନିଟର, ହାର୍ଡଡିକ୍ସ ରହିଥିଲା। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉକ୍ତ ଗୃହର ତାଲା କାଟି ସମସ୍ତ ସାମଗ୍ରୀ ଲୁଟି ନେଇଛନ୍ତି। ପୋଲିସ ମୁତୟନ ହୋଇଥିଲେ ମଧ୍ୟ କିଭଳି ବିଦ୍ୟାଳୟରୁ ଚୋରି ହେଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରେ ସୁରଭି

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କୁରାଡ଼ମଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କମଳଲୋଚନ ଜଗଦେବ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଗାଚରଣ ବାରିକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଦଳେଇପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ ପ୍ରସାଦ ମହାପାତ୍ର, ତାପଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆଶାଜ୍ୟୋତି ଦାସ, ଶିଆଳିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଚକ୍ର ମଞ୍ଚାସୀନ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିନ୍ଧୁସୁତା ପ୍ରିୟଦର୍ଶିନୀ ସଭାପତିତ୍ୱ କରିଥିବା ବେଳେ ହିନ୍ଦୀ ଶିକ୍ଷୟିତ୍ରୀ ସୁହାସିନୀ ମିଶ୍ର ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମନୋଜ ଦାଶ ସଂଯୋଜନା କରିଥିଲେ। ଶିଶୁ ହସିଲେ ଦୁନିଆ ହସିବ। ଆଜିର ଶିଶୁ କାଲିର ଭବିଷ୍ୟତ। ତେଣୁ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସରପଞ୍ଚ ମହାନ୍ତି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ,୧୪।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଖାରିବନ୍ଧ ଗ୍ରାମସ୍ଥିତ ଏକ ପୋଖରୀରୁ ମଙ୍ଗଳବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଦିଗି ଗାଁର ପ୍ରଶାନ୍ତ ପଣ୍ଡା(୨୩)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫) ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ଖାରିବନ୍ଧ ଗ୍ରାମର କେତେଜଣ ଲୋକେ ମନ୍ଦିରକୁ ଯିବା ସମୟରେ ପୋଖରୀରେ ପ୍ରଶାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତରେ ପ୍ରଶାନ୍ତଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛିଦିନ ହେବ ପ୍ରଶାନ୍ତ ପାନ୍ଥ ନିବାସ ଅଞ୍ଚଳର ଏକ ମଣ୍ଡପରେ ରହି ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ସେ ଅପସ୍ମାର ରୋଗରେ ପୀଡ଼ିତ ଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଚାନ୍ଦପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ଉପଜିଲାପାଳଙ୍କ ନିକଟରେ ଫେରାଦ ହେଲେ ୱାର୍ଡ ସଭ୍ୟାସଭ୍ୟ

ଟାଙ୍ଗୀ,୧୪।୧୦(ରଘୁନାଥ ସାହୁ)

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ନାଏବ ସରପଞ୍ଚଙ୍କ ସହିତ ୧୬ଜଣ ୱାର୍ଡ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳ ଏବଂ ବିଡିଓଙ୍କ ନିକଟରେ ଗତ ୧୩ତାରିଖରେ ଫେରାଦ୍ ହୋଇ ଅନାସ୍ଥା ପ୍ରସ୍ତାବ ଆବେଦନକୁ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

ଅଭିଯୋଗ ମୁତାବକ, ସରପଞ୍ଚ ସେନାପତି ପଞ୍ଚାୟତକୁ ନ ଆସି ସ୍ୱାମୀ ଏବଂ ଦିଅରଙ୍କ ଦ୍ୱାରା ପଞ୍ଚାୟତର ବିଭିନ୍ନ କାର୍ଯ୍ୟ କରାଇବା, ସରକାରୀ ଅର୍ଥ ତୋଷାରପାତ, ୱାର୍ଡ ସଭ୍ୟାସଭ୍ୟଙ୍କୁ ଦୁର୍ବ୍ୟବହାର, ଆଲୋଚନା ନ କରି ପଞ୍ଚାୟତ ବିବରଣୀ ଖାତାରେ ଦସ୍ତଖତ କରାଇନେବା ଭଳି ୱାର୍ଡ ସଭ୍ୟାସଭ୍ୟମାନେ ଅଭିଯୋଗ ଆଣିଛନ୍ତି। ଦୀର୍ଘ ଦିନ ଧରି ଏହି କାର୍ଯ୍ୟ ଚାଲୁଥିବାରୁ ପଞ୍ଚାୟତ ବୈଠକକୁ ୱାର୍ଡ ସଭ୍ୟାସଭ୍ୟମାନେ ବର୍ଜନ କରିଆସୁଥିଲେ। ଅଭିଯୋଗପତ୍ରରେ ନାଏବ ସରପଞ୍ଚ ବିଜୟ କୁମାର ନାୟକ, ୱାର୍ଡ ସଭ୍ୟ ବିଜୟ କୁମାର ସାହୁ, ମାଧବ ନାୟକ, ବସନ୍ତ ବେହେରା, ପ୍ରମୋଦ କୁମାର ଦାସ, ବାସୁଦେବ ସାହୁ, ପ୍ରସନ୍ନ କୁମାର ଭୂୟାଁ, ବାଉରିବନ୍ଧୁ ସାହୁ, ରାମକୃଷ୍ଣ ଦଳାଇ, ୱାର୍ଡ ସଭ୍ୟା ଚାରୁଲତା ସାହୁ, ଲିଲିବାଳା ସାହୁ, ବାସନ୍ତୀ ବେହେରା, ଶାନ୍ତିଲତା ବାରିକ, ରେବତି ବେହେରା, ଗେଲି ଦେଈ, ମାନିନୀ ପୃଷ୍ଟି, ପ୍ରିୟା ମଲିକ, ମୁକ୍ତା ସାହୁ ପ୍ରମୁଖ ସ୍ୱାକ୍ଷର କରି ଉପଜିଲାପାଳଙ୍କ ସମେତ ରଣପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ବିଡିଓ ମନୋଜ କୁମାର ନାୟକଙ୍କୁ ପଚାରିବାରୁ କହିଛନ୍ତି ଯେ, ୱାର୍ଡ ସଭ୍ୟାସଭ୍ୟମାନେ ଆଣିଥିବା ଅଭିଯୋଗ ଉପରେ ତଦନ୍ତ କରିବା ପାଇଁ ଅତିରିକ୍ତ ବିଡିଓ ଏବଂ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏନେଇ ସରପଞ୍ଚ ସେନାପତିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସିଆଇଟିୟୁ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ସିଆଇଟିୟୁ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

୧୦ଘଣ୍ଟା ପରିବର୍ତ୍ତେ ଦୈନିକ ୮ଘଣ୍ଟା କାର୍ଯ୍ୟ କରିବା ଦାବିରେ ମଙ୍ଗଳବାର ସିଆଇଟିୟୁ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ୮ଘଣ୍ଟା ପରିବର୍ତ୍ତେ ୧୦ଘଣ୍ଟା କାମ କରିବାକୁ ରାଜ୍ୟ ସରକାରଙ୍କ ଘୋଷଣାନାମା ଏକପ୍ରକାର ହାସ୍ୟାସ୍ପଦ। ଏହା ଦ୍ୱାରା ସାଧାରଣ ଜନତା, କର୍ମଜୀବୀ ମହିଳା ପ୍ରଭାବିତ ହେବେ। ସରକାର ଏହାର ତର୍ଜମା କରନ୍ତୁ, ନ ହେଲେ ଆଗାମୀ ଦିନରେ ସିଆଇଟିୟୁ ପକ୍ଷରୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଦିପ୍ତ ନାୟକ, ରମେଶ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ରୀ, ଗିରିଶ ମହାରଣା, ଶୈଳେଶ ବଳିୟାରସିଂହ, ଶ୍ରମିକ ନେତା ଅନନ୍ତ ମଙ୍ଗରାଜ ପ୍ରମୁଖ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ।

# ନୂତନ ପ୍ରଧାନଶିକ୍ଷକଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୧୪।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଯୋଗଦେଇଥିବା ନୂତନ ପ୍ରଧାନଶିକ୍ଷକ ଦିବାକର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଶିକ୍ଷାବିତ୍ ମୀର ରହେମତ ଅଲ୍ଲୀ, ପରିଚାଳନା କମିଟି ସଭାପତି ମନ୍ମଥ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ନୂତନ ପ୍ରଧାନଶିକ୍ଷକ ସାହୁଙ୍କୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୃହରକ୍ଷୀ ପ୍ରିୟରଞ୍ଜନଙ୍କ ପରଲୋକ

ବେଗୁନିଆ,୧୪।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତର ପ୍ରିୟରଞ୍ଜନ ତ୍ରିପାଠୀ(୩୦)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ଖୋର୍ଦ୍ଧାସ୍ଥିତ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୃହରକ୍ଷୀ ଭାବେ କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ ଥିଲେ। ଦୀର୍ଘ ଆଠମାସରୁ ଊର୍ଦ୍ଧ୍ୱ ହେବ ସେ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ଗ୍ରାମକୁ ଅଣାଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଚିକିତ୍ସାଧୀନ ଆଉ ଜଣେ ଓଡ଼ିଆ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

## କେରଳରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣା

ଟାଙ୍ଗୀ,୧୪।୧୦ (ରଘୁନାଥ ସାହୁ)

କେରଳ କୁର୍ନୁଲ ଜିଲାରେ ଗତ ୧୦ ତାରିଖରେ ଘଟିଥିବା ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଆଉ ଜଣେ ଓଡ଼ିଆ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ଅଞ୍ଚଳର ନିଗମ ବେହେରା। ସୂଚନାଥାଉ କି, ଚିଲିକାରୁ ମାଛ ଉତ୍ପାଦନ କମିବାରୁ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ବାଲିପାଟପୁର, ଭୁଷଣ୍ଡପୁର ଆଦି ଅଞ୍ଚଳର ବହୁ ମତ୍ସ୍ୟଜୀବୀ କାମ ନ ପାଇ ଦାଦନ ଶ୍ରମିକଭାବେ ବିଭିନ୍ନ ରାଜ୍ୟକୁ ଯାଇଛନ୍ତି। ସେହିପରି ବାଲିପାଟପୁର ଗ୍ରାମର ନିଗମ ବେହେରା, ଶିବ ବେହେରା ଏବଂ ସୁବାସ କେରଳର କୁର୍ନୁଲ ଜିଲାରେ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରୁଥିଲେ। ଗତ ୧୦ତାରିଖରେ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ହଠାତ୍ ଫାଟିଯିବାରୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ନିକଟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଗତ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ସୁବାସଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ନିଗମଙ୍କ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ଉଭୟଙ୍କ ମୃତ୍ୟୁ ଘଟିଛି ବୋଲି ପରିବାରଲୋକେ ଅଭିଯୋଗ ଆଣିଛନ୍ତି।

# ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ ଉଦ୍‌ଘାଟିତ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ ମଙ୍ଗଳବାର ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ନଳିନୀକାନ୍ତ ମହାରଣା ନୂତନ କାର୍ଯ୍ୟାଳୟ ଗଠନର ଆଭିମୁଖ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏସ୍‌ପି ଶର୍ମା ନୂତନ ଦଣ୍ଡ ସମ୍ବନ୍ଧୀୟ ଆଇନ, ଅଡିଓ ଭିଡିଓ ସାକ୍ଷ୍ୟ ପ୍ରଣାଳୀ, ଇ-ସାକ୍ଷ୍ୟ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସ(ଏଆଇ) ଦ୍ୱାରା ସରକାରୀ ପ୍ରଣାଳୀର ପରିବର୍ତ୍ତନ ବିଷୟରେ କହିଥିଲେ। ଅଭିଯୋଜନ ନିର୍ଦ୍ଦେଶାଳୟ ଏବଂ ପୋଲିସ ବିଭାଗ ମଧ୍ୟରେ ସମନ୍ୱୟ, ସହଭାଗିତାରେ ଉଚ୍ଚ ଦଣ୍ଡାଦେଶ ହାର ବୃଦ୍ଧି ଦିଗରେ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସହାୟକ ନିର୍ଦ୍ଦେଶକ ଲୋପାମୁଦ୍ରା ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖୋର୍ଦ୍ଧା କୋର୍ଟର ଅତିରିକ୍ତ ସ୍ୱତନ୍ତ୍ର ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପ୍ରଭାତ କୁମାର ନିଶଙ୍କ, ସୁଶାନ୍ତ ରାୟ, ବିଭୁ ପ୍ରସାଦ ମଙ୍ଗରାଜ, ମନୋରଞ୍ଜନ ପଣ୍ଡା, ମୀରାଞ୍ଜଳି ସାମନ୍ତରାୟ, ଅନିଲ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟକୁ ଏସ୍‌ପି ବିବେକାନନ୍ଦ ଶର୍ମା ଉଦ୍‌ଘାଟନ କରୁଛନ୍ତି।

# ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ

ବେଗୁନିଆ,୧୪।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ୍ ସିକୋ ଗ୍ରାମସ୍ଥିତ ପିଏମ୍‌ଶ୍ରୀ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଖୋର୍ଦ୍ଧା ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞାପାରମିତା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବେଗୁନିଆ ବ୍ଲକ୍ ଶିକ୍ଷାଧିକାରୀ ଭାସ୍କର ଲେଙ୍କା, ସିକୋ ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି ଅରବିନ୍ଦ ରାୟ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମନୋଜ କୁମାର ମଙ୍ଗରାଜ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୁଦି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ର, ସମିତିସଭ୍ୟା ଅଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ଶ୍ରୀନିବାସ ରଣସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଆୟୋଜିତ ହେବାକୁଥିବା ଉକ୍ତ ପ୍ରତିଯୋଗିତାରେ ଜିଲାର ୧୦ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୫୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ଏବଂ ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୪।୧୦।୨୦୨୫

| ୧୨,୧୩,୧୫୪ ଟଙ୍କା | |
|---|---|
| ସୁନା | ୨.୩୫୦ ଗ୍ରାମ୍ |
| ରୁପା | ୯.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ଦିବା ପହୁଡ଼ ନୀତି ସମ୍ପନ୍ନ

ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ କୃଷ୍ଣ ନବମୀ ତିଥି ମଙ୍ଗଳବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ନୀତି ନିର୍ଘଣ୍ଟ ଅନୁଯାୟୀ କାର୍ତ୍ତିକ ମାସରେ ପ୍ରତିଦିନ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ହେବା କଥା, ମାତ୍ର ଭକ୍ତଙ୍କ ଗହଳି କାରଣରୁ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ହୋଇପାରୁ ନ ଥିଲା। ତେଣୁ ମଙ୍ଗଳବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ ହୋଇ ବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟା ୩୦ରେ ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ସନ୍ଧ୍ୟା ୬ଟା ୩୦ରେ ଦିବା ପହୁଡ଼ ଦ୍ୱାର ଫିଟା ଯାଇଥିଲା। ପରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତୀ ନୀତି ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଦିବା ପହୁଡ଼ ସମୟରେ ମହାପ୍ରଭୁଙ୍କ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ଼ ନୀତି ସରିବା ପରେ ପୁନର୍ବାର ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

### ଯୁବକଙ୍କୁ ହାତୁଡ଼ିରେ ମରଣାନ୍ତକ ଆକ୍ରମଣ

ଯୋଗେଶ୍ୱରପୁର,୧୪।୧୦(ରଶ୍ମିରଞ୍ଜନ ସାହୁ)

ଯୁବକଙ୍କ ମୁଣ୍ଡକୁ ହାତୁଡ଼ିରେ ଆକ୍ରମଣ କରିଥିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଗୁରୁତର ଯୁବକ ଜଣଙ୍କ ହେଲେ ନରସିଂହପୁର ଶାସନ ଗ୍ରାମର ଅମର ପ୍ରସାଦ ମାଳତୀ(୨୨)। ତାଙ୍କୁ ସ୍ଥାନୀୟ ଲୋକେ ମେଡିକାଲ୍‌ରେ ଭର୍ତ୍ତି କରିଛନ୍ତି। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ଛକରେ ମାନସ ପ୍ରଧାନଙ୍କ ଗ୍ୟାରେଜ୍‌ରେ ନରସିଂହପୁର ଶାସନ ଗ୍ରାମର ଅମର ପ୍ରସାଦ ମାଳତୀ କାମ କରନ୍ତି। ଅମର ମଙ୍ଗଳବାର ସନ୍ଧ୍ୟାରେ ଗ୍ୟାରେଜ୍‌ରେ କାମ କରୁଥିବା ବେଳେ ଖଣିଜିପୁର ପ୍ରଧାନସାହି ଗ୍ରାମର କେଦାର ନାୟକ କୌଣସି କାରଣରୁ ତାଙ୍କୁ ଗାଳିଗୁଲଜ କରିବା ସହ ସାଥିରେ ନେଇଥିବା ହାତୁଡ଼ିରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଏନେଇ ଗ୍ୟାରେଜ୍ ମାଲିକ ମାନସ ପ୍ରଧାନ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୁକ୍ତ ଗିରଫ ଥିବା ଜଣାପଡ଼ିଛି।

### ପରିବାର ସହ କୋଣାର୍କ ବୁଲି ଆସିଥିବା ବୃଦ୍ଧ ଦମ୍ପତି ନିଖୋଜ

କୋଣାର୍କ,୧୪।୧୦(ଜ୍ୟୋତିରାଜ ମହାନ୍ତି)

ପରିବାର ସହ ମଙ୍ଗଳବାର ପୂର୍ବାହ୍ନରେ କୋଣାର୍କ ବୁଲିବାକୁ ଆସିଥିବା ଅନୁଗୁଳ ଜିଲା ଖମାର ଥାନା ଅନ୍ତର୍ଗତ ବରକଳାପାଳ ଗ୍ରାମର ଦଶୁର ପ୍ରଧାନ ଓ ବୁଧେଇ ପ୍ରଧାନ ନିଖୋଜ ହୋଇଛନ୍ତି। ଏ ସମ୍ପର୍କରେ ତାଙ୍କ ପୁଅ ଭୁବନ ପ୍ରଧାନ ଓ ବୋହୂ ସୁମିତ୍ରା ସାହୁ କୋଣାର୍କ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବୃଦ୍ଧ ଦମ୍ପତି ନିଜ ପୁଅବୋହୂ ଓ ସମ୍ପର୍କୀୟଙ୍କ ସହ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ସାରି ବାହାରକୁ ଆସିବା ବେଳେ ପୁଅ ବୋହୂ ଓ ସମ୍ପର୍କୀୟ ବୃଦ୍ଧ ଦମ୍ପତିଙ୍କୁ ପାଇ ନ ଥିଲେ। ପୁଅବୋହୂ କୋଣାର୍କର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବାପା-ମାଙ୍କୁ ନ ପାଇ ନିରାଶ ହୋଇ କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। ସମ୍ପର୍କୀୟଙ୍କୁ ନପାଇ ବୃଦ୍ଧ ଦମ୍ପତି ବସ୍‌ରେ ପୁରୀ ପଳାଇଥିବା ସନ୍ଦେହ କରି ସମ୍ପର୍କୀୟମାନେ ପୁରୀରେ ଖୋଜାଖୋଜି କରିବାକୁ ଯାଇଥିଲେ। କୋଣାର୍କ ପୋଲିସ ନିଖୋଜ ଦମ୍ପତିଙ୍କ ସମ୍ପର୍କରେ ବିଭିନ୍ନ ଥାନାକୁ ଜଣାଇଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟଙ୍କ କୌଣସି ସନ୍ଧାନ ମିଳିପାରି ନ ଥିଲା। ଯଦି କୌଣସି ସହୃଦୟ ବ୍ୟକ୍ତି ନିଖୋଜ ଦମ୍ପତିଙ୍କ ସନ୍ଧାନ ପାଇଲେ, କୋଣାର୍କ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି।

# ଶ୍ରଦ୍ଧାଳୁଙ୍କ ଦର୍ଶନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

- ଅଁଳା ନବମୀ ଯାତ୍ରା ନେଇ ଅନୁଧ୍ୟାନ କଲେ ବିଧାୟକ
- ଭଙ୍ଗାଗଲା ବିପଦଶଙ୍କୁଳ କୋଠା, ହେବ ଅସ୍ଥାୟୀ ଗୋଶାଳା

ସାକ୍ଷୀଗୋପାଳ,୧୪।୧୦(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଁଳା ନବମୀ ଯାତ୍ରା ନେଇ ସମୀକ୍ଷା କରୁଛନ୍ତି।

ସାକ୍ଷୀଗୋପାଳରେ ଅଁଳାନବମୀ ଯାତ୍ରା ସୁପରିଚାଳନା ନିମନ୍ତେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମଙ୍ଗଳବାର ସାକ୍ଷୀଗୋପାଳ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି। ବର୍ଷକୁ ଗୋଟିଏ ଦିନ ଶ୍ରୀରାଧା ପାଦ ଦର୍ଶନ ଅପୂର୍ବ ସୁଯୋଗରେ ସମବେତ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଓ ସୁବିଧାରେ ଦର୍ଶନ ପାଇଁ ବିଧାୟକ ଗୁରୁତ୍ୱାରୋପ କରିଛନ୍ତି। ସାହାଣମେଳା ଦର୍ଶନ ପ୍ରତି ବିଭାଗୀୟ ଅଧିକାରୀ, ପୋଲିସ ଅଧିକ ଯତ୍ନଶୀଳ ହେବାକୁ ସେ ନିର୍ଦ୍ଦେଶ ଦେଇଥିବା ବେଳେ ମନ୍ଦିର ସେବାୟତଙ୍କର ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ମଧ୍ୟରେ ମନ୍ଦିର ପାର୍ଶ୍ୱରେ ରହିଥିବା ଶ୍ରୀରାମ ମନ୍ଦିର ସଂଲଗ୍ନ ବିପଦଶଙ୍କୁଳ କୋଠା ଭଙ୍ଗା କାମ ଏବଂ ଏମାରମଠ ପୁରୁଣା କୋଠା, ସାଧାରଣ ଭକ୍ତଙ୍କର ପ୍ରବେଶ, ପ୍ରସ୍ଥାନ, ମନ୍ଦିର ଗର୍ଭଗୃହରେ ଠାକୁରଙ୍କ ଦର୍ଶନ, ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ମହୋତ୍ସବ ପଡ଼ିଆ, ପାର୍କିଂ, ବିଶ୍ରାମସ୍ଥଳ ସହିତ ବୁଲା ଗୋରୁଗାଈ, ଷଣ୍ଢମାନଙ୍କ ପାଇଁ ନିର୍ମାଣ ହେବାକୁ ଥିବା ଅସ୍ଥାୟୀ ଗୋଶାଳା ସ୍ଥଳ ବିଧାୟକ ଅଧିକାରୀ, ସେବାୟତ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କ ସହ ବୁଲି ଦେଖିଥିଲେ। ସେହିପରି ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଜମି ଓ ରାସ୍ତାକୁ ମାଡ଼ି ରହିଥିବା ଦୋକାନ ବଜାର ଗୁରୁବାର ସୁଦ୍ଧା ଖାଲି କରିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇଥିଲା। ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା, ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପ୍ରଧାନ, ଅରୁଣ କୁମାର ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ସେବାୟତ ସଂଘ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, ସେବାୟତ ଉମେଶ ଚନ୍ଦ୍ର ନନ୍ଦ, ଶ୍ୟାମସୁନ୍ଦର ମହାପାତ୍ର, ସଞ୍ଜୟ କୁମାର ନନ୍ଦ ପ୍ରମୁଖ ଅନୁଧ୍ୟାନ ସମୟରେ ଉପସ୍ଥିତ ଥିଲେ।




ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସଂଗୋଷ୍ଠୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୨୫ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

- ଗୋପ ମହାବିଦ୍ୟାଳୟରେ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ଘଟଣା
- ମିଳିମିଶି ଚାପି ଦେବା ଅଭିଯୋଗ

ଗୋପ,୧୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଅଧ୍ୟାପିକାଙ୍କୁ କମନ ରୁମ୍‌ରେ ଜଣେ ଯୁବ ଅଧ୍ୟାପକ ଦୁର୍ବ୍ୟବହାର କରିବା ଭଳି ଅଭିଯୋଗକୁ ଦୀର୍ଘ ୨୫ ଦିନ ବିତିଥିଲେ ମଧ୍ୟ ଗୋପ ମହାବିଦ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କଲେଜ ପରିଚାଳନା କମିଟି, ଆଭ୍ୟନ୍ତରୀଣ କମିଟି ସହିତ ଆଉ କେତେଜଣ ବ୍ୟକ୍ତି ମିଳିମିଶି ଚାପି ଦେବା ଭଳି ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ ଏବେ କଲେଜକୁ ଛାତ୍ରୀଛାତ୍ରମାନେ ଆସୁ ନ ଥିବା ଭଳି ଅଭିଯୋଗ ଥିବାବେଳେ କଲେଜ ଅଧ୍ୟକ୍ଷା ଏପରି ଏକ ପ୍ରସଙ୍ଗରେ ପଚାରିବାରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇଥିବା କହିବା ସହ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ।

ପ୍ରକାଶ ଯେ, ଗୋପ ମହାବିଦ୍ୟାଳୟ ଏକ ପୁରାତନ ମହାବିଦ୍ୟାଳୟ ଭାବରେ ଖ୍ୟାତି ଅର୍ଜନ କରିଥିବା ବେଳେ ଏହି ମହାବିଦ୍ୟାଳୟଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଯେଉଁଠି ଅଧ୍ୟାପକ ଅଧ୍ୟାପିକାମାନେ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ଚରିତ୍ର ଗଠନ କରିବା ପରିବର୍ତ୍ତେ ନିଜେ ବିଭିନ୍ନ ଘଟଣାରେ ଛନ୍ଦି ହେବା ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେପ୍ଟେମ୍ବର ୨୦ ତାରିଖ ଦିନ କଲେଜ କମନ ରୁମ୍‌ରେ ଆଇନ ବିଭାଗର ଜଣେ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ଜଣେ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗ କଲେଜ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ନିକଟରେ ହୋଇଥିଲା। ଅଧ୍ୟକ୍ଷା ପଣ୍ଡା ଏହାକୁ ହାଲ୍‌କା ଭାବରେ ନେବା ସହ ଆଭ୍ୟନ୍ତରୀଣ କମିଟିକୁ ଏହା ବୁଝିବା ପାଇଁ କହିଥିଲେ। ମାତ୍ର ଏପରି ଏକ ଘଟଣା ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସମ୍ପୃକ୍ତ ଦଳିତ ଅଧ୍ୟାପିକାଙ୍କ ମା' ସେପ୍ଟେମ୍ବର ୨୪ ତାରିଖରେ ଝିଅ ମାନସିକ ସ୍ଥିତି ଠିକ ନ ଥିବା ସମ୍ପୃକ୍ତ ଯୁବ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନେଇ ମଧ୍ୟ ଆଉ ଏକ ଅଭିଯୋଗ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କୁ ଦେଇଥିଲେ। ପରେ କଲେଜ କର୍ତ୍ତୃପକ୍ଷ, ପରିଚାଳନା କମିଟି, ଆଭ୍ୟନ୍ତରୀଣ କମିଟି ଅଧ୍ୟାପିକାଙ୍କ ଉପରେ ଚାପ ସୃଷ୍ଟି କରିବା ଫଳରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମିଳିମିଶି ଚାପି ଦେଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ରାଜକିଶୋର ଜେନାଙ୍କ ମତାମତ ପାଇଁ ଫୋନ ଲଗାଇଥିଲେ ମଧ୍ୟ ଉପଜିଲାପାଳ ଫୋନ ଉଠାଇ ନ ଥିଲେ। ଏହି ଅଭିଯୋଗକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦୃଷ୍ଟିଦେବାକୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ମଧ୍ୟ ଦାବି କରାଯାଇଛି।

# ୮ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

ନିମାପଡ଼ା/ଗୋପ,୧୪।୧୦(ବିଚିତ୍ରାନନ୍ଦ ସାହୁ/ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ମଙ୍ଗଳବାର ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଛକ ନିକଟରେ ଅଚାନକ ଚଢ଼ାଉ କରି ୮ କେଜି ଗଞ୍ଜେଇ ଜବତ କରିବା ସହ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୮ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ନିମାପଡ଼ା ଅବକାରୀ ରେଞ୍ଜ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଗିରଫ ଚୋରା ଗଞ୍ଜେଇ ବ୍ୟବସାୟୀ ଜଣଙ୍କ ହେଲେ ଗୋପ ଥାନା ଅନ୍ତର୍ଗତ ଶଙ୍ଖାରିଆ ଗ୍ରାମର ଅକ୍ଷୟ ବେହେରା। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କେସ୍ ନମ୍ବର ୬୨/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ ସେଠୀ, ନିମାପଡ଼ା ଅବକାରୀ ଥାନା ଏଏସଆଇ ସନ୍ତୋଷ କୁମାର ମହାରଣା, ଏସ୍ କେ. ୱାରିଶ, ତପନ ପ୍ରଧାନ, ଫିରୋଜ ମହାନନ୍ଦିଆ, ସବିତା ସାହୁ ଓ ସ୍ୱାଗତିକା ଘଡ଼େଇ ପ୍ରମୁଖ ସାମିଲ ହୋଇଥିଲେ।

# ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ

କଣାସ,୧୪।୧୦(ବିଭୂତି ଭୂଷଣ ତ୍ରିପାଠୀ)

ଶୀତ ଋତୁ ଆସିଲେ ଚିଲିକାକୁ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସ୍ଥାନ ଜମାଇବା ବେଳେ ଶୀତ ଋତୁର ପ୍ରତ୍ୟାବର୍ତ୍ତନ ପରେ ନିଜ ଦେଶକୁ ଫେରିଯାଆନ୍ତି। ବର୍ତ୍ତମାନ ଅନେକ ବିଦେଶୀ ପକ୍ଷୀ ଚିଲିକାକୁ ଆସି ଖାଦ୍ୟ ଖାଇବା ପାଇଁ ଆସ୍ଥାନ ଜମାଉଥିବା ବେଳେ ଧାନଜମିରେ ପୋକଜୋକ ଖାଇବା ପାଇଁ ବୁଲୁଥିବା ଦେଖିବାକୁ ମିଳୁଛି। ପକ୍ଷୀମାନଙ୍କ ସୁରକ୍ଷା ଚିଲିକାରେ କଡ଼ାକଡ଼ି ହୋଇଥିବା ବେଳେ ଉତ୍ତରନାଶୀରେ ସୁରକ୍ଷା ଢିଲା ଥିବାରୁ ପ୍ରତି ବର୍ଷ ବାହାର ଶିକାରୀମାନେ ବିଦେଶୀ ପକ୍ଷୀମାନଙ୍କୁ ଶିକାର କରି ନିର୍ଭୟରେ ଖସି ଯାଇଥାନ୍ତି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚିଲିକା ଉତ୍ତରନାଶୀରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରିବାକୁ ପକ୍ଷୀପ୍ରେମୀମାନେ ଦାବି କରିଛନ୍ତି।

# ନିମାପଡ଼ାରେ ଗୋ-ଶାଳା ନିର୍ମାଣ ପାଇଁ ଜମି ଚିହ୍ନଟ

ନିମାପଡ଼ା,୧୪।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାରେ ବୁଲା ଗୋରୁ ସୁରକ୍ଷିତ ଭାବେ ରହିବା ପାଇଁ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ଗୋଶାଳା ନିର୍ମାଣ ହେବାକୁ ପରିକଳ୍ପନା କରାଯାଇଛି। ଏହି ବହୁପ୍ରତିକ୍ଷୀତ ଗୋଶାଳା ନିର୍ମାଣ ପାଇଁ ଇତିମଧ୍ୟରେ ଜମି ଚିହ୍ନଟ ହୋଇଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏନ୍‌ଏସିର ୧ନଂ. ୱାର୍ଡର କିଆକଣ୍ଟା ଗ୍ରାମ ନିକଟରେ ଏହି ନୂତନ ଗୋଶାଳା ନିର୍ମାଣ ହେବାର ଯୋଜନା ହୋଇଥିବା ବେଳେ ଏଥିପାଇଁ ୨ ଏକର ଜମି ଚିହ୍ନଟ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ୨ ଏକର ଜମିରେ ନିର୍ମିତ ଗୋଶାଳାରେ ୧୦୦ ଗୋରୁଗାଈ ରହିବାର ବ୍ୟବସ୍ଥା କରାଯିବ। ଗୋରୁଗାଈଙ୍କ ଖାଇବା ନିମନ୍ତେ କୁଣ୍ଡ, ଖାଦ୍ୟ ସାମଗ୍ରୀ ମହଜୁଦ ରହିବା ପାଇଁ ଗୋଦାମ ଗୃହ, ଚର୍ତୁପାର୍ଶ୍ୱରେ ପ୍ରାଚୀର ବ୍ୟବସ୍ଥା ସମେତ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ରହିବ। ଏହି ନୂତନ ଗୋଶାଳା ନିର୍ମାଣ କରାଯିବା ପାଇଁ ପୁରୀ ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଇତିମଧ୍ୟରେ ଚିଠି ଆସିଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ସୂଚନା ଦେଇଛନ୍ତି।

ନିମାପଡ଼ାରେ ବହୁପ୍ରତିକ୍ଷିତ ଏହି ନୂତନ ଗୋଶାଳା ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୀର୍ଘଦିନ ହେଲା ପରିକଳ୍ପନା କରିଥିବାବେଳେ ଏ ଦିଗରେ ଜୋର୍‌ଦାର ଭାବେ ଉଦ୍ୟମ ଓ ପ୍ରୟାସ ଚଳାଇଛନ୍ତି। ଏହି ଗୋଶାଳା ନିର୍ମାଣ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ପୌରବାସୀଙ୍କ ଦାବି ଓ ପୌରାଞ୍ଚଳରେ ବୁଲା ଗୋରୁଙ୍କ ସମସ୍ୟାକୁ ପାଥେୟ କରି ଓ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିମାପଡ଼ାରେ ନୂତନ ଗୋଶାଳା ନିର୍ମାଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରିକଳ୍ପନା କରି ଏ ଦିଗରେ ବିହିତ ପଦକ୍ଷେପ ନେଇଛନ୍ତି। ଯଥାଶୀଘ୍ର ଏହି ନୂତନ ଗୋଶାଳା ନିର୍ମାଣ ପାଇଁ ଓ ଏଥିପାଇଁ ଆବଶ୍ୟକ ଅନୁଦାନ ବ୍ୟବସ୍ଥା କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରୟାସ ଓ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଏହି ନୂତନ ଗୋଶାଳା ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିବା କଥା ଜଣାପଡ଼ିବା ପରେ ପୌରବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଏଭଳି ପ୍ରୟାସ ଓ ଉଦ୍ୟମକୁ ପୌରବାସୀ ସାଧୁବାଦ ଜଣାଇଛନ୍ତି। ନିମାପଡ଼ା ପୌରାଞ୍ଚଳରେ ବୁଲା ଗୋରୁମାନଙ୍କ ପ୍ରାଦୁର୍ଭାବ, ବୁଲା ଗୋରୁମାନେ ମୁଖ୍ୟ ରାସ୍ତାରେ ରାସ୍ତା ଅବରୋଧ କରି ଶୋଇରହିବା ଯୋଗୁ ଯାନବାହାନ ଚଳାଚଳ ଓ ସାଧାରଣ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଥିବାବେଳେ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି।

ହିତାଧିକାରୀଙ୍କୁ ଆବାସ, ଭତ୍ତା ବାଣ୍ଟିଲେ ଏମ୍‌ପି

# ୧୮୫ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ, ୩୬୯ଜଣଙ୍କୁ ଭତ୍ତା ବଣ୍ଟନ

ପିପିଲି,୧୪।୧୦(ଦୁର୍ଗା ମାଧବ ମିଶ୍ର)

ପିପିଲିରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଡ. ସମ୍ବିତ ପାତ୍ର ଏବଂ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହର କାର୍ଯ୍ୟାଦେଶ ଏବଂ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ବଣ୍ଟନ କରିଛନ୍ତି। ଏହି ଅବସରରେ ମୋଟ ୧୮୫ଟି ଅନ୍ତ୍ୟୋଦୟ ଗୃହର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ବଣ୍ଟନ କରାଯିବା ସହ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ମୋଟ ୩୬୯ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏମ୍‌ପି ପାତ୍ର, ଡେଲାଙ୍ଗ-ପିପିଲି ବିଧାୟକ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବିଡିଓ ସରୋଜ ରାଉତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ସହକାରୀ କମ୍ପ୍ୟୁଟର ପ୍ରୋଗ୍ରାମର ସାରଦା ନନ୍ଦ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ, ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ। ଏଥିସହ ବିଡିଓ ସରୋଜ ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ଡବଲ ଇଞ୍ଜିନ୍ ସରକାର ଲୋକମାନଙ୍କର ସେବା କରିବାରେ ସର୍ବଦା ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ଏମ୍‌ପି ଏବଂ ବିଧାୟକ ନିଜର ଅଭିଭାଷଣ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମୋନିକା ଦାଶ ନୂତନ ଭତ୍ତା ହିତାଧିକାରୀ ଏବଂ ବ୍ଲକ ଗ୍ରାମୀଣ ଗୃହ ଯୋଜନାର ପ୍ରକଳ୍ପ ସଂଯୋଜିକା ଜୟଶ୍ରୀ ମେକାପ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଚିହ୍ନଟ ହିତାଧିକାରୀଙ୍କ ନାମ ଘୋଷଣା କରିଥିଲେ। ଏହାପରେ ଏମ୍‌ପି ଏବଂ ବିଧାୟକ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଓ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ବିଡିଓ ସରୋଜ ରାଉତ ସୁଚାରୁରୂପେ ପରିଚାଳନା କରିଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ: ୪ ଉଦ୍ଧାର

## ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ସ୍ଥାନୀୟ ଲୋକେ

ପିପିଲି, ୧୪।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲି ଥାନା ଅନ୍ତର୍ଗତ ବାଜପୋଇ ଛକ ନିକଟରେ ଏକ ବେଆଇନ ଗୋ ଚାଲାଣ କରୁଥିବା ଟାଟା ଏସିଇ ଗାଡ଼ିକୁ ସ୍ଥାନୀୟ ଲୋକେ ଜବତ କରି ପୋଲିସର ଜିମା ଦେଇଛନ୍ତି। ଏହି ଅଭିଯୋଗରେ ପୋଲିସ ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନା ଗୁଆଟୌକା ଅଞ୍ଚଳରେ ଚାଳକ ୩ଟି ବଳଦ ଓ ଗୋଟିଏ ଗାଈକୁ ଏକ ନମ୍ବରବିହୀନ ଟାଟା ଏସିଇ ଗାଡ଼ିରେ ନେଉଥିଲେ। ଏହି ସମୟରେ ବାଜପୋଇ ଛକରେ ଲୋକେ ସନ୍ଦେହ କରି ଗାଡ଼ିକୁ ଅଟକ ରଖିଥିଲେ। ପରେ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ସେଥିରେ ଥିବା ଗାଈ ଓ ବଳଦଙ୍କୁ ପୁରୀ ବାଲି ଘାଇସ୍ଥିତ ଗୁରୁକୁଳ ମଠକୁ ସ୍ଥାନାନ୍ତର କରାଯାଇଥିଲା।

# ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟାଦେଶ, ଭତ୍ତା ଓ ରାଶନକାର୍ଡ ବଣ୍ଟନ




ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ଏମ୍‌ପି ଡ. ସମ୍ବିତ ପାତ୍ର।

କଣାସ,୧୪।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ସମ୍ମୁଖ ଶହୀଦ୍ ପୀଠରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ଦ୍ୱାରା ୨୪୮ଟି ଅନ୍ତ୍ୟୋଦୟ ଯୋଜନା ଗୃହ କାର୍ଯ୍ୟାଦେଶ ଏବଂ ୩୬୨ଟି ନୂତନ ଭତ୍ତା ପ୍ରଦାନ ଏବଂ ୮୦୦ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ବଣ୍ଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧମାନଙ୍କୁ ଅସହାୟ ଭତ୍ତା ଦେବାପାଇଁ ଗଣମାଧ୍ୟମରେ ଡିଣ୍ଡିମ ପିଟୁଥିବା ବେଳେ କଣାସ ବ୍ଲକରେ ୬୦ରୁ ୬୫ବର୍ଷ ପର୍ଯ୍ୟନ୍ତ ୩ ହଜାରରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧା ଭତ୍ତା ପାଇବା ପାଇଁ ଅନଲାଇନ୍‌ରେ ଦରଖାସ୍ତ କରିଥିବା ବେଳେ ମାତ୍ର ୩୬୨ଜଣଙ୍କୁ ଆଜି ଭତ୍ତା ବଣ୍ଟନ କରାଯାଇଥିଲା। ଏପରିକି ୭୩ ବର୍ଷର ବୃଦ୍ଧା ବର୍ତ୍ତମାନ ସୁଦ୍ଧା ଭତ୍ତା ପାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ଟାର୍ଗେଟ୍ ନ ଥିବାରୁ ମାତ୍ର ୩୬୨ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଟାର୍ଗେଟ୍ ଆସିଲେ ଅନ୍ୟମାନଙ୍କୁ ଭତ୍ତା ପ୍ରଦାନ କରାଯିବ।

# ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚାବି ପକାଇଲେ ବ୍ଲକ ଅଧ୍ୟକ୍ଷ

ସାକ୍ଷୀଗୋପାଳ,୧୪।୧୦(ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକରେ ଥିବା ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ମୋନିକା ଦାଶଙ୍କ କାର୍ଯ୍ୟାଳୟରେ ଗତ ୨ଦିନ ହେବ ଚାବି ଝୁଲୁଥିବା ଜଣାପଡ଼ିଛି। କାର୍ଯ୍ୟାଳୟରେ ଚାବି ପକାଇଛନ୍ତି ଖୋଦ୍ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା। ଉକ୍ତ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀଙ୍କୁ ଉଚିତ ବ୍ୟବହାର ପଦର୍ଶନ ନ କରିବା, ଭତ୍ତା ସଂଶୋଧନ ନିମନ୍ତେ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ାଇବା ଓ ଉକ୍ତ କାର୍ଯ୍ୟାଳୟକୁ ହିତାଧିକାରୀଙ୍କ ନିମନ୍ତେ ଆସୁଥିବା ଅର୍ଥକୁ ଠିକ୍ ପରିଚାଳନା ନ କରିବା ଯୋଗୁ ଅନେକ ସମୟରେ ଅଭିଯୋଗ ହେଉଥିଲା। ତେଣୁ ଅଧ୍ୟକ୍ଷ ପଣ୍ଡା ଏହି ସମସ୍ୟାର ସମାଧାନ ନିମନ୍ତେ ଅଧିକାରୀ ମୋନିକା ଦାଶଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଉକ୍ତ କାର୍ଯ୍ୟାଳୟ ତାଙ୍କୁ ସହଯୋଗ କରୁ ନ ଥିଲେ। ତେଣୁ ପଦକ୍ଷେପ ସ୍ୱରୂପ ସେ ସୋମବାର ଅପରାହ୍ନରେ ଚାବି ପକାଇଥିବା ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ,




ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପଡ଼ିଥିବାର ଦୃଶ୍ୟ।

ସତ୍ୟବାଦୀ ବ୍ଲକ ସାଣ୍ଡରା ପଞ୍ଚାୟତ ଜୟରାମପୁର ଗ୍ରାମର ପ୍ରଭାତ କୁମାର ସାହୁ କହିଛନ୍ତି, ତାଙ୍କ ଝିଅ ୭୫ ପ୍ରତିଶତ ଦିବ୍ୟାଙ୍ଗ। ଏଥିପାଇଁ ସେ ଉକ୍ତ ବିଭାଗ ପକ୍ଷରୁ ୧ ହଜାର ଟଙ୍କା ଭତ୍ତା ପାଉଥିଲେ। ଏବେ ତାଙ୍କ ଝିଅ ଅଧିକ ଅକ୍ଷମତା ହୋଇଯିବାରୁ ସେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୯୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ଉକ୍ତ ପ୍ରମାଣପତ୍ର ୨୦୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ କ୍ଷମତା ରହିଥିବା ବେଳେ ଯଦି ଏହା ଶୀଘ୍ର କାର୍ଯ୍ୟକାରୀ ନ ହୁଏ ତବେ ହିତାଧିକାରୀଙ୍କୁ ମିଳିବାକୁ ଥିବା ସହାୟତା ଠିକ୍ ମିଳିବନି। ତେଣୁ ଉକ୍ତ ପ୍ରମାଣପତ୍ରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦେବା ସହ ତାଙ୍କ ଝିଅ ପାଉଥିବା ଭତ୍ତାକୁ ସରକାରୀ ନିୟମ ଅନୁଯାୟୀ ୩ହଜାର ଟଙ୍କାକୁ ବଢ଼ାଇବା ପାଇଁ ଏକ ମାସ ହେଲା ଅନୁରୋଧ କରିଥିଲେ। ନୂଆସମେଶ୍ୱରପୁର ପଞ୍ଚାୟତ ସନ୍ତୋଷ କୁମାର ମିଶ୍ର (୬୫ ) ପ୍ରାୟ ଏକ ବର୍ଷ ହେବ ବାର୍ଦ୍ଧକ୍ୟଜନିତ ମଧୁବାବୁ

## ଶୀଘ୍ର ସମସ୍ୟାର ସମାଧାନ ହେବ: ବିଡିଓ

ପେନସନ ଯୋଜନାରେ ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କର ଭତ୍ତା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସତ୍ୟବାଦୀ ଭାଜପାର ପୂର୍ବତନ ସରପଞ୍ଚ ଅଶୋକ ରାଉତରାୟ କୁହନ୍ତି, ସତ୍ୟବାଦୀର ଉକ୍ତ କାର୍ଯ୍ୟାଳୟରେ ଠିକ୍ ଭାବେ କୌଣସି କାର୍ଯ୍ୟ ହେଉ ନ ଥିବାରୁ ହିତାଧିକାରୀମାନେ ବହୁ ଅସୁବିଧାରେ ପଡୁଛନ୍ତି। ତୁରନ୍ତ ଜିଲାପାଳ ଏହି ବିଭାଗରେ ହେଉଥିବା ଅବ୍ୟବସ୍ଥାକୁ ନଜର ଦେବା ପାଇଁ ଅନୁରୋଧ କରିଛନ୍ତି। ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ କହିଛନ୍ତି, ବ୍ଲକ ଅଧ୍ୟକ୍ଷ ଯେଉଁ ପଦକ୍ଷେପ ନେଇଛନ୍ତି, ତାହାକୁ ମୁଁ ଗୁରୁତ୍ୱର ସହ ନେଇଛି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହେବା ସହ ଆଗକୁ ଆଉ ଏଭଳି ପରିସ୍ଥିତି ଯେଭଳି ସୃଷ୍ଟି ନ ହୁଏ ସେଥିପାଇଁ ଉକ୍ତ ବିଭାଗ ଅଧିକାରୀ ମୋନିକା ଦାଶଙ୍କୁ ଅବଗତ କରାଇଛି।

## ଚୋରା ମଦ ସହ ୧୩ ଲକ୍ଷ ଟଙ୍କା ଜବତ: ଜଣେ ଗିରଫ

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଥାନା ପୋଲିସ ଶ୍ରୀରାମ ତାଡପଡ଼ା ଗ୍ରାମର ଏକ ଘରେ ଚଢ଼ାଉ କରି ସୋମବାର ରାତିରେ ୧୧ ଲିଟର ଚୋରା ମଦ ଓ ୧୩ ଲକ୍ଷ ଟଙ୍କା ଜବତ କରିଛି। ଚୋରା ମଦ ବିକ୍ରି ଅଭିଯୋଗରେ ସେହି ଗ୍ରାମର ସୁମନ ଭୋଇଙ୍କୁ ମଙ୍ଗଳବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ୧୪ ଟି ଅବକାରୀ ମାମଲା ଏହି ଥାନାରେ ରହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୧୫୮/୨୫) ରୁଜୁ ହୋଇଛି।

**ସଂକ୍ଷେପରେ**

## ୪୮ ଘଣ୍ଟା ପରେ ନିଖୋଜ ବାଳକଙ୍କ ମୃତଦେହ ଜବତ

**ସିଡୁଆ ନଦୀରେ ଗାଧୋଇବା ବେଳେ ୨ ବାଳକ ଭାସିଯିବା ଘଟଣା**

କଟକ ସଦର,୧୪।୧୦(ସୁଶାନ୍ତ କୁମାର ଜେନା)

କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ କଳପଡ଼ା ପଞ୍ଚାୟତ ବସନ୍ତକୁଣ୍ଡଳ ଗ୍ରାମ ନିକଟ ସିଡୁଆ ନଦୀରେ ରବିବାର ସକାଳେ ୨ ବାଳକ ଗାଧୋଇବା ପାଇଁ ଯାଇଥିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ଜଣଙ୍କର



ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିଲେ। ନିଖୋଜ ବାଳକ ସାଇଶୁଭମ୍ ବାରିକ (୧୪)ଙ୍କ ମୃତଦେହ ୪୮ ଘଣ୍ଟା ପରେ ଜଗତ୍‌ସିଂହପୁର ଜିଲା ମାଛଗାଁ ନିକଟ ଦେବୀ ନଦୀରୁ ଜବତ କରାଯାଇଛି। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ରବିବାର ଅନ୍ୟ ଜଣେ ବାଳକ ଗୁରୁପ୍ରସାଦ ନାୟକ (୧୪) ମଧ୍ୟ ପାଣିରେ ଭାସି ଯାଇଥିଲେ। କିଛି ଘଣ୍ଟା ପରେ ତାଙ୍କର ମୃତଦେହ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦେଶୀ ମଦ ଜବତ: ୩ ଯୁବକ, ଜଣେ ମହିଳା ଗିରଫ

ଚୌଦ୍ୱାର/ମଙ୍ଗୁଳି–ଜଗତପୁର,୧୪।୧୦ (ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ମଙ୍ଗଳବାର ଜଣେ ଦେଶୀ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଗ୍ରାମର ସନ୍ତୋଷ ରଥ। ତାଙ୍କ ନିକଟରୁ ପୋଲିସ ୨୫ ଲିଟର ଦେଶୀ ମଦ ସହିତ ଏକ ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ ସନ୍ତୋଷ ବାଇକ୍‌ରେ ଦେଶୀମଦ ଧରି ବିରୁପା ପୋଲ ତଳେ ଠିଆ ହୋଇଥିଲେ। ଏସ୍‌ଆଇ ସମରଜ୍ୟୋତି ବିଶ୍ୱାଳ ଓ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ପୋଲିସ ହାତରେ ସେ ଧରାପଡିଥିଲେ। ସେହିପରି ବେଆଇନ ଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୨ଜଣ ଯୁବକ ଓ ଜଣେ ମହିଳାଙ୍କୁ ଚୌଦ୍ୱାର ଅବକାରୀ ବିଭାଗ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ନଖରା ଓ ମାଧପୁର ଗ୍ରାମର ଶିବରାମ ମଲିକ, ଶଙ୍କର ସେଠୀ ଓ ଡଲି ରାଉତ। ସେମାନଙ୍କଠାରୁ ଅବକାରୀ ବିଭାଗ ୧୨୦ ଲିଟର ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ୩ଟି ସ୍ଥାନରୁ ଦେଶୀ ମଦ ମିଳିଥିଲା। ଏ ନେଇ ଅବକାରୀ ବିଭାଗ ନିଜଆଡୁ ୩ଟି ପୃଥକ ମାମଲା (ନଂ. ୧୪୧,୧୪୨,୧୪୩)/୨୫ରୁଜୁ କରିଛି। ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଅଧାରୁ ପାଠ ନ ଛାଡ଼ିବାକୁ ଜିଲାପାଳଙ୍କ ଆହ୍ୱାନ

**ଜିଲାସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ, ମହକ–୨୦୨୫**

କଟକ,୧୪।୧୦(କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ କଟକ ଜିଲାସ୍ତରୀୟ ଶିଶୁ ଉତ୍ସବ 'ଉତ୍ସାହ ଓ ମହକ–୨୦୨୫' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଶିଶୁ ଥଇଥାନ କେନ୍ଦ୍ରରେ ରହୁଥିବା ପ୍ରାୟ ୨୫୦ଜଣ ଅନ୍ତେବାସୀ ଏଥିରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ପିଲାମାନଙ୍କୁ ଅଧାରୁ ପାଠ ନ ଛାଡ଼ିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପିଲାମାନେ ରାଜ୍ୟର ଭବିଷ୍ୟତ ବୋଲି କହି ସେମାନଙ୍କୁ ଉତ୍ସାହିତ କରିଥିଲେ। ପିଲାମାନଙ୍କ ମଧ୍ୟରେ ଦିବସବ୍ୟାପୀ କୁଇଜ, ଏକକ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ଓ ସମବେତ ନୃତ୍ୟ ଭଳି ବିବିଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଚିତ୍ରାଙ୍କନ କନିଷ୍ଠ ବର୍ଗରେ ଯଶୋଦା ସଦନର ସୁବାସିନୀ ରାଉତ ପ୍ରଥମ, ବସୁନ୍ଧରାର ସୋନାଲି ମୁର୍ମୁ ଦ୍ୱିତୀୟ ଓ ଏସଆଇଏସର ରିକା ପିଙ୍ଗୁଆ ତୃତୀୟ ହୋଇଥିଲେ। ବରିଷ୍ଠ ବର୍ଗରେ ସ୍ୱପ୍ନେଶ୍ୱରର ବାବୁଲା ତପନ ପ୍ରଥମ, ଏସବିକେଏର ରାନାଇ ଗୁଡୁ ଦ୍ୱିତୀୟ ଓ ଏସଆଇଏସର



ଜିଲାସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ, ମହକକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ରଶ୍ମିରେଖା ଭଦ୍ରା ତୃତୀୟ ହୋଇଥିଲେ। ସେହିପରି ବକ୍ତୃତା କନିଷ୍ଠ ବର୍ଗରେ ଉତ୍କଳ ବାଳାଶ୍ରମର ସୀମାଞ୍ଚଳ ସାହୁ ପ୍ରଥମ, ବିଶ୍ୱରଞ୍ଜନ ପ୍ରଧାନ ଦ୍ୱିତୀୟ ଓ ଯଶୋଦାର ସୁଶାନ୍ତ ପ୍ରଧାନ ତୃତୀୟ ଏବଂ ବରିଷ୍ଠ ବର୍ଗରେ ବାପୁଜୀର ଖଗେଶ୍ୱର ଦାସ ପ୍ରଥମ, ଏସଆଇଏସର ଦୀପା ପଣ୍ଡା ଦ୍ୱିତୀୟ ଓ ଆଇଆଇପିଏମର ସ୍ନିଗ୍ଧା ମହାନ୍ତି ତୃତୀୟ ହୋଇଥିଲେ। କୁଇଜ କନିଷ୍ଠ ବର୍ଗରେ ଆଇଆଇପିଏମର ସ୍ନେହଲତା ନାୟକ ପ୍ରଥମ, ମା' ବିନ୍ଧ୍ୟବାସିନୀର ମିତାଲି ସାହୁ ଦ୍ୱିତୀୟ ଓ ଯଶୋଦାର ସୁଶାନ୍ତ ପ୍ରଧାନ ତୃତୀୟ ଏବଂ ବରିଷ୍ଠ ବର୍ଗରେ ଏମବିଏସର ସ୍ଥିତପ୍ରଜ୍ଞା ପ୍ରଧାନ ପ୍ରଥମ, ସ୍ନେହଲତା ମୁଦୁଲି ଦ୍ୱିତୀୟ ଓ ଲିପ୍ସାପ୍ରଭା ଜେନା ତୃତୀୟ ହୋଇଥିଲେ। ଏକକ ସଂଗୀତ କନିଷ୍ଠ ବର୍ଗରେ ଯଶୋଦାର ବାବୁଲୁ ପ୍ରଧାନ ପ୍ରଥମ, ଏମବିଏସର ପ୍ରୀତିଛନ୍ଦା ବେହେରା ଦ୍ୱିତୀୟ ଓ ଆଇଆଇପିଏମର ସୁନିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗରେ ବାପୁଜୀର ବନ୍ଦନ ସାମଲ ପ୍ରଥମ, କେଜିଏନଏମ ଟ୍ରଷ୍ଟର ପୂର୍ଣ୍ଣିମା ଦୀକ୍ଷିତ ଦ୍ୱିତୀୟ ଓ ବାପୁଜୀର ଖଗେଶ୍ୱର ଦାସ ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିସହ ସମବେତ ନୃତ୍ୟ କନିଷ୍ଠ ବର୍ଗରେ ଆଇଆଇପିଏମ ପ୍ରଥମ ହୋଇଥିବା ବେଳେ କେଜିଏନଏମ ଦ୍ୱିତୀୟ ସ୍ୱପ୍ନେଶ୍ୱର ତୃତୀୟ ସ୍ଥାନ ଅଧିକାର କରିଥିଲା। ବରିଷ୍ଠ ବର୍ଗରେ କେଜିଏନଏମ ପ୍ରଥମ, ବସୁନ୍ଧରା ଦ୍ୱିତୀୟ ଓ ଏସଆଇଏସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସମ୍ମାନିତ ଅତିଥି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ଅତିଥି ବକ୍ତା ଶିଶୁ କଲ୍ୟାଣ ସମିତି ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷାଧିକାରୀ ସୁଭାଷିନୀ କବାଟ ଧନ୍ୟବାଦ ଦେଇଥିଲେ।



ବାଦାମବାଡ଼ି ଟ୍ରାଫିକ୍ ଛକ ସମ୍ମୁଖରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମହିଳା ବିରୋଧୀ ବୟାନ ବିରୋଧରେ ବିକ୍ଷୋଭ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ବଳିବାମନ ପୀଠର ଉନ୍ନତୀକରଣ ପାଇଁ ଶିଳାନ୍ୟାସ


ବାଳିବାମନ ପୀଠ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଉଛି।

କଟକ ସଦର,୧୪।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କୂଳ ସରିଚୁଆଁ ପଞ୍ଚାୟତ ଚାନ୍ଦୁଲି ଗ୍ରାମ ବାଳିବାମନ ପୀଠରେ ଉନ୍ନତିକରଣ ପାଇଁ ମଙ୍ଗଳବାର ଶିଳାନ୍ୟାସ କରାଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୫୦ ଲକ୍ଷ ଟଙ୍କା କାର୍ଯ୍ୟକ୍ରମର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ କଟକ ସଦର ବିଡିଓ ପ୍ରତୀକ ସାହୁ, ସହକାରୀ ଯନ୍ତ୍ରୀ ସମତା ଦେବତା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଦୁର୍ଗା ଚରଣ ମହାପାତ୍ର, ହୃଷୀକେଶ ଜେନା, ସନାତନି ସଭାପତି ସମୀର କୁମାର ପଣ୍ଡା, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଦାସ, ପ୍ରବେଶ ରାଉତ, ହୃଷୀକେଶ ଜେନା, ପ୍ରଦୀପ୍ତ ମାହାଳି, ବିଜୟ କୁମାର ରାଉତରାୟ, ସତ୍ୟଦିପ ସାହୁ, ପ୍ରଭାତ କୁମାର ଦେବତା ପ୍ରମୁଖ ଯୋଗଦେଇଥିଲେ। ସେହିପରି ପରମହଂସ ସେତୁକୁ ଉଜ୍ଜଳ ଆଲୋକିକରଣ କାର୍ଯ୍ୟକ୍ରମର ମଧ୍ୟ ବିଧାୟକ ସେଠୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ସୁରେଶ ଚନ୍ଦ୍ର ଜେନା, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ରାଧାମୋହନ ମହଲା, ଶେଷଦେବ ପଣ୍ଡା, ଦୀପକ ବେହେରା, ଶ୍ରୀକାନ୍ତ ଦାଶ, ମାନସ ପଣ୍ଡା, ମଙ୍ଗଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅପହରଣ ପରେ ବଳାତ୍କାର ମାମଲା**

କଟକ,୧୪।୧୦(କାର୍ତ୍ତିକ ସାହୁ)

କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଶୁକରପଡ଼ା ଗ୍ରାମର ଅବଦୁଲ ରଜାକ (୨୫)। ଏଥିସହ ଅଭିଯୁକ୍ତ ୫୦ ହଜାର ଟଙ୍କା ଜରିମାନା ରାଶି ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ କରି ନ ପାରିଲେ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନ ସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ଜଣକ ୧୨ ବର୍ଷିୟା ନାବାଳିକାଙ୍କୁ ଅପହରଣ କରି ନେଇ କୋରାପୁଟର ଲକ୍ଷ୍ମୀପୁରରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ସେଠାରେ ଅଭିଯୁକ୍ତ ନାବାଳିକାକୁ ବିବାହ କରିବା ସହିତ ଶାରିରୀକ ସମ୍ପର୍କ ରଖିଥିଲା। ଏହି ଘଟଣାରେ ୨୦୨୨ ମାର୍ଚ୍ଚ ୫ରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନାରେ ଏତଲା ରୁଜୁ କରାଯାଇଥିଲା। ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨୦୨୨ ମେ' ୧୫ରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏହି ମାମଲାରେ କୋର୍ଟ ଅଭିଯୁକ୍ତ ବିରୋଧରେ ୨୦୨୩ ଡିସେମ୍ବର ୨୩ରେ ଚାର୍ଜଫ୍ରେମ୍ କରିଥିଲେ। କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ମଙ୍ଗୁଳି–ଜଗତପୁର/ ଚୌଦ୍ୱାର/ ବ୍ରାହ୍ମଣଝରିଲୋ, ୧୪।୧୦(ମାନସ ସାମଲ/ ଆଶୁତୋଷ ଦାସ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଗରୁଡଗାଁ ପଞ୍ଚାୟତ ଅଧୀନ ତୁଳସୀପୁର ଆଶ୍ରମ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ଅଧୀନ ୧୪ଟି ବିଦ୍ୟାଳୟକୁ ନେଇ ହୋଇଥିବା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୧୭୦ଜଣ ଛାତ୍ରୀଛାତ୍ର ଯୋଗଦେଇ ପ୍ରଶ୍ନଉତ୍ତର, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ହସ୍ତାକ୍ଷର, ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ, ସମ୍ମାନିତ ଅତିଥି ବିଶନାହାକଣି ଜୁନିୟର କଲେଜ ଅଧକ୍ଷ ସଚିଦାନନ୍ଦ ପ୍ରଧାନ, ବରଣ୍ୟ ଅତିଥି ସିଦ୍ଧେଶ୍ୱର ବିଦ୍ୟାପୀଠ ହଳଦୀବସନ୍ତ ପ୍ରଧାନ ଶିକ୍ଷକ ଲଳିତ କୁମାର ପରିଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ସିଆର୍‌ସିସି ସିଦ୍ଧେଶ୍ୱର ତରାଇ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ଓ ପ୍ରଫୁଲ୍ଲ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରୂପ ମୁର୍ମୁ ଧନ୍ୟବାଦ ଦେଇଥିଲେ।

ଟାଙ୍ଗୀ–ଚୌଦ୍ୱାର ବ୍ଲକ ବାଲିଚତୁରୀ କ୍ଲଷ୍ଟର ଅଧୀନ ବଡସାମନ୍ତରାପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ସାହୁଙ୍କ ପୌରୋହିତ୍ୟରେ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ମାଝି, ଏବିଇଓ ଅରୁନ୍ଧତୀ ମିଶ୍ର, ଶିକ୍ଷାବିତ୍ ନାରାୟଣ ନାୟକ, ଜୟନ୍ତ ମହାପାତ୍ର, ଶରତ ଚନ୍ଦ୍ର ସାହୁ, ରଞ୍ଜନ ବଡ଼ିଆ, ପୁଷ୍ପଲତା ବଡ଼ିଆ, ପରିଚାଳନା କମିଟି ସଭାପତି ନରେନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ଶିକ୍ଷକ ମଳୟ କୁମାର ଦାସ, ଅଖିଳ ପାଣିଗ୍ରାହୀ, ବାସୁଦେବ ସାହୁ, ଶେଖର ରାଉତ, ବର୍ଷା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନସ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ବାରଙ୍ଗ ବ୍ଲକ ଶହୀଦ ସ୍ମୃତି ନୋଡାଲ ଉପ୍ରା ବିଦ୍ୟାପୀଠ ବିଶିପଦାଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶିପଦା ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ରାୟଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରକରା ସରପଞ୍ଚ ଅଶୋକ କୁମାର ପାତ୍ର, ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଭୋଇ, ମୋ ସ୍କୁଲ ଆଲୁମିନି ସଭାପତି ନରୋତ୍ତମ ପାତ୍ର, ଶହୀଦ ସ୍ମୃତି ନୋଡାଲ ଉପ୍ରା ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନ, ସହକାରୀ ଶିକ୍ଷକ, କୈଳାଶ ବେଉରା, ପ୍ରିୟଙ୍କା ରାଉତରାୟ, ସନ୍ଦିପା ନାୟକ, ଲକ୍ଷ୍ମୀପ୍ରିୟା ମଲ୍ଲିକ ଏବଂ ମାନସ ମଲ୍ଲିକ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସାଇଁସୋ ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଉପ୍ରା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ଟି ବିଦ୍ୟାଳୟର ୧୦୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୋଲେଖ ବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଇଁସୋ ସରପଞ୍ଚ ସରୋଜ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନୀତା କୁମାରୀ ପ୍ରଧାନ, ଅତିଥି ଶିକ୍ଷକ ସନାତନ ମୁଣ୍ଡା, ସୟଦରଫତ ଆଲମ, ଇନାମମୁଦ୍ଦିନ ଖାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମମତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୫ ଫୁଟ ଲମ୍ବର ଅଜଗର ଉଦ୍ଧାର

ଖୁଣ୍ଟୁଣୀ,୧୪।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଗରିଆ ରାଧାଶ୍ୟାମପୁର ଗ୍ରାମ ନିକଟରେ ଥିବା ଏକ କାରଖାନା ମୁଖ୍ୟ ଫାଟକ ସମ୍ମୁଖରୁ ମଙ୍ଗଳବାର ସକାଳେ ଏକ ୧୫ ଫୁଟ ଲମ୍ବ ଅଜଗରକୁ ଲୋକେ ଦେଖିଥିଲେ। ଅଜଗର ଜଙ୍ଗଲ ଜନ୍ତୁ ଖାଇ ଦେଇଥିବାରୁ ଆଉ ଯାଇ ନ ପାରି କାରଖାନା ଫାଟକ ଆଗରେ ପଡି ରହିଥିଲା। ଖବର ପାଇ ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ଆସି ସାପ ଉଦ୍ଧାର କରିଥିଲେ। ଅଜଗର ଖାଦ୍ୟ ଅନ୍ୱେଷଣରେ କମ୍ପାନୀ ସମ୍ମୁଖକୁ ଲାଗି ଥିବା ସୁବାସୀ ସଂରକ୍ଷିତ ଜଙ୍ଗଲରୁ କୌଣସି ଜନ୍ତୁ ଗିଳି ଦେଇଥିଲା। ଅଜଗର ଦେଖି କାରଖାନା କାର୍ଯ୍ୟରତ ନିରାପତ୍ତା କର୍ମଚାରୀମାନେ ପ୍ରଥମେ ଉଦ୍ଧାର ପାଇଁ ସ୍ନେକ ହେଲ୍ପଲାଇନ ସଦସ୍ୟ ଓ ବନ ବିଭାଗକୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସୁଶାନ୍ତ ପାତ୍ର, ସ୍ମୃତି ରଞ୍ଜନ ରାଉତ ଓ ବନରକ୍ଷୀ ରଶ୍ମିତା ବାରିକ ପ୍ରମୁଖ ପହଞ୍ଚି ଅଜଗର ସେଠାରୁ ଉଦ୍ଧାର କରି ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ଝରଣା କୂଳରେ ଛାଡି ଦେଇଥିଲେ। ଅଜଗର ଲମ୍ବ ୧୫ ଫୁଟ ହୋଇଥିବା ବେଳେ ଓଜନ ୭୦ କେଜିରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

# ପରିତ୍ୟକ୍ତ ସ୍ଥାନରେ ଉନ୍ନୟନ କାର୍ଯ୍ୟ କରିବା ଦାବି

ଚୌଦ୍ୱାର,୧୪।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ତଥା ଜଳସେଚନ ବିଭାଗ ଅଧୀନରେ ଥିବା ପରିତ୍ୟକ୍ତ ସ୍ଥାନରେ ପୌରପାଳିକା ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବାକୁ ଦାବି ହୋଇଛି। ମଙ୍ଗଳବାର ପୌରପାଳିକାର ୧ରୁ ୫ନଂ ୱାର୍ଡର ବ୍ୟକ୍ତିବିଶେଷ ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଦାବିପତ୍ରରେ ଚୌଦ୍ୱାର ବିରୁପା ନଦୀକୂଳ ହାଇଲେବଲ କେନାଲ ଆଉ କାର୍ଯ୍ୟରେ ଲାଗୁ ନ ଥିବା ବେଳେ କେନାଲ ପୋତି ହୋଇପଡିବା ଓ ତାହାର ପାର୍ଶ୍ୱବର୍ତ୍ତୀ ସ୍ଥାନ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଫଳରେ ଏଥିରେ ସରୀସୃପ ଓ ଅନ୍ୟାନ୍ୟା ଜୀବଜନ୍ତୁ ବାସ କରୁଥିବା ବେଳେ ଏହା ପାର୍ଶ୍ୱ ଦେଇ ଲୋକେ ଯିବା ଅସିବା କରିବାକୁ ଭୟ କରୁଛନ୍ତି। ସ୍ଥାନ ଅଭାବରୁ ପୌରପାଳିକାର ଉନ୍ନୟନ କାର୍ଯ୍ୟ ମଧ୍ୟ ଏକରକମ ବାଧାପ୍ରାପ୍ତ ହେଉଛି। ଏତେବଡ ଯାଗା ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ବେଳେ ସେହି ସ୍ଥାନକୁ ପୌରପାଳିକା ନିଜ ଅକ୍ତିଆରକୁ ଆଣି ଚୌଦ୍ୱାର ଗ୍ରାମବାସୀଙ୍କ ପାଇଁ ପାର୍କ, କଲ୍ୟାଣ ମଣ୍ଡପ, ସୌଚାଳୟ, ଭେଣ୍ଡିଜୋନ ସହିତ ସହରୀ ବିକାଶ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଏହା ଜଳସେଚନ ବିଭାଗ ଅଧୀନରେ ଥିବା ଓ ପୌରପାଳିକା ଅକ୍ତିଆରକୁ ଆଣିବା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା କରାଯିବା ସହିତ ଦାବିଗୁଡିକ ଉପରେ ବିଚାର କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ୧ ନଂ ୱାର୍ଡ ପାରିଷଦ ଲିଲିବାଳା ସାହୁ, ସରୋଜ ନାୟକ, ଚିତ୍ତରଞ୍ଜନ ବେହେରା, ପରେଶ କୁମାର ନାୟକ, କୃଷ୍ଣଚନ୍ଦ୍ର ପରିଡା, ସୁବାସ ଚନ୍ଦ୍ର ନାୟକ, ସୌମ୍ୟରଞ୍ଜନ ନାୟକ, ଗିରିଧାରୀ ବେହେରା, ସମରଜୀତ ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି।

# ଚାକିରି ପଛରେ ନ ଧାଇଁ ଚାକିରି ସୃଷ୍ଟି କର

**ଉଦ୍ୟୋଗପତି କ୍ୟାରିଅର କାଉନ୍‌ସେଲିଂ**

କଟକ,୧୪।୧୦(କାର୍ତ୍ତିକ ସାହୁ)

ପିଲାଙ୍କୁ ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ ଭାବେ ଦେଖିବା ପାଇଁ ସବୁ ମା'ବାପା ମନରେ ଆଶା ରଖିଥାନ୍ତି। ପିଲାଟି ମଧ୍ୟ ସେହି ଚିନ୍ତାଧାରାକୁ ସାକାର କରିବା ପାଇଁ ଲାଗି ପଡ଼େ। ତେବେ ସବୁପିଲା ଏଥିରେ ସଫଳ ହୁଅନ୍ତି ନାହିଁ। ସଫଳତା ପାଇ ନ ଥିବା ପିଲାଟି ଭାଙ୍ଗି ପଡ଼େ। ଜୀବନ ସାରା ସେ କେବଳ ଆତ୍ମଗ୍ଲାନିରେ ଧନ୍ଦି ହୋଇଯାଏ। ତେଣୁ ଚାକିରି ପଛରେ ନ ଧାଇଁ ଚାକିରି ସୃଷ୍ଟି କର। ତେବେ ଯାଇ ଆମର ହେବ ଅର୍ଥନୈତିକ ପ୍ରଗତି। ଡାକ୍ତର, ଇଞ୍ଜିନିୟର ହେବା ନିଶାକୁ ପରିତ୍ୟାଗ କରି ଭଲ ଉଦ୍ୟୋଗୀପତି ହେବାକୁ କଟକ ଡିଏଭି ଏସିବି ମେଡିକାଲ ପବ୍ଲିକ ସ୍କୁଲରେ ଉଦ୍ୟୋଗପତି କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ବିଦ୍ୟାର୍ଥୀମାନଙ୍କୁ କହିଛନ୍ତି। ସଫଳ ଉଦ୍ୟୋଗୀ ହେବା ପାଇଁ ଧନ ବାଧକ ସାଜେନି, ଆବଶ୍ୟକ ପଡ଼େ ଧୈର୍ଯ୍ୟ, ନିଷ୍ଠା, ଦୃଢ଼ ସଙ୍କଳ୍ପ ଏବଂ ଉତ୍ତମ ସମ୍ପର୍କ। ଯାହା ତାଙ୍କ ନିଜ ଜୀବନଯାତ୍ରାର ସଂଘର୍ଷମୟ ଅନୁଭୂତିକୁ ଏବେ ବି ଜୀବନ୍ତ ରଖିଛି ବୋଲି ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ ପଣ୍ଡା କହିଥିଲେ। ଆଗାମୀ ଦିନରେ ଜଣେ ଭଲ ଉଦ୍ୟୋଗପତି ହେବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ ମ୍ୟାନେଜିଙ୍ଗ କମିଟି ଅଧକ୍ଷ ରବିନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ସ୍କୁଲର ପ୍ରିନ୍ସପାଲ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



# ଉପର ବାଲିଯାତ୍ରା ପଡ଼ିଆରେ ୭୫% ଗାଡ଼ି ପାର୍କିଂ ନିଷ୍ପତ୍ତିକୁ ବିରୋଧ

**ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କଟକ,୧୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଭଏସ୍ ଅଫ୍ କଟକ ପକ୍ଷରୁ କଟକ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଚଳିତବର୍ଷ ଉପର ବାଲିଯାତ୍ରା ପଡ଼ିଆରେ ୭୫ ପ୍ରତିଶତ ଭାଗ ଜାଗାରେ ଗାଡ଼ି ପାର୍କିଂ ଓ ଷ୍ଟାଣ୍ଡ ନିଷ୍ପତ୍ତି କରିଥିବାରୁ ଏହାକୁ ସିଧାସଳଖ ବିରୋଧ କରାଯାଇ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉପର ପଡ଼ିଆରେ କେବଳ ଦୋକାନୀମାନଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ରଖାଯାଉ, ଭିଆଇପି ଗାଡ଼ି ପାର୍କିଂ ଏବଂ ଷ୍ଟାଣ୍ଡକୁ ହରିଣ ପାର୍କ କିମ୍ବା ମହାନଦୀ ବୋଟିଂ ଅଞ୍ଚଳରେ କରାଯାଉ। ବ୍ୟାଟେରି ଗାଡ଼ି ପାର୍କିଂ ସ୍ଥାନରୁ ଭିଆଇପି ପାଇଁ ଯିବାଆସିବା ବ୍ୟବସ୍ଥା କରାଯାଉ ବୋଲି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭଏସ୍ ଅଫ୍ କଟକ ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ, ସିଦ୍ଧାର୍ଥ ନନ୍ଦ, ବରିଷ୍ଠ ସଦସ୍ୟ ତପନ ସାହୁ, ଆଇନଜୀବୀ ସ୍ୱପ୍ନା ରାନୀ ମଙ୍ଗରାଜ, ଆଇନଜୀବୀ ସ୍ମୃତି ରଞ୍ଜନ ରାଉତ, ଶାନ୍ତନୁ ମହାପାତ୍ର, ଜନାର୍ଦ୍ଦନ ମହାନ୍ତି, ପ୍ରଦୀପ୍ତ ବେହେରା, କୁନିଆ ସେଠୀ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଆରଡିସିଙ୍କ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ଭଏସ୍ ଅଫ୍ କଟକ କର୍ମକର୍ତ୍ତା।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ବାଣପୁର,୧୪।୧୦(ବିଲାସ କୁମାର ସ୍ୱାଇଁ):** ବାଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ସଭାପତି ଶିଶିର କୁମାର ଦାସଙ୍କ ସଭାପତିତ୍ୱ ଏବଂ ସଂଯୋଜକ ଶ୍ରୀକାନ୍ତ କୁମାର ସାହୁଙ୍କ ଆବାହକତ୍ୱରେ ନରେନ୍ଦ୍ରପୁର ଜିପି ଉପେନ୍ଦ୍ର ବିଦ୍ୟାପୀଠ ଓ ଭବାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୦ଟି ବିଦ୍ୟାଳୟର ୧୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ତର୍କ, ବିତର୍କ, ରଚନା, ବୁଦ୍ଧିପରୀକ୍ଷା, ସଙ୍ଗୀତ, ଶିଳ୍ପକଳା ଆଦିରେ ଭାଗ ନେଇଥିଲେ। ବିଚାରକ ଭାବେ ମହେଶ୍ୱର ଜେନା, କିରଣ ଜେନା, ବିମଳ ହେମ୍ବ୍ରମ, ସତ୍ୟନାରାୟଣ ନାୟକ, ଅପର୍ଣ୍ଣା ବରାଳ ଯୋଗଦେଇଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ଦୁଇ ବିଦ୍ୟାଳୟର ସଭାପତି ପ୍ରକାଶ ଦାସ ଓ ପବିତ୍ର ବରାଳ, ଦିଲୀପ କୁମାର ଶ୍ରୀଚନ୍ଦନ, ମମତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିତର୍କରେ କୋଷ୍ଟିପ୍ରଭା ବଳିୟାରସିଂହ, ତର୍କରେ ବିଷ୍ଣୁପ୍ରିୟା ସ୍ୱାଇଁ, କଣ୍ଠ ସଙ୍ଗୀତରେ ପୁନମ ଜେନା, ରଚନାରେ ଗୁରାଳି ଦଳାଇ ଓ ଚିତ୍ରାଙ୍କନରେ ରାଜଲକ୍ଷ୍ମୀ ଦାସ (ଦିବ୍ୟାଙ୍ଗ) ଓ ଶିବାନୀ ଦାସ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୁରଭିକୁ ମନୋନୀତ ହୋଇଛନ୍ତି। ଶିକ୍ଷୟିତ୍ରୀ ଚନ୍ଦ୍ରମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କିରଣବାଳା ସେଠୀ, ସଞ୍ଜିତ୍ ସେଠୀ, ପ୍ରମୋଦ ମହାପାତ୍ର, ରାଜକିଶୋର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାକୁ ୧୪ ମନୋନୀତ

**କୃଷ୍ଣପ୍ରସାଦ,୧୪।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକର ରାମଚଣ୍ଡୀ କ୍ଲଷ୍ଟର ଅଧୀନ ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ତିଛିଣି ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରଶାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗର ୭ ଜଣ ଏବଂ କନିଷ୍ଠ ବିଭାଗର ୭ ଜଣ କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସୁରଭି ନିମନ୍ତେ ଚୟନ କରାଯାଇଛି। ବିଦ୍ୟାପୀଠର ପ୍ରଧାନଶିକ୍ଷକ ସନାତନ ତରେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିନ ଦାସ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସଚ୍ଚିଦ୍ରନାଥ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଛତୁ ଫାର୍ମରୁ ସାମଗ୍ରୀ ଚୋରି ଘଟଣାରେ ଜଣେ ଗିରଫ

ଖୋର୍ଦ୍ଧା,୧୪।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ଅରାଙ୍ଗ ଗ୍ରାମର ଛତୁ ଫାର୍ମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅରାଙ୍ଗ ଅଞ୍ଚଳର ବାଦଲ ଦାସ। ତାଙ୍କ ନିକଟରୁ ଏକ ଇଲେକ୍ଟ୍ରିକ ନଡ଼ାକଟା ମେଶିନ ଏବଂ ପାଣି ପମ୍ପ୍ ଜବତ ହୋଇଛି। ସୂଚନା ମୁତାବକ, ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ମୋହନ ସ୍ୱାଇଁ ରଣଆଣି ଗ୍ରାମରେ ଛତୁ ଫାର୍ମ କରିଛନ୍ତି। ସବୁଦିନ ଭଳି ମୋହନ ଗତ ୧୦ତାରିଖ ରାତିରେ ଫାର୍ମ ବନ୍ଦକରି ଘରେ ଶୋଇଥିଲେ। ଏହି ସମୟରେ କେହି ବ୍ୟକ୍ତି ଫାର୍ମ ଝରକା ଭାଙ୍ଗି ଏକ ଇଲେକ୍ଟ୍ରିକ ନଡ଼ାକଟା ମେଶିନ, ୨ଟି ପାଣି ପମ୍ପ୍, ଏକ ବସ୍ତା ବେଶନ, ଶାବଳ, କଟୁରି, ୫୦ କେଜି ଛତୁ, ୧୩ ହଜାର ଟଙ୍କା ଚୋରିକରି ନେଇଯାଇଛନ୍ତି। ୧୧ ତାରିଖରେ ଏନେଇ ମୋହନ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

# 'ପାଠପଢ଼ା ସହ କଳା ପ୍ରତିଭା ବିକାଶ କର'

**ଜିଲ୍ଲାସ୍ତରୀୟ କଳା ଉତ୍ସବ**

**୧୨ ବିଭାଗରେ କଳା ଦେଖାଇଲେ ୨୮୭ ଛାତ୍ରୀଛାତ୍ର**

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାଠାରେ ଜିଲ୍ଲାସ୍ତରୀୟ କଳା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ଟି ବ୍ଲକରୁ ମୋଟ୍ ୨୮୭ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୨ଟି ବିଭାଗରେ ପିଲାମାନେ କଳା ପ୍ରଦର୍ଶନ କରିଥିଲେ। ଏହି ଉତ୍ସବକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଂଯୋଜିକା ସୁମିତା ପଟ୍ଟନାୟକ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କଠାରୁ ଜଣେ କୃତୀ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ପାଠପଢ଼ା ସହ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ମାର୍ଗଦର୍ଶନ କରାଯାଇଥିଲା। କଳା ଆଗକୁ ବଢ଼ିବାର ସୁଯୋଗ ଦେଇଥାଏ। ପିଲାଙ୍କ ସୃଜନଶୀଳତା ବିକାଶରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରମୁଖ ଭୂମିକା ରହିଛି। କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସୋଲୋ ସଙ୍ଗୀତରେ ଆହାନ ସ୍ୱାଇଁ ପ୍ରଥମ, ଭୋକାଲ ମ୍ୟୁଜିକ୍ ଗ୍ରୁପରେ ଚନ୍ଦ୍ରଶେଖରପୁର ଡିଏଭି, ସଙ୍ଗୀତରେ ଜୟ ଅଗ୍ରୱାଲ, ମେଲୋଡିରେ ପ୍ରଥମ ପ୍ରଜ୍ୱଳ ସୂତାର, ପାରମ୍ପରିକ ଦଳଗତ ସଙ୍ଗୀତରେ ବିକାଶ ଆବାସିକ ବିଦ୍ୟାଳୟ ଭୁବନେଶ୍ୱର, ସୋଲୋ ନାଚରେ କ୍ଷୀରାବ୍ଧି ତନୟା ରାଉତ, ଦଳଗତ ନୃତ୍ୟରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲୁଗାଁ, ଦଳଗତ ନାଟକରେ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଟୁ ଡି ଆର୍ଟରେ ଟିକିଲାଶୀ ଦାସ, ଥ୍ରୀ ଡି ଆର୍ଟରେ ନିରଞ୍ଜନ ବାରିକ, ଭିଜୁଆଲ ଆର୍ଟ ଗ୍ରୁପରେ ଲିପ୍ସା ଶ୍ରୀଚନ୍ଦନ ଓ ସ୍ନେହାଶିଷ ସାହୁ, ଗଳ୍ପ କଥନରେ ଅଭିଷେକ ମିଶ୍ର ଓ ଶିଶିର ମହାରଣା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୧୭ ତାରିଖରେ ହେବାକୁଥିବା ଜୋନାଲସ୍ତରୀୟ କଳା ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ବିଜେବି ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ, ପ୍ରଧାନଶିକ୍ଷକ ଅଗାଧୁ ସେଠୀ, ସିଆର୍‌ସିସି ରେବତୀ ପଣ୍ଡା, ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜିକା ସୁନୀତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପିଲାଙ୍କ ସୁପ୍ତ , ଲୁପ୍ତ ପ୍ରତିଭାକୁ ପ୍ରସ୍ଫୁଟିତ କରୁଛି ସୁରଭି

**ବେଗୁନିଆ,୧୪।୧୦(ହର ପ୍ରସନ୍ନ ପଣ୍ଡା):** ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବେଗୁନିଆ ବ୍ଲକର ୧୫ଟି କ୍ଲଷ୍ଟର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନେକ ପ୍ରତିଭା ସୁପ୍ତ, ଲୁପ୍ତ ହୋଇ ରହିଯାଉଛି। ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସୁରଭି କାର୍ଯ୍ୟକ୍ରମ କରାଯାଉଛି ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ବେଗୁନିଆ ପଞ୍ଚାୟତ ସମିତି କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତା ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶିବ କୁମାର ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚସଖା ଶିକ୍ଷା ସେତୁର ନୂତନ ସମ୍ପାଦକ ଭବାନୀ ଶଙ୍କର ଜୟସିଂହ ମୁଖ୍ୟ ଅତିଥି ଏବଂ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ ସାହୁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ୧୫୩ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୮୪ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସିଆର୍‌ସିସି ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳିକା ପରିଡା ଏବଂ ଦୀପକ ପାଟ୍ଟଶାଣୀ ବିଚାରକଭାବେ ଯୋଗଦେଇଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Commission Agents, both sex for Hotel Room and Cottage Booking, commission at 10 to 20 percent on booking charge. Contact - 9861129953.

**WANTED**
ADD THE NEW WINGS TO YOUR CAREER
India Most Trusted Company is looking prof. M/F for Team Leader and Part Time Emp in Bhubaneswar and Cuttack. (Need Ex. Bankers, Retired and VRS Emp, Professional Housewife, Real Estate Employee, Mutual fund and Insurance Advisor, Corp Employees and other Business People are Welcome).
9866320431, 9776868008.

See Career Appointment on every Wednesday & Saturday

**WANTED**
Wanted Girls Age 18 to 25 years for
TAKEAWAY RESTAURANT
Packaging Unit & Home Nursing.
Salary Rs.8000/- to Rs.10,000/-
Bhubaneswar.
Contact : 6370061224

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମୁକ୍ତାପୁର କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ମହାମାୟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁକ୍ତାପୁର ସରପଞ୍ଚ ସୁଦାମ ସେଠି, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମଙ୍ଗରାଜ ଯୋଗଦେଇଥିଲେ। ମୁକ୍ତାପୁର ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମାହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନରହରି ନନ୍ଦ, ମମତା ବେହେରା, ପଦ୍ମନାଭ ସାହୁ, ରମେଶ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପଣ୍ଡା, ଅଞ୍ଜଳି ବେହେରା, ନୃସିଂହମଣି ବେହେରା, ବିଭୁଜ୍ୟୋତି ପଟ୍ଟନାୟକ, ସୁନିତା ମହାରଣା, ଆଲିଆ ଫିର୍ଦ୍ଦୋଷ, ପ୍ରଣତି ବରାଳ, ବବିତା ଦତ୍ତ, ଅନିତା ମହାପାତ୍ର, ବିଜୟ ସାହୁ, ଅଜୟ ସାହୁ, ହୀରାମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଓ ବଙ୍ଗିଦା ପଞ୍ଚାୟତ ଅଧୀନରେ ଥିବା ୮ଟି ବିଦ୍ୟାଳୟ ଓ ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କାଇପଦର କ୍ଲଷ୍ଟର ସ୍ତରୀୟ ସୁରଭି- ୨୦୨୫ ଶିଶୁ ମହୋତ୍ସବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଇପଦରଠାରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବାଗେଶ୍ରୀ ମହାପାତ୍ର ସଂଯୋଜନା କରିଥିଲେ। ସାମାଜିକ କର୍ମୀ ବିଜୟ କୁମାର ଅରିସଲ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଉମେଶ ସାହୁ, ପୂର୍ବତନ ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ, ସମାଜସେବୀ ଭିକାରୀ ଚରଣ ବଳିୟାରସିଂହ, ଶିକ୍ଷାବିତ୍ ରଜନୀକାନ୍ତ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ୧୨ଟି ବିଭାଗରେ ପିଲାମାନେ କଳା ପ୍ରଦର୍ଶନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଆଡଖଣ୍ଡିଆର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଟୁନି ଦେଇ, ତ୍ରିଲୋଚନ ବେହେରା, ଆଶିଷ କୁମାର ରାୟ, ଅଗାଧୁ ସେଠୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ସାହୁ, ମନୋରମା ସ୍ୱାଇଁ ପ୍ରମୁଖ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ହଳଦିଆଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ସ୍ଥାନୀୟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୦ରୁ ଊର୍ଦ୍ଧ୍ୱ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ବନିତା ବେହେରା, ପ୍ରଧାନ ଶିକ୍ଷକ ଅଜୟ ନିଶଙ୍କ, ପ୍ରଧାନ ଶିକ୍ଷକ ପ୍ରକାଶ ପଲେଇ, ବିଚାରକଭାବେ ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଭକ୍ତ ବଲ୍ଲଭ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ଅଶୋକ ଦାଶ ଏବଂ ସିଆର୍‌ସିସି ବିକାଶ କୁମାର ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲଷ୍ଟରସ୍ତରରୁ ସର୍ବୋତ୍ତମ ୨୪ଜଣ ଉନ୍ନୀତ ହୋଇ ବ୍ଲକସ୍ତରରେ ଅଂଶଗ୍ରହଣ କରିବେ ବୋଲି ସିଆର୍‌ସିସିଙ୍କ ଠାରୁ ସୂଚନା ମିଳିଛି।

## ରେଳଧାରଣାରୁ ଜବତ ମୃତ ଯୁବକଙ୍କ ପରିଚୟ ମିଳିଲା

**ନିରାକାରପୁର,୧୪।୧୦(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଷ୍ଟେଶନ ଓ ୨୧୯ନମ୍ବର ରେଳଫାଟକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଡାଉନ୍‌ଲାଇନ ରେଳ ଧାରଣାରୁ ଗତ ୮ତାରିଖରେ ଜବତ ହୋଇଥିବା ଅଚିହ୍ନା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ପୁରୀ ଜିଲ୍ଲା ହରିପୁର ଗ୍ରାମର ମାଳଦ ସ୍ୱାଇଁ(୩୦)। ସୂଚନା ମୁତାବକ, ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ଅଚିହ୍ନା ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ତେବେ ଯୁବକଙ୍କ ପରିଚୟ ମିଳି ନ ପାରିବାରୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମୃତକଙ୍କ ସ୍ତ୍ରୀ, ବଡ଼ଭାଇ ଓ ଅନ୍ୟମାନେ ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ନିକଟରେ ପହଞ୍ଚିବା ପରେ ଖୋର୍ଦ୍ଧା ମେଡିକାଲ ଯାଇ ମୃତଦେହ ଚିହ୍ନଟ କରିଥିଲେ ବୋଲି ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି।

IN THE COURT OF SH. HARIYOT SINGH BHALLA. LD DJ-03. SOUTH-WEST, DWARKA COURT, NEW DELHI
ATTENDANCE OF DEFENDANT
(ORDER 5. RULE 20 OF THE CODE OF CIVIL PROCEDURE)
SUMMONS FOR SETTLEMENT OF ISSUES
(O. 5, R.1, 5.)
CS DJ ADJ 591/24
SH. HALADHAR NAYAK ....PLAINTIFF
V/s
SMT. GEETANJALI NAYAK ....DEFENDANT

To,
1. GEETANJALI NAYAK W/O LATE SHRI JALADHAR NAYAK R/O ALASARPUR, PATRAPUR, P.O. BANKESHWAR, DISTRICT KENDRAPARA ODISHA 754215

